ଧରିତ୍ରୀ
DHARITRI
ଧରିତ୍ରୀ 50 Years
ପୃଷ୍ଠା–୧୨+୮
ଭୁବନେଶ୍ୱର, ରବିବାର, ମେ ୧୯/୨୦୨୪ (୧୨+୮=୨୦ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, May 19/2024 | Page 20 | ₹ 7.00 | SAMBALPUR
୫୦ଶ ଭାଗ ୧୭୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 174 | ମୂଲ୍ୟ ₹୭/-



# VIKASH GROUP OF INSTITUTIONS
## ★★★ BHAWANIPATNA ★★★
### AISSE X, AISSCE XII & JEE Main Results 2024

No.1 SCHOOL OF ODISHA
No.6 in India & No.1 School in Western Odisha



## RESULTS OF AISSE (10th) 2024

1 ★★★★★ DISTRICT TOPPER (Kalahandi)



98.2% POORAB BEHERA

| | | | | | |
|---|---|---|---|---|---|
| 96% HEMANTA | 96% SIDHARTH | 95.8% ARMAAN | 95.2% MIHIR | 95.2% PRIYANSHU | 95% RONAK RAJ |
| 94% SIDDHI | 94% SASWAT | 93.8% SIMRAN | 93.4% AYUSHI | 93.4% SIDDHI | 93.2% SUBHAM |
| 93% PIYUSH | 93% SHREYANSH | 92.4% SUPRAJITA | 92.4% AYUSHI | 92.4% HIMANSHU | 92.4% PRAVASH |
| 90.6% RUDRA | 90.4% SUBHRANSU | 90% SAMRIDDHI | 90% ANSHUMAN | 90% DHARMESH | |

RESULTS OF AISSE (10th) 2024

| 95% and above | 90% and above | 80% and above | 70% and above | 60% and above |
|---|---|---|---|---|
| 07 | 24 | 53 | 87 | 115 |

100% SUCCESS RATE

## JEE Main 2024



98.79 Percentile Saswat Panigrahi

## RESULTS OF AISSCE (12th) 2024



93% Saswat



92.2% Sourav

| 90% and above | 80% and above | 70% and above | 60% and above | Overall Results |
|---|---|---|---|---|
| 02 | 03 | 10 | 37 | 100% |

100% SUCCESS RATE

75% of appeared students got FIRST CLASS

## ADMISSIONS OPEN (Day Cum Boarding)
From Nursery to Grade XI 2024-25

## CBSE XI
(Science & Commerce)

- Integrated JEE & NEET Coaching (for Class XI & XII)
- Techno Syllabus from Class-6th Onwards
- Separate AC/Non-AC hostels
- E-Classrooms

Follow us on
vikash_school_bhawanipatna
vikashinstitutions.com

## CONGRATULATIONS TO ALL THE ACHIEVERS

Vikash Residential School Bhawanipatna — 70779 33733

Laxmi Vikash Techno School Kantabanji — 99372 52999

Laxmi Vikash Global School Jeypore — 90402 60371

BHAWANIPATNA
KANTABANJI
JEYPORE

At. Vikash Wisdom Park ,Kandhbandopala,Bhawanipatna,Dist.Kalahandi,Odisha,PIN-767039
At. Laxmi Vikash Techno School,Balangir Road,Kantabanji,Dist.Balangir,Odisha,PIN-767039
At. Laxmi Vikash Global School,Maliguda,Main Road,Jeypore,Dist.Koraput,Odisha,PIN-767039




ନେଟୱର୍କ ସମସ୍ୟା ଯୋଗୁ ବାରବନ୍ଧ ଗାଁର ଲୋକେ ପାଣିଟାଙ୍କି ଉପରକୁ ଚଢ଼ି ମୋବାଇଲରେ କଥା ହେଉଛନ୍ତି।

# ପାଣିଟାଙ୍କି ଉପରେ ପାଲଟିଛି ମୋବାଇଲ ନେଟ୍‌ୱର୍କ ଜୋନ୍

ବଲାଙ୍ଗୀର/ମୁରିବାହାଲ,୧୮।୫
(ବୀରେନ୍ଦ୍ର କୁମାର ଝାଙ୍କର/ଶ୍ରୀବତ୍ସ ବେହେରା)

■କଥା ହେବା ପାଇଁ ଲୋକେ ଚଢୁଛନ୍ତି ପାଣିଟାଙ୍କି

■ନେଟ୍‌ୱର୍କ ନାହିଁ ତ ଭୋଟ ନାହିଁ କହିଲେ ଗ୍ରାମବାସୀ

ମୋବାଇଲ ଫୋନ୍‌ରେ କଥା ହେବା ପାଇଁ ଗ୍ରାମବାସୀଙ୍କୁ ଚଢ଼ିବାକୁ ପଡୁଛି ଗାଁରେ ଥିବା ପାଣିଟାଙ୍କି ଉପରକୁ। ଗାଁରେ ଲାଗି ରହିଛି ମୋବାଇଲ ନେଟୱର୍କ ସମସ୍ୟା। ଏହି ସମସ୍ୟା ଦୂର କରିବାକୁ ଏହି ଅଞ୍ଚଳର ଲୋକେ ବାରମ୍ବାର ଦାବି କରି ଆସୁଛନ୍ତି। ହେଲେ କେହି ଶୁଣୁନାହାନ୍ତି। ଫଳରେ ଗାଁ ଲୋକେ ଏବେ ନେଇଛନ୍ତି ଚରମ ପଦକ୍ଷେପ। ନେଟ୍‌ୱର୍କ ନାହିଁ ତ ଭୋଟ ନାହିଁ ନାରା ଦେଇ ବିଭିନ୍ନ ଦଳର ପ୍ରାର୍ଥୀ ଏବଂ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଗାଁଲୋକେ। ନିର୍ବାଚନ ସମୟରେ ଲୋକଙ୍କ ଏଭଳି ଚେତାବନୀ ଏବେ ଚର୍ଚ୍ଚାର ବିଷୟ ହୋଇଛି।

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଅନ୍ତର୍ଗତ ଗୁଡିଘାଟ ଗ୍ରାମ ପଞ୍ଚାୟତର ବାରବନ୍ଧ, ସୁକୁନିପଦର, ରାଣୀସିଲେଟ୍, ବେହେରାଖାଇ ଓ କୁଟୁନିଝରନ୍ ଗାଁରେ ମୋବାଇଲ ନେଟ୍‌ୱର୍କ ସମସ୍ୟା ଯୋଗୁ ଲୋକେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଛାତ୍ରୀଛାତ୍ର, ଯୁବତୀ ଯୁବକ, ବ୍ୟବସାୟୀ, ଚାକିରିଆ, କର୍ମଚାରୀ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଦେଶରେ ଡିଜିଟାଲ ଇଣ୍ଡିଆର ନାରା ଦିଆଯାଉଥିବା ବେଳେ ବ୍ଲକ ମୁଖ୍ୟାଳୟ ଠାରୁ ପ୍ରାୟ ୫ କିଲୋମିଟର ଦୂରରେ ଥିବା ଏହି ଗାଁଗୁଡିକରେ ମୋବାଇଲ ନେଟୱର୍କ ନ ଥିବାରୁ ଏଠାକାର ଜନସାଧାରଣ ଆଜିର ସମୟରେ ମୋବାଇଲ ଫୋନ ବ୍ୟବହାର ପାଇଁ ହନ୍ତସନ୍ତ ହେଉଛନ୍ତି। ବିଶେଷକରି ଗାଁରେ ସ୍ୱାସ୍ଥ୍ୟଗତ ସମସ୍ୟା, ଦୁର୍ଘଟଣାଜନିତ ସମସ୍ୟା କିମ୍ବା ଜରୁରିକାଳୀନ କାର୍ଯ୍ୟ ପାଇଁ ଆମ୍ବୁଲାନ୍ସ, ଅଗ୍ନିଶମ ବିଭାଗ କିମ୍ବା ପୋଲିସକୁ ଡାକିବାକୁ ହେଲେ ଲୋକେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାସହିତ କୌଣସି ସାମାଜିକ ବା ଅନ୍ୟାନ୍ୟ ଜରୁରୀ କାର୍ଯ୍ୟ ପାଇଁ ମଧ୍ୟ କାହାକୁ ଯୋଗାଯୋଗ କରିହେଉ ନାହିଁ। ମୋବାଇଲ ନେଟ୍‌ୱର୍କ ପାଇଁ ଲୋକଙ୍କୁ ଗାଁରେ ତିଆରି ହୋଇଥିବା ପାଣିଟାଙ୍କି ବା ଓଭରହେଡ ଟାଙ୍କି ଉପରକୁ ଚଢ଼ି କଥା ହେବାକୁ ପଡୁଛି। କୌଣସି ସମ୍ପର୍କୀୟଙ୍କ ସହ କଥା ହେବାକୁ ହେଲେ ମଧ୍ୟ ମୋବାଇଲ ଧରି ପାଣିଟାଙ୍କି ଉପରକୁ ଚଢ଼ିବାକୁ ପଡୁଛି। ଏହି ସମସ୍ୟା ଯୋଗୁ ମହିଳାମାନେ ଫୋନ କରିବାରୁ ବଞ୍ଚିତ ହେଉଛନ୍ତି। କୌଣସି କାର୍ଯ୍ୟରେ ଘରୁ ପୁରୁଷ ଲୋକେ ଗାଁରୁ ସହରକୁ ବା ଅନ୍ୟତ୍ର ଗଲେ ସେମାନଙ୍କ ସହ ଆଉ ଯୋଗାଯୋଗ ସମ୍ଭବ ହେଉନାହିଁ। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଲୋକେ କଷ୍ଟ ଅନୁଭବ କରୁଥିବା ବେଳେ ନେଟୱର୍କ ସମସ୍ୟା ସେମାନଙ୍କୁ ଅଡୁଆରେ ପକାଇଛି। ସାଧାରଣ ପଙ୍ଖା ସଜାଡିବା ବା ବିଦ୍ୟୁତ୍ ସମସ୍ୟା ସୁଧାରିବା ପାଇଁ ବାହାରୁ ମେକାନିକ ଡାକିବାକୁ ହେଲେ ଫୋନ୍ କରିବା ସମ୍ଭବ ହେଉନାହିଁ। ବାରମ୍ବାର ଏ ନେଇ ଗାଁ ଲୋକେ ପ୍ରଶାସନିକ ଅଧିକାରୀ ଏବଂ ନେତାମାନଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଫଳରେ ଲୋକେ ଆଗାମୀ ୨୦ ତାରିଖ ନିର୍ବାଚନକୁ ବର୍ଜନ କରିବା ପାଇଁ ଧମକ ଦେଇଛନ୍ତି।

# ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରିବା ନେତାଙ୍କ କର୍ତ୍ତବ୍ୟ ହେଉ: ନରସିଂହ

ବଲାଙ୍ଗୀର,୧୮।୫(ବୀରେନ୍ଦ୍ର କୁମାର ଝାଙ୍କର)

**ପାଇଲଟ ଟ୍ରେନିଂ ସେଣ୍ଟର, କୃଷିଭିତ୍ତିକ ଶିଳ୍ପ କୁଆଡେ ଗଲା**



ବିଧାୟକ ନରସିଂହ ମିଶ୍ର।

ଆସନ୍ତା ୨୦ ତାରିଖରେ ସାଧାରଣ ନିର୍ବାଚନ, ଲୋକେ ଠିକ୍ ସମୟରେ ନିର୍ଦ୍ଧାରିତ ମତଦାନ କେନ୍ଦ୍ରକୁ ଯାଇ ନିଜର ବହୁମୂଲ୍ୟ ଭୋଟ ପ୍ରଦାନ କରିବାକୁ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଅନୁରୋଧ କରିଛନ୍ତି। ଏକ ପ୍ରେସ ରିଲିଜ୍‌ରେ ସେ କହିଛନ୍ତି ଯେ, ଆମ ଲୋକଙ୍କ ଭୋଟ ବଲାଙ୍ଗୀରର ବିକାଶ ଦିଗରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଅନେକ ନେତା ବିଭିନ୍ନ ପ୍ରକାର ପ୍ରତିଶ୍ରୁତି ଦେଇଛନ୍ତି। ୨୦୧୪ରେ ମଧ୍ୟ ସରକାରୀ ଦଳର ପ୍ରତିଦ୍ୱନ୍ଦ୍ୱୀମାନେ ପ୍ରତିଶ୍ରୁତିରେ ପୋତି ପକାଇଥିଲେ। ୨୦୧୪ ଓ ୨୦୧୯ ନିର୍ବାଚନରେ ସରକାରୀ ଦଳ ପକ୍ଷରୁ ତୁଷୁରାରେ ପାଇଲଟ ଟ୍ରେନିଂ ସେଣ୍ଟର, ଯୁବକଙ୍କ ରୋଜଗାର ପାଇଁ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା ଏବଂ ଜାଭିୟର ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ ପ୍ରତିଷ୍ଠା କଥା କହିଥିଲେ। ତେବେ ଏହା ବଲାଙ୍ଗୀରରେ କାହିଁକି ହୋଇପାରିଲା ନାହିଁ ସେ କଥା ବଲାଙ୍ଗୀରର ଜନସାଧାରଣ ବିଜେଡି ରାଜନେତାଙ୍କୁ ପ୍ରଶ୍ନ କରିବା ସମୟ ଆସିଛି ବୋଲି ଶନିବାର ଅପରାହ୍ଣ ପ୍ରାୟ ୪ଟାରେ ବିଧାୟକ ମିଶ୍ର ପ୍ରେସ୍ ରିଲିଜ୍ ଜରିଆରେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ସ୍ୱାଧୀନତା ପରବର୍ତ୍ତୀ ସମୟରେ ବଲାଙ୍ଗୀର ଲୋକଙ୍କୁ କେଉଁ ରାଜନେତାମାନେ ଭୁଆଁ ବୁଲାଉଛନ୍ତି ଲୋକେ ଜାଣିବା ସମୟ ଆସିଛି। ଦୀର୍ଘ ବର୍ଷ ପର୍ଯ୍ୟନ୍ତ ଯେଉଁ ଜନପ୍ରତିନିଧିମାନେ ନିର୍ବାଚିତ ହୋଇ ବିଧାନସଭା, ଲୋକସଭାକୁ ଯାଉଥିଲେ ସେମାନଙ୍କ ଉଦାସୀନତା ଓ ଅପାରଗତା ଯୋଗୁ ବଲାଙ୍ଗୀର ଜିଲା ଅନ୍ୟ ଜିଲା ତୁଳନାରେ ଢ଼େର ପଛରେ ପଡିଯାଇଛି। ବିଶେଷ କରି ଯୁବକମାନେ ରୋଜଗାର ଅଭାବରୁ ରାଜ୍ୟ ବାହାରକୁ ଯିବାକୁ ବାଧ୍ୟ ହେଉଛନ୍ତି। ସେମାନେ ଜିଲାରେ ଗୋଟିଏ ବି ଶିଳ୍ପ ପ୍ରତିଷ୍ଠା କରିପାରି ନ ଥିବାରୁ ଏହି ସମସ୍ୟା ଘନଉଛି। ଚଳିତ ନିର୍ବାଚନ ଯେପରି ଶାନ୍ତିଶୃଙ୍ଖଳାର ସହ ସମାପନ ହେବ ଏବଂ ଲୋକେ ବିପୁଳ ପରିମାଣରେ ମତଦାନ କରି ଗଣତନ୍ତ୍ରକୁ ସୁଦୃଢ଼ କରିବା ସହ ବଲାଙ୍ଗୀରକୁ ବିକାଶମୁଖୀ କରାଇବେ ସେ ଦିଗରେ ଯତ୍ନବାନ ହେବେ ବୋଲି ବିଧାୟକ ମିଶ୍ର ପ୍ରେସବିବୃତ୍ତିରେ ଜଣାଇଛନ୍ତି।

## ସଂକ୍ଷେପରେ

### ବିଜେଡିର ବାଇକ୍ ଶୋଭାଯାତ୍ରା

ଟିଟିଲାଗଡ଼,୧୮।୫(ଶରତ ମିଶ୍ର)

ପ୍ରାୟ ଏକ ମାସ ହେଲା ପ୍ରଚଣ୍ଡ ଖରାରେ ପ୍ରାର୍ଥୀ ତଥା ବିଭିନ୍ନ ରାଜନୈତିକ ଦଳର ନେତା ଓ କର୍ମୀମାନେ ନିର୍ବାଚନୀ ପ୍ରଚାର କରିଥିବା ବେଳେ ଶନିବାର ପ୍ରଚାରର ଶେଷ ଦିନରେ ଝିପି ଝିପି ବର୍ଷା ଆଶ୍ୱସ୍ତି ପ୍ରଦାନ କରିଛି। ବିଜେଡି ବିଧାୟକ ପ୍ରାର୍ଥିନୀ ଟୁକୁନୀ ସାହୁ ବର୍ଷାରେ ତିନ୍ତି ଦଳର କର୍ମୀଙ୍କ ଗହଣରେ ଟିଟିଲାଗଡ଼ ସହରର ୱାର୍ଡ ବୁଲି ଭୋଟ ନିବେଦନ କରିଥିବା ଦେଖା ଯାଇଥିଲା। ପୂର୍ବାହ୍ନରେ ବିଜେଡି ପକ୍ଷରୁ ଶକ୍ତି ପ୍ରଦର୍ଶନ ପାଇଁ ଏକ ବିଶାଳ ବାଇକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ଓଲିଉଡ୍ ତାରକାଙ୍କ ସମେତ ଦଳର ଯୁବ ନେତା ଜ୍ଞାନରଞ୍ଜନ ସରାଫ, ସୁନିଲ ବଚ୍ଛା, ରୁଦ୍ର ପ୍ରସାଦ ପୁଞ୍ଜି, ସମୀର ମନହିରା, ଆଲୋକ ବେହେରା, ମୁକେଶ ବେହେରା, ଅନନ୍ତ ମନହିରା, ଏମିତି ସାହିଲ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଭାଜପା ବିଧାୟକ ପ୍ରାର୍ଥୀ ନବୀନ ଜୈନ, କଂଗ୍ରେସ ଦଳର ବିଧାୟକ ପ୍ରାର୍ଥୀ ବୀରେନ୍ଦ୍ର ବାଗ ଶେଷ ମୁହୂର୍ତ୍ତରେ ବିଜୟ ପାଇଁ ପ୍ରଚାର ଜୋରଦାର କରିଥିବା ଜଣାଯାଇଛି।

### ଟ୍ରେନ୍‌ରୁ ଖସିପଡ଼ି ଯୁବକ ଗୁରୁତର

ଲାଠୋର,୧୮।୫(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ହରିଶଙ୍କର ରୋଡ ରେଳ ଷ୍ଟେଶନ ନିକଟ ସିଗନାଲଠାରେ ଶନିବାର ଚଳନ୍ତା ଟ୍ରେନରୁ ଖସିପଡି ପଞ୍ଚୁ ଚୌଧୁରୀ (୩୦) ନାମକ ଜଣେ ଯୁବକ ଗୁରୁତର ହୋଇଛନ୍ତି। ପ୍ରକାଶ ଯେ, ବିହାର ରାଜ୍ୟ ଥାଗାରିଆ ଜିଲା ଅଧୀନ ମାଚିହାଡ଼ବା ଗ୍ରାମର ପଞ୍ଚୁ ଦୁଇ ଜଣ ସମ୍ପର୍କୀୟଙ୍କ ସହ ରାଜସ୍ଥାନ ରାଜ୍ୟକୁ କୌଣସି କମ୍ପାନୀରେ କାମ କରିବା ପାଇଁ ଯାଉଥିଲେ। ଶନିବାର ସକାଳେ ସେମାନେ ବିଶାଖାପାଟନମ- ହଜରଥ ନିଜାମୁଦ୍ଦିନ ସମତା ଏକ୍ସପ୍ରେସ ଯୋଗେ ଯାତ୍ରା କରୁଥିଲେ। ରାସ୍ତାରେ ହରିଶଙ୍କର ରୋଡ ରେଳ ଷ୍ଟେଶନରେ ଟ୍ରେନ ଅପରାହ୍ନ ୪ ଟା ୩୮ରେ ଷ୍ଟପେଜ କରି ଛାଡ଼ିବା ବେଳେ ସଂପୃକ୍ତ ଯୁବକ ଟ୍ରେନ ଗେଟରେ ଛିଡ଼ା ହୋଇଥିଲେ। ଟ୍ରେନ ସିଗନାଲ ଅତିକ୍ରମ କରୁଥିବା ବେଳେ ଯୁବକ ଜଣକ ସିଗନାଲରେ ବାଡେଇ ହୋଇ ତଳେ ପଡି ଯାଇ ଗୁରତର ହୋଇ ଥିଲେ। ତାଙ୍କ ମୁଣ୍ଡରେ ଆଘାତ ଲାଗିଛି। ଦୁର୍ଘଟଣା ଯୋଗୁ ଟ୍ରେନ ଅଟକିବାରୁ ତାଙ୍କ ସମ୍ପର୍କୀୟ ମାନେ ଟ୍ରେନରୁ ଓହ୍ଲାଇ ରେଳ ବିଭାଗ କର୍ମଚାରୀମାନଙ୍କ ସହ ମିଶି ଆହତ ଯୁବକଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବଲାଙ୍ଗୀର ଜିଲା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

# ଓଡ଼ିଆ ଭଜନମାଳା ଆଚ୍ଛାଦିତ ଉନ୍ମୋଚିତ



ଭୁବନେଶ୍ୱର ସୂଚନା ଭବନଠାରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ବଲାଙ୍ଗୀର,୧୮।୫(ବୀରେନ୍ଦ୍ର କୁମାର ଝାଙ୍କର)

**ଓଡ଼ିଆ କବିତାଗୁଚ୍ଛ ଅଭୁଲାସ୍ମୃତି ଲୋକାର୍ପିତ**

ଭୁବନେଶ୍ୱରସ୍ଥିତ ଜୟଦେବ ଭବନ ଠାରେ ମହ୍ଲାର ନିବେଦିତ ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜଣାଶୁଣା ଗୀତିକବି ଜୟକୃଷ୍ଣ ତ୍ରିପାଠୀଙ୍କ ରଚିତ ଓଡିଆ ଭଜନମାଳା ଆଚ୍ଛାଦିତ ଏବଂ ସାରସ୍ୱତ ସାଧକ ଇଂ ଅଭିରାମ ଦାଶଙ୍କ ରଚିତ ଓଡିଆ କବିତାଗୁଚ୍ଛ ଅଭୁଲା ସ୍ମୃତି ଲୋକାର୍ପିତ ହୋଇଥିଲା। ଏହି ନିଆରା ସାରସ୍ୱତ କାର୍ଯ୍ୟକ୍ରମରେ ଅତିଥି ଭାବେ ପଦ୍ମଶ୍ରୀ ହଳଧର ନାଗ, ଲୋକପ୍ରିୟ ବ୍ୟଙ୍ଗକବି ଜ୍ଞାନାନନ୍ଦ ହୋତା ଏବଂ ବିଲୁପ୍ତ ଲୋକକଳା, ଲୋକସଂସ୍କୃତିର ସଂରକ୍ଷକ ତଥା ପୃଷ୍ଠପୋଷକ ଅଭିରାମ ପାଣିଗ୍ରାହୀ ଉପସ୍ଥିତ ଥିଲେ। ଏହି ଅବସରରେ ଗୀତିକବି ଜୟକୃଷ୍ଣ ତ୍ରିପାଠୀଙ୍କ ରଚନାକୁ ଲୋକପ୍ରିୟ ପୁରାତନ ହିନ୍ଦୀ ସଙ୍ଗୀତର ଛାୟାରେ ବିଶିଷ୍ଟ କଣ୍ଠଶିଳ୍ପୀ ବରଦା ପ୍ରସନ୍ନ ପଟ୍ଟନାୟକ, ଅସିତ ଦାସ, ଲୋଭା ପଡ଼ିଆରୀ, ଅମ୍ବରୀଶ ଦାଶ ଓ ଅଭିରାମ ଦାଶ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମ ବେଶ୍ ମନଛୁଆଁ ହୋଇଥିଲା। ଓଡିଶାର ଖ୍ୟାତନାମା ସଙ୍ଗୀତଜ୍ଞ ଅବନୀକାନ୍ତ ଦାସ(ଗେନୁ) ସଙ୍ଗୀତ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମର ଶେଷ ସୋପାନରେ ପଦ୍ମଶ୍ରୀ କବି ହଳଧର ନାଗଙ୍କ କୋଶଲୀ କବିତା ଦର୍ଶକଙ୍କୁ ବିହ୍ୱଳିତ କରିଥିଲା। ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ସଂଯୋଜନା କରିଥିଲେ। ସବିତା ତ୍ରିପାଠୀ, ଶିକ୍ଷାଦ୍ୟୋଗୀ ମିତ୍ରବିନ୍ଦା ଦାଶ, ନାଗ୍ନାଜିତ ତ୍ରିପାଠୀ, ବୃତ୍ତଚିତ୍ର ନିର୍ଦ୍ଦେଶକ ଗୌରହରି ବିଶ୍ୱାଳ, ମନସ୍ୱିନୀ ତରାସିଆ, ପ୍ରସନ୍ନ ମହାନ୍ତି, ଗଣେଶ ରାଉତ, ସୌମ୍ୟରଞ୍ଜନ ମହାପାତ୍ରଙ୍କ ସହଯୋଗରେ କାର୍ଯ୍ୟକ୍ରମ ମନଛୁଆଁ ହୋଇଥିଲା। ପ୍ରଯୋଜକ ଅମ୍ବରୀଶ ଦାଶ ଧନ୍ୟବାଦ ଦେଇଥିଲେ।

# ନାବାଳିକାଙ୍କ ଆତ୍ମହତ୍ୟା

ଦେଓଗାଁ,୧୮।୫(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ମହଲାଇ ଗ୍ରାମରେ ଶନିବାର ଜଣେ ସ୍କୁଲ ଛାତ୍ରୀ ଘରେ ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିବା ଜଣାଯାଇଛି। ଖବରପାଇ ଦେଓଗାଁ ଥାନାଧିକାରୀ ହରିବନ୍ଧୁ ଗଡତ୍ୟା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏନେଇ ଦେଓଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା (୮/୨୪)ରୁଜୁ ହୋଇଛି।

ପ୍ରକାଶ ଯେ, ଅପରାହ୍ନ ୨ଟା ସମୟରେ ପରିବାର ଲୋକେ ଏକ ବିବାହ ଉତ୍ସବରେ ଯୋଗଦେଇ ଘରକୁ ଫେରି କବାଟ ଖୋଲିବା ବେଳକୁ ତାଙ୍କ ଝିଅ ବେକରେ କପଡା ବାନ୍ଧି ଫ୍ୟାନରେ ଝୁଲୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ସଂପୃକ୍ତ ନାବାଳିକାଙ୍କୁ ଜଣେ ଯୁବକ ଅସଦାଚରଣ କରିବା ସମୟରେ କେତେଜଣ ଲୋକ ଦେଖି ସମ୍ପୃକ୍ତ ଯୁବକଙ୍କୁ ମାଡ ମାରିଥିବା ଗାଁରେ ପ୍ରଘଟ ହୋଇଥିଲା। ପରେ ସଂପୃକ୍ତ ନାବାଳିକା ଲୋକଲଜ୍ଜା ଭୟରେ ଆତ୍ମହତ୍ୟା କରିଥାଇପାରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ତେବେ ଏ ସମ୍ପର୍କରେ ଥାନାଧିକାରୀ ଗଡତ୍ୟାଙ୍କୁ ପଚାରିବାରେ ଅସଦାଚରଣ ନେଇ କୌଣସି ଅଭିଯୋଗ ହୋଇନାହିଁ। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ ତଥ୍ୟ ଲୋକ ଲୋଚନକୁ ଆସିବ ବୋଲି କହିଥିଲେ।

# ଭାଜପା ପକ୍ଷରୁ ବିଶାଳ ମୋଟର ସାଇକେଲ ରାଲି



ଭାଜପା ବିଧାୟକ ପ୍ରାର୍ଥୀ ଗୋପାଲଜୀ ପାଣିଗ୍ରାହୀ ବଲାଙ୍ଗୀର ସହର ପରିକ୍ରମା କରୁଛନ୍ତି।

ବଲାଙ୍ଗୀର,୧୮।୫(ବୀରେନ୍ଦ୍ର କୁମାର ଝାଙ୍କର)

**ପ୍ରଚାର ଶେଷ ଦିନରେ ଭୋଟ ଭିକ୍ଷା କଲେ ଗୋପାଲଜୀ ପାଣିଗ୍ରାହୀ**

ନିର୍ବାଚନୀ ପ୍ରଚାର ଶେଷଦିନରେ ବଲାଙ୍ଗୀର ଭାଜପା ବିଧାୟକ ପ୍ରାର୍ଥୀ ଗୋପାଲଜୀ ପାଣିଗ୍ରାହୀ ଶନିବାର ତାଙ୍କର ଶତାଧିକ ସମର୍ଥକଙ୍କ ସହ ଏକ ବିଶାଳ ମୋଟର ସାଇକେଲ ରାଲିରେ ସହର ପରିକ୍ରମା କରିଥିଲେ। ଆଜି ପ୍ରଚାର ଶେଷଦିନ ହୋଇଥିବା ବେଳେ ପୂର୍ବାହ୍ନ ପ୍ରାୟ ୧୧ଟାରେ ଭାଜପା ସହାରାଞ୍ଚଳ କାର୍ଯ୍ୟାଳୟରୁ ଏକ ସୁସଜ୍ଜିତ ଖୋଲା ଜିପ୍‌ରେ ପ୍ରାର୍ଥୀ ଗୋପାଲଜୀ ବାହାରି ସହର ପରିକ୍ରମା କରିଥିଲେ। ଭାଗିରଥି ଛକ, ବିକ୍ରମ ଛକ, ସମଲେଶ୍ୱରୀ ମନ୍ଦିର, ପାଟଣେଶ୍ୱରୀ ମନ୍ଦିର, ଲୋକନାଥ ମନ୍ଦିର, ପାଟଣା ହୋଟେଲ ଛକ ଦେଇ ଭୋଟ ଭିକ୍ଷା କରିଥିଲେ। ଏହି ଅବସରରେ ସେ ନିଜକୁ ମାଟିର ପୁଅ କହି ଭୋଟ ଦେବାକୁ ନିବେଦନ କରିଥିଲେ। ତାଙ୍କୁ ବଲାଙ୍ଗୀରର ବିକାଶ ପାଇଁ କରି ଆସିଥିବା ଜନସେବା ଓ ଆନ୍ଦୋଳନ ଯୋଗୁ ଲୋକେ ଚିହ୍ନିଛନ୍ତି ବୋଲି କହିଥିଲେ। ଆଗାମୀ ଦିନରେ ସେ ବଲାଙ୍ଗୀରର ବିକାଶକୁ ଅଧିକ ଗୁରୁତ୍ୱ ଦେବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଭାଜପା ନେତା ପୀତାମ୍ବର ଖମାରୀ, ଦିନେଶ ଶର୍ମା, ମୁନା ପଟ୍ଟନାୟକ, ଆରତୀ ଗୁରୁ ଓ ଅନ୍ୟମାନେ ସାମିଲ ହୋଇଥିଲେ।

# ଲୋଇସିଂହା ନିର୍ବାଚନମଣ୍ଡଳୀ: ୧୭୭ ବୁଥ୍‌ରେ ୱେବ୍ କାଷ୍ଟିଂ କ୍ୟାମେରା

ଲୋଇସିଂହା,୧୮।୫(ସୁଶାନ୍ତ ବାରିକ)

୨୦୨୪ ସାଧାରଣ ନିର୍ବାଚନକୁ ଅବାଧ, ମୁକ୍ତ ଓ ନିରପେକ୍ଷ କରିବାକୁ ନିର୍ବାଚନ କମିଶନ ପଦକ୍ଷେପ ନେଇଛନ୍ତି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ବୁଥଗୁଡିକରେ ୱେବ କାଷ୍ଟିଂ କ୍ୟାମେରା ଲଗାଇବାକୁ ପଦକ୍ଷେପ ନିଆଯାଇଛି। ଏହି କ୍ରମରେ ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନମଣ୍ଡଳୀର ୬୦ ପ୍ରତିଶତ ବୁଥରେ ଏହି କ୍ୟାମେରା ଲଗାଇବାକୁ ପଦକ୍ଷେପ ନିଆଯାଇଛି। ମୋ ସେବା କେନ୍ଦ୍ର ପରିଚାଳକମାନେ କ୍ୟାମେରା ସଂଯୋଗ ଦାୟିତ୍ୱ ନେଇଥିବା ଜଣାଯାଇଛି। ଏହାଦ୍ୱାରା ବୁଥରେ ଅନିୟମିତତା କିମ୍ବା ଅପ୍ରୀତିକର ପରିସ୍ଥିତି ହେଲେ କେନ୍ଦ୍ର ଓ ରାଜ୍ୟ ନିର୍ବାଚନ କମିଶନ ସହ ଜିଲା ନିର୍ବାଚନ ଅଧିକାରୀ ସିଧାସଳଖ ଉକ୍ତ କ୍ୟାମେରା ଜରିଆରେ ଦେଖିପାରିବେ ବୋଲି ଜଣାଯାଇଛି। ଲୋଇସିଂହା, ଆଗଲପୁର ଓ ପୁଇଁତଲା ବ୍ଲକ ନେଇ ଲୋଇସିଂହା ନିର୍ବାଚନମଣ୍ଡଳୀ ଗଠିତ। ନିର୍ବାଚନ ମଣ୍ଡଳୀରେ ୨୯୪ ବୁଥ ରହିଛି। ସେଥିରୁ ୬୦ ପ୍ରତିଶତ ବୁଥରେ ଉକ୍ତ କ୍ୟାମେରା ଲଗାଇବାକୁ ପଦକ୍ଷେପ ନିଆଯାଇଛି। ଲୋଇସିଂହା ବ୍ଲକର ୫୫ ବୁଥ, ଆଗଲପୁର ବ୍ଲକର ୬୦ ଓ ପୁଇଁତଲା ବ୍ଲକର ୬୨ ବୁଥରେ ମୋ ସେବା କେନ୍ଦ୍ର ପରିଚାଳକମାନେ ଉକ୍ତ କ୍ୟାମେରା ଲଗାଇବା ଦାୟିତ୍ୱରେ ରହିଛନ୍ତି।



ଲୋଇସିଂହା ପ୍ରକଳ୍ପ ବିଦ୍ୟାଳୟ ବୁଥରେ ୱେବ କାଷ୍ଟିଂ କ୍ୟାମେରା ସଂଯୋଗ କରାଯାଉଛି।

# ବଲାଙ୍ଗୀରର ବିକାଶ ତ୍ୱରାନ୍ୱିତ କରାଯିବ: କଳିକେଶ

ବଲାଙ୍ଗୀର,୧୮।୫(ବୀରେନ୍ଦ୍ର କୁମାର ଝାଙ୍କର)



ବଲାଙ୍ଗୀର ବିଜେଡି ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ବଲାଙ୍ଗୀର ଶୈଳଶ୍ରୀ ପ୍ୟାଲେସଠାରେ ଶନିବାର ଅପରାହ୍ଣ ପ୍ରାୟ ସାଢ଼େ ୪ଟାରେ ବିଜେଡି ବିଧାୟକ ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓ ଏକ ଖବରଦାତା ସମ୍ମିଳନୀ ଡାକି ତାଙ୍କର ସଂକଳ୍ପ ପତ୍ର ସମ୍ପର୍କରେ ଦୋହରାଇଥିଲେ। ନିର୍ବାଚନୀ ପ୍ରଚାର ସମୟରେ ବିଜେଡି ପ୍ରାର୍ଥୀ ଭାବେ ଲୋକେ ତାଙ୍କୁ ଯେଉଁ ସମର୍ଥନ ଓ ଉତ୍ସାହ ଦେଇଛନ୍ତି ସେଥିପାଇଁ ଧନ୍ୟବାଦ ଜଣାଇଥିଲେ। ସମ୍ମିଳନୀରେ ତାଙ୍କର ପୂର୍ବପୁରୁଷ କିଭଳି ବଲାଙ୍ଗୀରରେ ଅନେକ ବିକାଶ ପ୍ରକଳ୍ପ ଓ ଅନୁଷ୍ଠାନ ଗଢ଼ିଥିଲେ ତାହା କହିଥିଲେ। ତାଙ୍କ ଅଜା ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂଦେଓ କିଭଳି ଜିଲାର ଉନ୍ନତି କରିଥିଲେ ବିବରଣୀ ରଖିଥିଲେ। ତାଙ୍କ ବାପା ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ ଓ ସେ ଲୋକସଭା ଏମ୍‌ପି ଥିବାବେଳେ କିଭଳି ଜିଲାରେ ମେଡିକାଲ କଲେଜ, ଲୋୟର ସୁକ୍‌ତେଲ, ବାଇପାସ୍ ରାସ୍ତା କାମ ଆରମ୍ଭ କରିଥିଲେ ସୂଚନା ଦେଇଥିଲେ। ତାଙ୍କ ଉଦ୍ୟମରେ କିଭଳି ନୂଆ ବସଷ୍ଟାଣ୍ଡ ନିର୍ମାଣ ହୋଇଥିଲା, ପିଇବା ପାଣି ଯୋଗାଣ ହୋଇଥିଲା ଏବଂ ଅନ୍ୟାନ୍ୟ ବହୁ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲା ତାହା ବର୍ଣ୍ଣନା କରିଥିଲେ। ଗତ ୧୦ ବର୍ଷ ହେଲା ବଲାଙ୍ଗୀରରେ ବିରୋଧୀ ଦଳ ବିଧାୟକ ରହିଥିବାରୁ ବିକାଶ କାର୍ଯ୍ୟକ୍ରମ ସ୍ଥାଣୁ ହୋଇଥିବା କହିଥିଲେ। ସେ ବିଧାୟକଙ୍କ ଏକ ନାରାକୁ ମଧ୍ୟ ସମାଲୋଚନା କରିଥିଲେ। ଚଳିତ ନିର୍ବାଚନରେ ଲୋକେ ତାଙ୍କୁ ବିଧାୟକ ଭାବେ ବାଛିଲେ ବଲାଙ୍ଗୀରରେ କିଭଳି ବିକାଶ କ୍ଷୀପ୍ରତର ହେବ ଏବଂ ତାଙ୍କ ସଂକଳ୍ପ ପତ୍ରରେ ସେ କିଭଳି ଗୁରୁତ୍ୱାରୋପ କରିଛନ୍ତି କହିଥିଲେ। ଆଗାମୀ ଦିନରେ ବଲାଙ୍ଗୀରରେ ଶିଳ୍ପ ପ୍ରତିଷ୍ଠା, ନିଯୁକ୍ତି, କୃଷିର ଉନ୍ନତି, ଜଳସେଚନ ଉପରେ ସେ ଗୁରୁତ୍ୱ ଦେବେ ବୋଲି କହିଥିଲେ। ସମ୍ମିଳନୀରେ ଜିଲା ପରିଷଦ ସଭାପତି ଦେବକୀ ସାହୁ, ମନ୍ମଥ ନାରାୟଣ ସିଂଦେଓ, ଅର୍କେଶ ନାରାୟଣ ସିଂଦେଓ ମଞ୍ଚାସୀନ ଥିଲେ।



ଉଲୁଣ୍ଡାରେ ବିଜେଡିର ରୋଡ ଶୋ'ରେ କର୍ମୀ ଓ ସମର୍ଥକ।



ବୀରମହାରାଜପୁରରେ ଭାଜପା ରୋଡ ଶୋ'ରେ କର୍ମୀ ଓ ସମର୍ଥକ।

# ତିନିଦଳ ପ୍ରାର୍ଥୀଙ୍କ ଜୋର୍‌ଦାର ନିର୍ବାଚନୀ ପ୍ରଚାର

**ବୀରମହାରାଜପୁରରେ ଭାଜପା, ଉଲୁଣ୍ଡାରେ ବିଜେଡିର ରୋଡ ଶୋ, କଂଗ୍ରେସର ପଥପ୍ରାନ୍ତ ସଭା**

ଅମରପାଲି,୧୮।୫(ପୀତାମ୍ବର ସାହୁ)



ମେଣ୍ଡେଲିପାଲିରେ କଂଗ୍ରେସର ନିର୍ବାଚନୀ ପ୍ରଚାର।

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବିଧାନସଭା ନିର୍ବାଚନୀ ମଣ୍ଡଳୀର ବିଭିନ୍ନ ସ୍ଥାନରେ ଶନିବାର ସନ୍ଧ୍ୟାରେ ଶେଷ ହୋଇଯାଇଛି ନିର୍ବାଚନୀ ପ୍ରଚାର। ବୀରମହାରାଜପୁରରେ ଭାଜପା ଓ ଉଲୁଣ୍ଡାରେ ବିଜେଡି ରୋଡ ଶୋ କରିଥିବା ବେଳେ ବୀରମହାରାଜପୁରର ବିଭିନ୍ନ ଗ୍ରାମରେ କଂଗ୍ରେସ ପଥପ୍ରାନ୍ତ ସଭା କରିଥିଲା। ଉଲୁଣ୍ଡା ଉପକଣ୍ଠ ପୋଡ଼ିଗ୍ରିଡ଼ା ନିକଟରୁ ବିଜେଡିର ଏକ ବିରାଟ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଉକ୍ତ ଶୋଭାଯାତ୍ରା ରେ ସହସ୍ରାଧିକ ବିଜେଡି ସମର୍ଥକ ଓ କର୍ମୀ ଯୋଗଦେଇଥିଲେ। ବିଜେଡି ବିଧାୟକ ପ୍ରାର୍ଥୀ ପଦ୍ମନାଭ ବେହେରା ଏଥିରେ ଯୋଗଦେଇ ବିଜେଡି ବିଧାୟକ ଓ ବଲାଙ୍ଗୀର ଲୋକ ସଭା ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଅନୁରୋଧ କରିଥିଲେ। ସେହିପରି ସଦର ବୀରମହାରାଜପୁରରେ ରୋଡ ଶୋରେ ଭାଜପା ବିଧାୟକ ପ୍ରାର୍ଥୀ ରଘୁନାଥ ଜଗଦଲା ଯୋଗଦେଇ ଉଭୟ ବିଧାୟକ ପ୍ରାର୍ଥୀ ଓ ଏମ୍‌ପି ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ବୀରମହାରାଜପୁର ସହରରେ ଉକ୍ତ ରୋଡ ଶୋରେ ଦଳର ଶତାଧିକ କର୍ମୀ ଓ ସମର୍ଥକ ଯୋଗଦେଇଥିଲେ। ସେହିପରି କଂଗ୍ରେସ ବୀରମହାରାଜପୁର ବ୍ଲକର ଲୁଡୁରପଙ୍କ, ଖଣ୍ଡହତା ଓ ମୁର୍ଷୁଣ୍ଡି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ନିର୍ବାଚନୀ ପ୍ରଚାର କରାଯାଇଥିଲା। ବ୍ଲକର ଲୁଡୁରପଙ୍କ, ମେଣ୍ଡିଲିପାଲି, ପୁରୁଷୋତ୍ତମପାଲି, କୁଡ଼ାପଡ଼ା, ରାଧାପୁର, ମାଳିସାହି, ଦୁହଲପାଲି, ତେନ୍ତୁଳିମହଦା, ଘଣ୍ଟପାଲି, ଲୁଦୁମୁଣ୍ଡା, ମାଣିକପୁର, କର୍ଡ଼ାପାଲ ଆଦି ଗ୍ରାମରେ କଂଗ୍ରେସ ପ୍ରଚାର କରି ଦଳର ବିଧାୟକ ଓ ସାଂସଦ ପ୍ରାର୍ଥୀ ଙ୍କୁ ଭୋଟ ଦେଇ ବିଜୟୀ କରିବାକୁ ନିବେଦନ କରିଥିଲେ। କଂଗ୍ରେସ ପ୍ରଚାରରେ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଲବକୁମାର ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟ ଅଶୋକ ପୁରୋହିତ, ଧରଣୀଧର ପାଢ଼ୀ, ପୂର୍ବତନ ବ୍ଲକ ଯୁବ କଂଗ୍ରେସ ସଭାପତି ବିଦ୍ୟାଧର ଖୁର୍ଣ୍ଣିଆ, ବିଭୁପ୍ରସାଦ ସାହୁ, ରାଧେଶ୍ୟାମ ଶଙ୍ଖୁଆ, ପଦ୍ମନାଭ ପ୍ରଧାନ, ସନ୍ତୋଷ ସୁମୁର୍ଥା ପ୍ରମୁଖ ଯୋଗଦେଇ ପ୍ରଚାର କରିଛନ୍ତି।

# ୨୦ ତାରିଖରେ ବୌଦ୍ଧ ଜିଲାରେ ନିର୍ବାଚନ

ବୌଦ୍ଧ,୧୮।୫ (ଅଜିତ କୁମାର ବାରିକ)

**୧୨ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୩ ଲକ୍ଷ ୩୫ ହଜାର ୪୮୮ ଭୋଟର**

ବୌଦ୍ଧ ଜିଲାରେ ଆସନ୍ତା ୨୦ ତାରିଖରେ ନିର୍ବାଚନ ହେବାକୁ ଯାଉଥିବା ବେଳେ ଜିଲାର ଦୁଇ ଗୋଟି ନିର୍ବାଚନମଣ୍ଡଳୀ ମଧ୍ୟରୁ ବୌଦ୍ଧରେ ୬ ଜଣ ଓ କନ୍ଧମାଳ ପାଇଁ ୬ ଜଣ ପ୍ରାର୍ଥୀ ନିର୍ବାଚନୀ ମଇଦାନରେ ରହିଛନ୍ତି। ବୌଦ୍ଧ ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ପ୍ରଦୀପ କୁମାର ଅମାତ, ଭାଜପା ପ୍ରାର୍ଥୀ ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ ସରୋଜ କୁମାର ପ୍ରଧାନ ,କଂଗ୍ରେସ ପ୍ରାର୍ଥୀ ବରିଷ୍ଠ ଆଇନଜୀବୀ ନବ କୁମାର ମିଶ୍ର, ଇଣ୍ଡିଆନ ସିଟିଜେନ ପାର୍ଟିର ଷଷ୍ଠ କୁମାର ପୁରୋହିତ, ସ୍ୱାଧୀନ ପ୍ରାର୍ଥୀ ସୋମନାଥ ପୁରୋହିତ ଓ ପ୍ରଦୀପ ସାହୁ ନିର୍ବାଚନ ଲଢୁଛନ୍ତି। ସେହିପରି କନ୍ଧମାଳ ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡି ପ୍ରାର୍ଥୀ ମହିଧର ରଣା, ଭାଜପା ପ୍ରାର୍ଥୀ କହ୍ନାଇ ଚରଣ ଡାଙ୍ଗ, କଂଗ୍ରେସ ପ୍ରାର୍ଥୀ ସରୋଜ ପ୍ରଧାନ, ମାନସ ଲୋକ ଶକ୍ତି ଦଳ ପ୍ରାର୍ଥୀ କୁଞ୍ଜବିହାରୀ ସିଂ, ସ୍ୱାଧୀନ ପ୍ରାର୍ଥୀ ସୁଧାଂଶୁ ଡାଙ୍ଗ ଓ ସତ୍ୟବ୍ରତ ସାହୁ ନିର୍ବାଚନ ମଇଦାନରେ ରହିଛନ୍ତି। ଏଥର ଜିଲାରେ ୧୨ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା କରିବେ ୩ ଲକ୍ଷ ୩୫ ହଜାର ୪୮୮ ଜଣ ଭୋଟର। ବୌଦ୍ଧ ନିର୍ବାଚନମଣ୍ଡଳୀରେ ୧୬୬୪୬୧ ଭୋଟରଙ୍କ ମଧ୍ୟରୁ ପୁରୁଷ ଭୋଟର ୮୫୫୦୯, ମହିଳା ଭୋଟର ୮୦୯୪୪ ଓ ତୃତୀୟ ଲିଙ୍ଗ ଭୋଟର ସଂଖ୍ୟା ୮ ରହିଛି। ସେହିପରି କନ୍ଧମାଳ ନିର୍ବାଚନମଣ୍ଡଳୀରେ ୧୬୯୦୨୭ ଭୋଟର ରହିଥିବା ବେଳେ ପୁରୁଷ ଭୋଟର ୮୬୫୨୨, ମହିଳା ଭୋଟର ୮୨୫୦୪ ଓ ତୃତୀୟ ଲିଙ୍ଗ ଭୋଟର ସଂଖ୍ୟା ୧ ରହିଛି।

# ସରିଲା ପ୍ରଚାର: ନେତାଙ୍କ ଅନ୍ଧାରି ବିଜେ

ବୌଦ୍ଧ,୧୮।୫(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାରେ ୨୦ ତାରିଖରେ ନିର୍ବାଚନ ହେଉଥିବା ବେଳେ ଶନିବାର ସନ୍ଧ୍ୟାଠାରୁ ପ୍ରଚାର ଶେଷ ହେଉଛି। ବୌଦ୍ଧ ଓ କନ୍ଧମାଳ ନିର୍ବାଚନମଣ୍ଡଳୀରେ ଏଥର ଭାଜପା, ବିଜେଡି ଓ କଂଗ୍ରେସ ପ୍ରାର୍ଥୀଙ୍କ ମଧ୍ୟରେ କଡା ଟକ୍କର ହେଉଛି। ତେବେ ନିର୍ବାଚନରେ କିଏ ଜିତିବ କହିବା ମୁସ୍କିଲ ହୋଇପଡିଛି। ଏଥର ପ୍ରାର୍ଥୀମାନେ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଅନେକ କୌଶଳ ଆପଣାଉଛନ୍ତି। କିନ୍ତୁ ଭୋଟରମାନେ ଅଧିକ ସଚେତନ ହେବା ସହ ପୁରା ନୀରବ ରହିଛନ୍ତି। ନିର୍ବାଚନକୁ ଆଉ ମାତ୍ର କେଇ ଘଣ୍ଟା ବାକିଥିବା ବେଳେ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ନେତାମାନଙ୍କ ଅନ୍ଧାରି ବିଜେ ପର୍ବ ଆରମ୍ଭ ହୋଇ ସାରିଲାଣି। ନେତାମାନେ ନିଜ ନିଜ କର୍ମୀମାନଙ୍କ ସାହାଯ୍ୟରେ ଗାଁ ଗାଁରେ ଅନ୍ଧାରୀ ବିଜେ କରି ଭୋଟ ହାତେଇବା ପାଇଁ ପୁରା ଦମ୍‌ରେ ଲାଗି ପଡିଛନ୍ତି।

# ବିଦ୍ୟାଳୟ ଆଗରେ ବିକ୍ଷୋଭ

ତଳଗାଁ,୧୮।୫ (କୁନା ବେହେରା)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଲୁଣିବାହାଲ ଠାରେ ଥିବା କିସ୍ ବିଦ୍ୟାଳୟ ଆଗରେ ଶନିବାର ଅପରାହ୍ନରେ ସ୍ଥାନୀୟ ଲୋକେ ବିକ୍ଷୋଭ କରିବା ସହ ବିଦ୍ୟାଳୟକୁ ଧସେଇ ପଶିଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ଉକ୍ତ ବିଦ୍ୟାଳୟକୁ ଯିବା ପାଇଁ ରାସ୍ତା ଗୋଚର ଜମି ଉପରେ ବେଆଇନ ଭାବେ ନିର୍ମାଣ କରାଯିବା, ସ୍ଥାନୀୟ ଲୋକଙ୍କୁ ବିଦ୍ୟାଳୟରେ ନିଯୁକ୍ତି ନ ଦେବା ଆଦି ଅଭିଯୋଗ କରି ବିକ୍ଷୋଭ କରାଯାଇଥିଲା। ଖବର ପାଇ ପୁରୁଣାକଟକ ଥାନା ଅଧିକାରୀ ଶାରଦା ପ୍ରସନ୍ନ ଦାସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ସ୍ଥିତି ଅନୁଧ୍ୟାନ କରିଥିବା ଜଣାପଡିଛି।

# ମତଦାନ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡି

ଡୁଙ୍ଗୁରିପାଲି, ୧୮।୫(ଦୀନବନ୍ଧୁ ସୁନା)

ସୋନପୁର ନିର୍ବାଚନ ମଣ୍ଡଳୀରେ ଆସନ୍ତା ୨୦ତାରିଖରେ ମତଦାନ ହେବାକୁ ଯାଉଛି। ୩୧୯ ଟି ବୁଥ୍‌ରେ ମୋଟ ୨ଲକ୍ଷ ୫୩ହଜାର ୮୮୦ ମତଦାତା ମତଦାନ କରିବେ। ସେଥିମଧ୍ୟରୁ ଡୁଙ୍ଗୁରିପାଲି ବ୍ଲକରେ ମୋଟ ୯୬ ହଜାର ୨୩୧ ମତଦାତା ରହିଛନ୍ତି। ୪୬ ହଜାର ୫୫୫ଜଣ ମହିଳା ଓ ୪୯ ହଜାର ୬୭୬ଜଣ ପୁରୁଷ ମତଦାତା ମତଦାନ କରିବେ। ଶାନ୍ତି ଶୃଙ୍ଖଳାର ସହ ମତଦାନ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଫ୍ଲାଗମାର୍ଚ୍ଚ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଛି। ମତଦାନ ଦିନ ବ୍ୟାପକ କେନ୍ଦ୍ରୀୟ ସୁରକ୍ଷା ବାହିନୀ ସହ ସୋନପୁର ନିର୍ବାଚନ ମଣ୍ଡଳୀରେ ୫ଟି ଏଫଏସଟି, ୩ଟି ଭିଡିଓଗ୍ରାଫର, ୫ଟି ଏସ୍‌ଏସ୍‌ଟି ଦଳ ନିର୍ବାଚନ ଅଧିକାରୀଙ୍କ ସହ ସମସ୍ତ ବୁଥ୍‌ରେ ମତଦାନ ପ୍ରକ୍ରିୟାର ତଦାରଖ କରିବେ ବୋଲି ନିର୍ବାଚନ ଅଧିକାରୀ ସୁରଜ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଗୋଟିଏ ଦିନ ପରେ ଭୋଟ, ପ୍ରାର୍ଥୀଙ୍କ ହୃତ୍‌କମ୍ପ

ସୋନପୁର,୧୮।୫(ମୃତ୍ୟୁଞ୍ଜୟ ଶତପଥୀ)

**ସୁବର୍ଣ୍ଣପୁର ଜିଲା**

ବଲାଙ୍ଗୀର ଲୋକ ସଭା କ୍ଷେତ୍ର ଅନ୍ତର୍ଗତ ସୁବର୍ଣ୍ଣପୁର ଜିଲାର ସୋନପୁର ଓ ବୀରମହାରାଜପୁର ବିଧାନସଭା କ୍ଷେତ୍ର ରହିଛି। ଆସନ୍ତା ୨୦ ତାରିଖରେ ଭୋଟ ଗ୍ରହଣ ହେବ। ଏଥିପାଇଁ ଶନିବାର ସନ୍ଧ୍ୟାରେ ପ୍ରଚାର ଶେଷ ହୋଇଛି। ଲାଉଡ ସ୍ପିକର ଦ୍ୱାରା ପ୍ରାର୍ଥୀମାନଙ୍କ ଘମାଘୋଟ କାନଫଟା ପ୍ରଚାର ସରିବା ପରେ ଲୋକଙ୍କ ଆଶ୍ୱସ୍ତି ମିଳିଛି। ତେବେ ନିର୍ବାଚନ ପାଇଁ ଜିଲାର ରାଜନୀତି ପୁରା ସରଗରମ ହୋଇପଡିଛି। ସୀମା ପୁନଃନିର୍ଦ୍ଧାରଣ ପରେ ୨୦୦୯ ମସିହାରୁ ସୋନପୁରରୁ ନିରଞ୍ଜନ ପୂଜାରୀ ଓ ବୀରମହାରାଜପୁରରୁ ପଦ୍ମନାଭ ବେହେରା ଲଗାତର ତିନି ଥର ବିଜୟୀ ହୋଇ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ହୋଇଛନ୍ତି। ଜିଲାରେ ବିଜେଡିର ଦବଦବା ଅଛି। ପଞ୍ଚାୟତଗୁଡିକରେ ବିଜେଡି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟ ଅଛନ୍ତି। ଜିଲା ପରିଷଦ ଅଧ୍ୟକ୍ଷ, ୬ଟି ଯାକ ବ୍ଲକ ଅଧ୍ୟକ୍ଷ, ସୁବର୍ଣ୍ଣପୁର ପୌରାଧ୍ୟକ୍ଷା, ତରଭା ଓ ବିନିକା ଏନଏସି ଅଧ୍ୟକ୍ଷ ଏବଂ ୧୩ ରୁ ୧୧ ଜିଲା ପରିଷଦ ସଦସ୍ୟ ମଧ୍ୟ ବିଜେଡିର। ମନ୍ତ୍ରୀ ନିରଞ୍ଜନ ଓ ବିଧାୟକ ପଦ୍ମନାଭ ବିକାଶକୁ ପ୍ରସଙ୍ଗ କରି ଭୋଟରଙ୍କ ପାଖକୁ ଯାଉଛନ୍ତି ଓ ବିକାଶ ଧାରାକୁ ତ୍ୱରାନ୍ୱିତ କରିବାର ପ୍ରତିଶ୍ରୁତି ଦେଇ ଲୋକଙ୍କ ଆଶୀର୍ବାଦ ମାଗୁଛନ୍ତି। ସବୁସ୍ତରରେ ବିଜେଡିର ସଂଗଠନ ଥିବା ବେଳେ ବିରୋଧୀ ଭାଜପା, କଂଗ୍ରେସ ଓ ଚାଷୀ ସଂଗଠନ କିନ୍ତୁ ଏଥର ପରିବର୍ତ୍ତନ କରିବା ପାଇଁ ଲୋକଙ୍କୁ ଆହ୍ୱାନ ଦେଉଛନ୍ତି। ବିଜେଡି ସପକ୍ଷରେ ପ୍ରଶାସନିକ ଅଧିକାରୀରୁ ନେତା ପାଲଟିଥିବା କାର୍ତ୍ତିକ ପାଣ୍ଡିଆନ ଗତ ୫ ତାରିଖରେ ଦୁଇଟି ସ୍ଥାନରେ ପ୍ରଚାର କରିଛନ୍ତି। ଭାଜପା ସପକ୍ଷରେ ଗୃହମନ୍ତ୍ରୀ ଅମିତ ଶାହା ଅପ୍ରେଲ ୨୫ ତାରିଖରେ ସୋନପୁରରେ ଓ ଗତ ୧୬ ତାରିଖରେ ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଉଲୁଣ୍ଡାରେ ପ୍ରଚାର କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବଳିଷ୍ଠ ନେତୃତ୍ୱ, ଗରିବ କଲ୍ୟାଣ ଯୋଜନା ଓ ଧାନ କୁଇଣ୍ଟାଲ ୩୧୦୦ ଟଙ୍କା, ସୁଭଦ୍ରା ଯୋଜନା ଭଳି ନିର୍ବାଚନ ପ୍ରତିଶୃତିକୁ ପାଥେୟ କରି ଭାଜପା ପ୍ରାର୍ଥୀ ପ୍ରମୋଦ ଓ ରଘୁନାଥ ଲୋକଙ୍କ ପାଖକୁ ଯାଉଛନ୍ତି। କଂଗ୍ରେସରୁ କେହି ତାରକା ପ୍ରଚାରକ ଏହି ଜିଲାକୁ ପ୍ରଚାରରେ ଆସିନାହାନ୍ତି। ତେଣୁ ପ୍ରାର୍ଥୀ ପ୍ରିୟବ୍ରତ ଓ ପ୍ରଦୀପ ଦଳୀୟ ସଂଗଠନକୁ ନେଇ ନିଜ ପାଇଁ ପ୍ରଚାର କରୁଛନ୍ତି। ଚଳିତ ଥର ଦୁଇ ବିଧାନସଭା କ୍ଷେତ୍ରରେ ରାଜ୍ୟର ଦୁଇ ପ୍ରମୁଖ ଦଳ ମଧ୍ୟରେ କଡା ଟକ୍କର ଦେଖିବାକୁ ମିଳୁଛି। ସୋନପୁର ବିଧାନସଭା କ୍ଷେତ୍ରରେ ସର୍ବାଧିକ ୮ ଜଣ ପ୍ରାର୍ଥୀ ମଇଦାନରେ ଅଛନ୍ତି। ବିଜେଡିରୁ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ, ଭାଜପାରୁ ପ୍ରାକ୍ତନ ନଗରପାଳ ପ୍ରମୋଦ ମହାପାତ୍ର, କଂଗ୍ରେସରୁ ଯୁବ ନେତା ପ୍ରିୟବ୍ରତ ସାହୁ, ସ୍ୱାଧୀନରୁ ସୋନାଲି ବିଶି, ଜାତୀୟ ଆପନି ପାର୍ଟିରୁ ଶଶିଭୂଷଣ ପଧାନ, ବିଏସ୍‌ପିରୁ ମନ୍ଦୋଦରୀ ଛତ୍ରିଆ, ଆମ୍ବେଡକ୍ରାଇଟ୍ ପାର୍ଟି ଅଫ ଇଣ୍ଡିଆରୁ ସୁରଜ କୁଶଳ ଓ ସ୍ୱାଧୀନ ଭାବେ ଉତ୍ତମ ଆଡବାଙ୍କ ପ୍ରାର୍ଥୀ ହୋଇଛନ୍ତି। ନିରଞ୍ଜନ, ପ୍ରମୋଦ, ପ୍ରିୟବ୍ରତ ଓ ସୋନାଲି ବିଭିନ୍ନ ପ୍ରସଙ୍ଗ ନେଇ ଗାଁ ଗାଁ ବୁଲି ପ୍ରଚାର କରୁଛନ୍ତି। ସେହିପରି ଅନୁସୂଚିତ ଜାତି ବର୍ଗଙ୍କ ପାଇଁ ସଂରକ୍ଷିତ ବୀରମହାରାଜପୁର ବିଧାନସଭା କ୍ଷେତ୍ରରେ ୭ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି। ବିଜେଡିରୁ ପ୍ରାକ୍ତନ ମନ୍ତ୍ରୀ ପଦ୍ମନାଭ ବେହେରା, ଭାଜପାରୁ ଇଂ ରଘୁନାଥ ଜଗଦଲା, କଂଗ୍ରେସରୁ ପ୍ରଦୀପ ସେଠୀ, ବିଏସପିରୁ ରାଧାକାନ୍ତ ତାଣ୍ଡି, ଜାତୀୟ ଅପନା ପାର୍ଟିରୁ ପୁରନ ଲୁହା, ସ୍ୱାଧୀନ ପ୍ରାର୍ଥୀ ଭାବେ ଆଶ୍ରୟ ମହାନନ୍ଦ ଓ ଦୟାସାଗର ମହାନନ୍ଦ ପ୍ରତିଦ୍ୱନ୍ଦିତା କରୁଛନ୍ତି। ଜିଲାର ୪ଲକ୍ଷ ୭୦ହଜାର ୪୯ଜଣ ମତଦାତା ୫୮୬ଟି ବୁଥ୍‌ରେ ସୋମବାର ନିଜର ମତାଧିକାର ସାବ୍ୟସ୍ତ କରିବେ।

# ଅଭିଯୁକ୍ତ ସ୍ୱାମୀଙ୍କୁ ୨୦ ବର୍ଷ କାରାଦଣ୍ଡାଦେଶ

ବୌଦ୍ଧ,୧୮।୫( ଅଜିତ କୁମାର ବାରିକ)

**ପାରିବାରିକ କଳହରୁ ସ୍ତ୍ରୀକୁ ଗୁଳି କରି ହତ୍ୟା ମାମଲା**

ବୌଦ୍ଧ ଅତିରିକ୍ତ ଜିଲା ଦୌରଜଜ୍ ସରୋଜିନୀ ପତି ଶନିବାର ଦିନ ଏକ ସ୍ତ୍ରୀ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତ ସ୍ୱାମୀଙ୍କୁ ୨୦ ବର୍ଷ କାରାଦଣ୍ଡ ସହ ୨୦୦୦ ଟଙ୍କା ଜରିମାନା ଆଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ, ହରଭଙ୍ଗା ଥାନା ହାତୀଗଡ ଗ୍ରାମର ହର ମଲିକଙ୍କ ସାନଝିଅ ଗୀତାଞ୍ଜଳି ହରଭଙ୍ଗା ଥାନା ତଇଲାସାହି (ଗେରେଡିସାହି) ଗ୍ରାମର ରୋହିତ ମଲିକଙ୍କୁ (୨୮)ଘଟଣାର ଦୁଇ ବର୍ଷ ଆଗରୁ ବିବାହ କରିଥିଲେ। ରୋହିତ କାମ ଧନ୍ଦା କରୁ ନ ଥିବାରୁ ସ୍ୱାମୀ ସ୍ତ୍ରୀ ମଧ୍ୟରେ କଳହ ଲାଗି ରହୁଥିଲା। ପାରିବାରିକ କଳହକୁ ନେଇ ଗତ ୩୧।୫।୨୦୨୨ ରିଖରେ ରୋହିତ ସ୍ତ୍ରୀ ଗୀତାଞ୍ଜଳିଙ୍କୁ ଏକ ବନ୍ଧୁକରୁ ଗୁଳି କରି ଦେଇଥିଲେ। ଗୁଳି ଗୀତାଞ୍ଜଳିଙ୍କ ଛାତିରେ ବାଜିବାରୁ ସେ ଗୁରୁତର ହୋଇ ପଡିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ହରଭଙ୍ଗା ମେଡିକାଲକୁ ନିଆଯାଇଥିଲା। ସେଠାରେ ଗୀତାଞ୍ଜଳିଙ୍କ ମୃତ୍ୟୁ ଘଟିଥିଲା। ଏନେଇ ରୋହିତଙ୍କ ଶଶୁର ହର ଝିଅକୁ ହତ୍ୟା କରିଥିବା ନେଇ ହରଭଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ହରଭଙ୍ଗା ଥାନା ପକ୍ଷରୁ କେସ ନଂ ୪୧/୨୦୨୨ରେ ଏକ ହତ୍ୟା ମାମଲା ରୁଜୁ କରାଯାଇଥିଲା। ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି ବିଚାର ପାଇଁ କୋର୍ଟ ଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ମାମଲାଟି ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ଏସଟି କେସନଂ ୭୫/୨୨ ହୋଇ ବିଚାର ହୋଇଥିଲା। ମାମଲାରେ ସରକାରଙ୍କ ପକ୍ଷରୁ ୨୪ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅଦାଲତ ଶନିବାର ଅଭିଯୁକ୍ତ ସ୍ୱାମୀ ରୋହିତ ମଲିକଙ୍କୁ ୨୦ ବର୍ଷ କାରାଦଣ୍ଡ ଦେବା ସହ ୨୦୦୦ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଜ୍ଞାନରଞ୍ଜନ ପଟ୍ଟନାୟକ ପରିଚାଳନା କରୁଥିଲେ।

# ବିକାଶର ହିସାବ ମାଗିଲେ ଭୋଟର

ବୌଦ୍ଧ,୧୮।୫(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାରେ ଆସନ୍ତା ୨୦ ତାରିଖରେ ଭୋଟଗ୍ରହଣ ହେବ। ଶନିବାର ସନ୍ଧ୍ୟାରେ ପ୍ରଚାର ସରିଛି। ଏଥର ବୌଦ୍ଧ ନିର୍ବାଚନମଣ୍ଡଳୀରେ ତିନି ପ୍ରମୁଖ ରାଜନୈତିକ ଦଳ କଂଗ୍ରେସ, ଭାଜପା ଓ ବିଜେଡି ମଧ୍ୟରେ କଡା ମୁକାବିଲା ହେବାକୁ ଯାଉଛି। ନିର୍ବାଚନ ବୈତରଣୀ ପାର ହେବା ପାଇଁ ପ୍ରାର୍ଥୀମାନେ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଛନ୍ତି। ବୌଦ୍ଧ ନିର୍ବାଚନମଣ୍ଡଳୀରୁ ଦୀର୍ଘ ୨୪ ବର୍ଷ ହେଲା ମନ୍ତ୍ରୀ ପ୍ରଦୀପ ଅମାତ ବିଜୟୀ ହୋଇ ଆସୁଛନ୍ତି। ସେ ରାଜ୍ୟ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟ ଓ ଜିଲାର ବିକାଶ ନେଇ ଲୋକଙ୍କୁ ଭୋଟ ଭିକ୍ଷା କରୁଥିବା ବେଳେ କେତେକ ସ୍ଥାନରେ ଲୋକମାନେ ବିରୋଧ କରୁଥିବା ଦେଖିବାକୁ ମିଳିଛି। ସାଂସଦ ପ୍ରାର୍ଥୀ ଓ ମନ୍ତ୍ରୀ ପ୍ରଦୀପ ଅମାତ ହରଭଙ୍ଗା ବ୍ଲକର ମହାଲିକପଡା, ହରଭଙ୍ଗା ଅଞ୍ଚଳରେ କିଛି ଦିନ ତଳ ନିର୍ବାଚନୀ ପ୍ରଚାରରେ ଯାଇଥିବା ବେଳେ ଲୋକମାନେ ଅଞ୍ଚଳର କ'ଣ ବିକାଶ ହୋଇଛି ନେଇ ଉଭୟଙ୍କୁ ପ୍ରଶ୍ନ କରିଥିଲେ। ନିକଟରେ ହରଭଙ୍ଗା ବ୍ଲକ ରାଧାନଗର ପଞ୍ଚାୟତର ଲାଣ୍ଡିବନ୍ଧଠାରେ ବୌଦ୍ଧ ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ତଥା ମନ୍ତ୍ରୀ ପ୍ରଦୀପ କୁମାର ଅମାତ ନିଜ ସମର୍ଥକଙ୍କ ସହ ଏକ ନିର୍ବାଚନୀ ସଭା କରିଥିଲେ। ସଭା ଚାଲିଥିବା ବେଳେ ଗ୍ରାମର ଜଣେ ଯୁବକ ସଭାରେ ମନ୍ତ୍ରୀଙ୍କୁ ୨୫ ବର୍ଷରେ କ'ଣ ବିକାଶ ହୋଇଥିବା ନେଇ ପ୍ରଶ୍ନ କରିଥିଲେ। ଏହାର ଉତ୍ତର ଦେବାକୁ ଯାଇ ମନ୍ତ୍ରୀ ଅମାତ ମହାନଦୀରେ ତିନି ଗୋଟି ସେତୁ ଯଥା ବୌଦ୍ଧ-ମର୍ଯ୍ୟାକୁଦ ସେତୁ, ଧଳପୁର -ଆଠମଲିକ ସେତୁ ଓ ବୌଦ୍ଧ-କିଆକଟା ସେତୁ ବୋଲି କହିଥିଲେ। ଏଥିସହ ବୌଦ୍ଧରୁ ଧଳପୁର ହରଭଙ୍ଗା ଦେଇ ବାଣିଗୋଛା ରାସ୍ତା ହୋଇଛି। ଜହ୍ନାପଙ୍କ -ଖମାରୀପଡା ରାସ୍ତା, ଆମ୍ବଝରୀ-ଶଗଡା ରାସ୍ତା, ବଘିଆପଡା-ବାରପୁଟା ରାସ୍ତା, ଡିଗ୍ରୀ ମଡେଲ କଲେଜ ନିର୍ମାଣ, ବୌଦ୍ଧ ନୂତନ ମେଡିକାଲର ଛଅ ମହଲା କୋଠା ନିର୍ମାଣ ହେବା ସହ ବୌଦ୍ଧ ସହରର ସୌନ୍ଦର୍ଯ୍ୟକରଣ ହେବା ନେଇ ସଭାରେ କହିଥିଲେ। କିନ୍ତୁ ସ୍ଥାନୀୟ ଲୋକେ ଗ୍ରାମର ବିଦ୍ୟାଳୟ ଓ ଅନ୍ୟ ସମସ୍ୟା ନେଇ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ତେବେ ମନ୍ତ୍ରୀ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ସଭା ସାରି ଫେରିଥିଲେ।

# କଡ଼ା ସୁରକ୍ଷାରେ ପୋଲିଂ ବୁଥକୁ ଗଲେ କର୍ମଚାରୀ

ବୌଦ୍ଧ,୧୮।୫( ଅଜିତ କୁମାର ବାରିକ)



ବୌଦ୍ଧ ଓ କନ୍ଧମାଳ ନିର୍ବାଚନମଣ୍ଡଳୀର ପୋଲିଂ ବୁଥ ଯିବା ପାଇଁ କର୍ମଚାରୀମାନେ ଷ୍ଟାଡିୟମ ପଡିଆରେ।

**ବୌଦ୍ଧ ଜିଲାରେ ନିର୍ବାଚନ ପ୍ରସ୍ତୁତି ଶେଷ**

**■ସକାଳ ୭ ରୁ ଅପରାହ୍ଣ ୪ ଟା ପର୍ଯ୍ୟନ୍ତ ମତଦାନ**

ବୌଦ୍ଧ ଜିଲାରେ କନ୍ଧମାଳ ଓ ବୌଦ୍ଧ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଆସନ୍ତା ୨୦ ତାରିଖରେ ଭୋଟ ଗ୍ରହଣ ହେବାକୁ ଯାଉଥିବା ବେଳେ ମତଦାନ କାର୍ଯ୍ୟ ପରିଚାଳନା ପାଇଁ ପ୍ରଶାସନର ପ୍ରସ୍ତୁତି ଶେଷ ହୋଇଛି। ଜିଲାର ଦୁଇଗୋଟି ନିର୍ବାଚନ ମଣ୍ଡଳୀରେ ସମୁଦାୟ ୪୧୩ ଟି ବୁଥରେ ମତଗ୍ରହଣ କରାଯିବାକୁ ଥିବା ବେଳେ କନ୍ଧମାଳ ନିର୍ବାଚନମଣ୍ଡଳୀରେ ୨୧୭ ଟି ଓ ବୌଦ୍ଧରେ ୧୯୬ଟି ବୁଥ ରହିଛି। ଉଭୟ ନିର୍ବାଚନ ମଣ୍ଡଳୀରେ ୪୦ ଗୋଟି ସଖି ବୁଥ ଭାବରେ ଚିହ୍ନଟ କରାଯାଇଛି। ସେହିପରି ବୌଦ୍ଧ ନିର୍ବାଚନ ମଣ୍ଡଳୀରେ ଦୁଇଗୋଟି ବୁଥକୁ ସହକାରୀ ବୁଥ ଭାବରେ ଚିହ୍ନଟ କରାଯାଇଛି। ସଖି ବୁଥରେ କେବଳ ମହିଳା କର୍ମଚାରୀଙ୍କ ଦ୍ୱାରା ନିର୍ବାଚନ ପରିଚାଳନା କାର୍ଯ୍ୟ କରାଯିବ। ସେହିପରି ବୌଦ୍ଧ ଏନଏସିରେ ୧୫୦୦ରୁ ଊର୍ଦ୍ଧ୍ୱ ମତଦାତା ଥିବା ବେଳେ ଦୁଇଗୋଟି ବୁଥରେ ଶୃଙ୍ଖଳାର ସହିତ ମତଦାନ ପାଇଁ ଅତିରିକ୍ତ ଭାବରେ ସହକାରୀ ବୁଥ କରାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଶନିବାର କଡ଼ା ସୁରକ୍ଷାରେ ୩୭୩ ଗୋଟି ବୁଥକୁ ପୋଲିଂ କର୍ମଚାରୀମାନଙ୍କୁ ପଠାଯାଇଛି। ରବିବାର ଦିନ ସଖି ପରିଚାଳିତ ବୁଥଗୁଡିକୁ କର୍ମଚାରୀମାନଙ୍କୁ ପଠାଯିବ ବୋଲି ଜଣାଯାଇଛି। ଏଥର ନିର୍ବାଚନରେ ୪୧୩ ଜଣ ପ୍ରିଜାଇଡିଂ ଅଫିସର, ୪୧୩ ପୁଲିଂ ଅଫିସରଙ୍କ ସମେତ ପ୍ରତ୍ୟେକ ବୁଥରେ ୭ ଜଣ ଲେଖାଏ କର୍ମଚାରୀ ନିୟୋଜିତ ହେବାର ଅଛି। ଜିଲାରେ ସମୁଦାୟ ୨୮୯୧ ଜଣ କର୍ମଚାରୀ ପୋଲିଂ କାର୍ଯ୍ୟରେ ନିୟୋଜିତ କରାଯାଇଛି। ମାଇକ୍ରୋ ଅବଜରଭର ଭାବରେ ୨୯ ଜଣ ଅଧିକାରୀ ଓ ୫୯ ଜଣ ସେକ୍ଟର ଅଫିସରଙ୍କୁ ମାଜିଷ୍ଟ୍ରେଟ କ୍ଷମତା ପ୍ରଦାନ କରାଯାଇଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ଠାରୁ ଇଭିଏମ, ଭିଭିପିଏଟି ଓ ଅନ୍ୟାନ୍ୟ ସାମଗ୍ରୀ ସହ ପୋଲିଂ ବୁଥକୁ କର୍ମଚାରୀମାନଙ୍କୁ ପଠାଯାଇଛି।

କନ୍ଧମାଳ (୮୫) ନିର୍ବାଚନମଣ୍ଡଳୀ ପାଇଁ ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟଭଞ୍ଜନ ମଦନ ମୋହନ ପାତ୍ର ଓ ବୌଦ୍ଧ (୮୬) ନିର୍ବାଚନମଣ୍ଡଳୀ ପାଇଁ ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନାଙ୍କୁ ରିଟର୍ଣ୍ଣିଂ ଅଫିସର ଭାବରେ ଦାୟିତ୍ୱ ପ୍ରଦାନ କରଯାଇ ସେମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଭୟ ନିର୍ବାଚନ ମଣ୍ଡଳୀର ନିର୍ବାଚନ କାର୍ଯ୍ୟ ପରିଚାଳନା କରାଯାଉଛି। ଦେଶର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ୨୪୭ ଗୋଟି ବୁଥରେ ୱେବ କାଷ୍ଟିଂ ପାଇଁ ପ୍ରସ୍ତୁତ କରାଯାଇଛି। ଭିନ୍ନକ୍ଷମ ଭୋଟରମାନଙ୍କ ସହଯୋଗ ପାଇଁ ୨୭୭ ଜଣ ସ୍ୱେଚ୍ଛାସେବୀ ମୁତୟନ କରାଯାଇଛି। ନିର୍ବାଚନ ପାଇଁ ୬୭ ଟି ବସ୍, ୪୩ ଟି ବୋଲେରୋରେ କର୍ମଚାରୀମାନଙ୍କୁ ପୁଲିଂ ବୁଥକୁ ପଠାଯାଇଛି। ନିର୍ବାଚନ ପାଇଁ ୧୮ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଜିଲାରେ ସମସ୍ତ ମଦ ଦୋକାନ ଗୁଡିକୁ ସିଲ୍ କରାଯାଇଛି। ମତଦାନ କେନ୍ଦ୍ରରୁ ୨ ଶହ ମିଟର ଦୂରତାକୁ ନିଷିଦ୍ଧାଞ୍ଚଳ ଭାବରେ ଘୋଷଣା କରାଯାଇଛି। ଜିଲାରେ ସକାଳ ୭ ଟାରୁ ଅପରାହ୍ଣ ୪ ଟା ପର୍ଯ୍ୟନ୍ତ ମତଦାନ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆଗାମୀ ନିର୍ବାଚନରେ ଜିଲାରେ ଅଧିକରୁ ଅଧିକ ନାଗରିକ ନିଜର ମତାଧିକାର ସାବ୍ୟସ୍ତ କରିବାକୁ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଜେ. ସୋନାଲ ନିବେଦନ କରିଛନ୍ତି।

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ

**ବଡ଼ଗାଁ,୧୮।୫(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ସାହାଜବାହାଲ ପଞ୍ଚାୟତ ଶଙ୍କରାପୋଷ ଗ୍ରାମରେ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ କରିଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏନେଇ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ମିଳିଥିବା ସୂଚନା ଅନୁଯାୟୀ, ମଟାମରା ଗ୍ରାମର ସୁଜାତା ରୋହିଦାସ ଶଙ୍କରାପୋଷ ଗ୍ରାମର ନରୋତ୍ତମ ରୋହିଦାସଙ୍କୁ ବିବାହ କରିଥିଲେ। ନରୋତ୍ତମଙ୍କର ଅନ୍ୟ ଜଣେ ମହିଳାଙ୍କ ସହ ସମ୍ପର୍କ ଥିବା ସୁଜାତା ଜାଣିବା ପରେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ନରୋତ୍ତମ ସୁଜାତାଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ। ପରେ ନରୋତ୍ତମ ଘରୁ ଫେରାର ହୋଇଯାଇଥିଲେ। ବଡ଼ଗାଁ ଡାକ୍ତରଖାନାରେ ସୁଜାତାଙ୍କ ଚିକିତ୍ସା କରାଯାଇଥିଲା।

### ବନ୍ଧମୁଣ୍ଡାର ଯୁବକ ରାୟଗଡ଼ାରେ ନିଖୋଜ

**ବନ୍ଧମୁଣ୍ଡା,୧୮।୫ (ସୁବ୍ରତ ଦେ):** ବନ୍ଧମୁଣ୍ଡାର ବରକାନି ଗାଁର ରୋହିତ ମିଞ୍ଜ (୨୨) ଚେନ୍ନାଇର ଏକ ଘରୋଇ



କମ୍ପାନୀରେ କାମ କରନ୍ତି। ୨ଦିନ ପୂର୍ବେ ରୋହିତ କାମରୁ ଫେରୁଥିବାବେଳେ ରାୟଗଡ଼ା ଷ୍ଟେଶନରେ ଓହ୍ଲାଇଥିଲେ। ତା’ ପରଠାରୁ ରୋହିତଙ୍କ କୌଣସି ଖବର ମିଳୁନାହିଁ। ଏନେଇ ପରିବାର ଲୋକେ ରାୟଗଡ଼ା ଷ୍ଟେଶନରେ ପହଞ୍ଚି ରେଲୱେ ପୋଲିସକୁ ଅବଗତ କରିଥିଲେ। ପୋଲିସ ରୋହିତଙ୍କୁ ଖୋଜାଖୋଜି କରୁଛି।

### ଅଭିଯୁକ୍ତ ସ୍ୱାମୀଙ୍କୁ ୨୦ ବର୍ଷ କାରାଦଣ୍ଡାଦେଶ

**ବୌଦ୍ଧ,୧୮।୫( ଅଜିତ କୁମାର ବାରିକ):** ବୌଦ୍ଧ ଅତିରିକ୍ତ ଜିଲା ଦୌରଜଜ୍ ସରୋଜିନୀ ପତି ଶନିବାର ଦିନ ଏକ ସ୍ତ୍ରୀ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତ ସ୍ୱାମୀଙ୍କୁ ୨୦ ବର୍ଷ କାରାଦଣ୍ଡ ସହ ୨୦୦୦ ଟଙ୍କା ଜରିମାନା ଆଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ, ହରଭଙ୍ଗା ଥାନା ହାତୀଗଡ ଗ୍ରାମର ହର ମଲିକଙ୍କ ସାନଝିଅ ଗୀତାଞ୍ଜଳି ହରଭଙ୍ଗା ଥାନା ତଇଳାସାହି (ଗେରେଡିସାହି) ଗ୍ରାମର ରୋହିତ ମଲିକଙ୍କୁ (୨୮)ଘଟଣାର ଦୁଇ ବର୍ଷ ଆଗରୁ ବିବାହ କରିଥିଲେ। ରୋହିତ କାମ ଧନ୍ଦା କରୁ ନ ଥିବାରୁ ସ୍ୱାମୀ ସ୍ତ୍ରୀ ମଧ୍ୟରେ କଳହ ଲାଗି ରହୁଥିଲା । ପାରିବାରିକ କଳହକୁ ନେଇ ଗତ ୩୧।୫।୨୦୨୨ ରିଖରେ ରୋହିତ ସ୍ତ୍ରୀ ଗୀତାଞ୍ଜଳିଙ୍କୁ ଏକ ବନ୍ଧୁକରୁ ଗୁଳି କରି ଦେଇଥିଲେ । ଗୁଳି ଗୀତାଞ୍ଜଳିଙ୍କ ଛାତିରେ ବାଜିବାରୁ ସେ ଗୁରୁତର ହୋଇ ପଡିଥିଲେ । ସଙ୍ଗେ ସଙ୍ଗେ ତାଙ୍କୁ ହରଭଙ୍ଗା ମେଡିକାଲକୁ ନିଆଯାଇଥିଲା । ସେଠାରେ ଗୀତାଞ୍ଜଳିଙ୍କ ମୃତ୍ୟୁ ଘଟିଥିଲା । ଏନେଇ ରୋହିତଙ୍କ ଶଶୁର ହର ଝିଅକୁ ହତ୍ୟା କରିଥିବା ନେଇ ହରଭଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ହରଭଙ୍ଗା ଥାନା ପକ୍ଷରୁ କେସ ନଂ ୪୧/୨୦୨୨ରେ ଏକ ହତ୍ୟା ମାମଲା ରୁଜୁ କରାଯାଇଥିଲା । ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି ବିଚାର ପାଇଁ କୋର୍ଟ ଚାଲାଣ କରିଥିଲା ।



ରାଜଗାଙ୍ଗପୁରରେ କେନ୍ଦ୍ର ରେଳବାଇ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଏମ୍‌ପି ପ୍ରାର୍ଥୀ ଜୁଏଲ ଓରାମ୍ ଏବଂ ଅନ୍ୟମାନେ।

# ରାଜଗାଙ୍ଗପୁରରେ କେନ୍ଦ୍ରମନ୍ତ୍ରୀଙ୍କ ରୋଡ୍ ଶୋ

**ରାଜଗାଙ୍ଗପୁର,୧୮।୫(ଅଶୋକ ପାଣି)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହରରେ ଶନିବାର କେନ୍ଦ୍ର ରେଳବାଇ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ରୋଡ ଶୋ ଓ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ରାଜଗାଙ୍ଗପୁରର ରାଣିବନ୍ଧଠାରେ ଥିବା ବିର ବିର୍ସାମୁଣ୍ଡା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ବାଇକ ରାଲି ଅନୁଷ୍ଠିତ ହୋଇଥିଲା। ଏହି ରୋଡ ଶୋ ସହରର ବିଜୁପଟ୍ଟନାୟକ ଛକ, ସୁବାସ ଛକ, ବସଷ୍ଟାଣ୍ଡ ହୋଇ ସରବତୀଦେବି ମହିଳା ମହାବିଦ୍ୟାଳୟ ନିକଟରେ ପହଞ୍ଚିଥିଲା ଓ ସେଠାରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସଭାରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ କହିଥିଲେ,ସୁନ୍ଦରଗଡ ଜିଲା ମୋର ପୁରୁଣା ସ୍ଥାନ, ଚଳିତ ନିର୍ବାଚନରେ ରାଜ୍ୟରେ ଚାଲିଥିବା ୨୪ ବର୍ଷ ଶାସନର ଅନ୍ତ ଘଟିବ ଓ ପରିବର୍ତ୍ତନ ସରକାର ଓଡିଶାରେ ଆସିବ। ଲୋକ ସଭା ପାଇଁ ଜୁଏଲ ଓରାମ ଓ ବିଧାନସଭା ପାଇଁ ନରସିଂହ ମିଞ୍ଜଙ୍କୁ ଭୋଟ ଦେବାକୁ ସେ ଅନୁରୋଧ କରିଥିଲେ। ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀରେ ମୋଦି ସରକାର ୧୮ଟି ନୂଆ ଟେଲିକମ ଟାୱାର ବସାଇବା ପାଇ ଗୃହୀତ କରାଯାଇଛି ବୋଲି କହିଥିଲେ। ଲୋକସଭା ପ୍ରାର୍ଥୀ ଜୁଏଲ ଓରାମ ନିଜ ବ୍ୟକ୍ତବ୍ୟରେ କହିଥିଲେ, ଏହା ମୋର ଶେଷ ଭାଷଣ ଓ ଆଉ କେବେ ନିର୍ବାଚନ ଲଢିବି ନାହିଁ। ଆପଣଙ୍କ ସାଙ୍ଗରେ ରହି ଲୋକଙ୍କ ସେବାକାର୍ଯ୍ୟ କରିବି ବୋଲି କହିଥିଲେ। ରୋଡ ଶୋର ଖୋଲା ଜିପରେ ମନ୍ତ୍ରୀଙ୍କ ସହ ଜୁଏଲ ଓରାମ ଓ ନରସିଂହ ମିଞ୍ଜ ରହିଥିଲେ। ଶେଖର ଦଧିଚି, ପୂର୍ବତନ ପୌରାଧ୍ୟକ୍ଷା ଶଶୀରେଖା ସାମଲ,ମହେନ୍ଦ୍ର ମାଝି ଓ ଅନ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




ଏନ୍‌ଆଇଟି ଛାତ୍ରୀଛାତ୍ରମାନେ ଭୋଟ ପାଇଁ ସଚେତନ କରୁଛନ୍ତି।

### ମତଦାନ ବୃଦ୍ଧି ପାଇଁ ଏନ୍‌ଆଇଟି ଛାତ୍ରୀଛାତ୍ରଙ୍କ ସଚେତନ

**ରାଉରକେଲା,୧୮।୫(ସଙ୍ଗୀତା ଜେନା)**

ଚଳିତ ନିର୍ବାଚନରେ ମତଦାନ ହାରବୃଦ୍ଧି ପାଇଁ ଜିଲା ପ୍ରଶାସନ ପକ୍ଷରୁ ନିରନ୍ତର ପ୍ରୟାସ କରାଯାଉଛି। ଏହିକ୍ରମରେ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ରାଉରକେଲା ପକ୍ଷରୁ ଛାତ୍ରୀଛାତ୍ର ଓ କର୍ମଚାରୀମାନେ ଭୋଟ ହାରବୃଦ୍ଧି ପାଇଁ ସଚେତନ କରିଥିଲେ। ସେହିପରି ରାଉରକେଲା ମହାନଗର ନିଗମ ପକ୍ଷରୁ ସଫେଇ କର୍ମଚାରୀମାନେ ମଧ୍ୟ ସଚେତନ କରିଥିଲେ। ଅଧିକ ସଂଖ୍ୟାରେ ମତଦାନ କରିବାକୁ ନିବେଦନ କରାଯାଇଥିଲା।

# ଶେଷ ଦିବସରେ ସଭା କରି ଭୋଟ ମାଗିଲେ କିଶୋର ପଟେଲ

**ବ୍ରଜରାଜନଗର, ୧୮।୫(ବିଜୟ କୁମାର ବରାଡ)**

ବ୍ରଜରାଜନଗର ପୌରାଞ୍ଚଳର ମାମା ଛକଠାରେ ନିର୍ବାଚନୀ ସଭା କରି ଭୋଟ ମାଗିଛନ୍ତି କଂଗ୍ରେସ ପ୍ରାର୍ଥୀ କିଶୋର ପଟେଲ। ଓଡ଼ିଶାରେ ଯେଉଁ ସବୁ ଯୋଜନା ଚାଲିଛି, ଏହାର ମୂଳଦୁଆ କଂଗ୍ରେସ ଅମଳରୁ ପଡିଥିଲା। ଆଗାମୀ ଦିନରେ କଂଗ୍ରେସ ସରକାର ଓଡ଼ିଶାରେ ଆସିଲେ ମହିଳାମାନଙ୍କର ଉନ୍ନତି ହେବା ସହିତ ବଢିଥିବା ଦରଦାମକୁ କମାଇ ଦିଆଯିବ ବୋଲି କହିଥିଲେ। ସେ ବିଗତ ଦିନରେ ପଶ୍ଚିମ ଓଡିଶା ରାଜନୀତିରେ



ସକ୍ରିୟ ରହି ଏ ଅଞ୍ଚଳର ଅନେକ ବିକାଶ କରିଥିଲେ। ବ୍ରଜରାଜନଗର ଅଞ୍ଚଳର ବିକାଶ କରିବାକୁ ଚାହୁଁଛନ୍ତି ବୋଲି କହି ଭୋଟ ଦେବା ପାଇଁ ଉପସ୍ଥିତ ଜନତାଙ୍କୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମକୁ ଯୁବ ସଭାପତି ଦେବେଶ ପଣ୍ଡା ପରିଚାଳନା କରିଥିବା ବେଳେ ଜୀବନ ସାର୍ଥକ ଦାସ, ରାମଦାସ ପଣ୍ଡା ସହାୟତା କରିଥିଲେ।

### ମତଦାନ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡି

**ଡୁଙ୍ଗୁରିପାଲି, ୧୮।୫(ଦୀନବନ୍ଧୁ ସୁନା)**

ସୋନପୁର ନିର୍ବାଚନ ମଣ୍ଡଳୀରେ ଆସନ୍ତା ୨୦ତାରିଖରେ ମତଦାନ ହେବାକୁ ଯାଉଛି। ୩୧୯ ଟି ବୁଥ୍‌ରେ ମୋଟ ୨ଲକ୍ଷ ୫୩ହଜାର ୮୮୦ ମତଦାତା ମତଦାନ କରିବେ।ସେଥିମଧ୍ୟରୁ ଡୁଙ୍ଗୁରିପାଲି ବ୍ଲକରେ ମୋଟ ୯୬ ହଜାର ୨୩୧ ମତଦାତା ରହିଛନ୍ତି। ୪୬ ହଜାର ୫୫୫ଜଣ ମହିଳା ଓ ୪୯ ହଜାର ୬୭୬ଜଣ ପୁରୁଷ ମତଦାତା ମତଦାନ କରିବେ। ଶାନ୍ତି ଶୃଙ୍ଖଳାର ସହ ମତଦାନ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଫ୍ଲାଗମାର୍ଚ୍ଚ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଛି।

# ବିଜୁ ଜନତା ଦଳ ପକ୍ଷରୁ ଶେଷ ଦିବସରେ ପ୍ରଚାର

**ଝାରସୁଗୁଡ଼ା, ୧୮।୫(ସଞ୍ଜୟ ମାଲି)**

ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗ୍ରାମାଞ୍ଚଳରେ ବିଜୁ ଜନତା ଦଳ ପକ୍ଷରୁ ଶେଷ ପର୍ଯ୍ୟାୟ ମାରାଥନ ପ୍ରଚାର ହୋଇଛି। ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବିଧାନ ସଭା ପ୍ରାର୍ଥିନୀ ଦିପାଲି ଦାସ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ସୁଶାସନ, ଐତିହାସିକ ପଦକ୍ଷେପକୁ ରାଜ୍ୟର ପ୍ରତ୍ୟେକ ବର୍ଗ ଜାଣନ୍ତି। ଜିଲାର ବିଗତ ପ୍ରାୟ ୧୦ ବର୍ଷ ମଧ୍ୟରେ ହୋଇଥିବା ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ବିକାଶ କ୍ଷେତ୍ରରେ ସ୍ୱର୍ଗୀୟ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ପ୍ରଚେଷ୍ଟା ଝାରସୁଗୁଡ଼ାବାସୀ ଭଲ ଭାବରେ ଜାଣନ୍ତି। ସୁଶ୍ରୀ ଦୀପାଳି ଦାସଙ୍କ ହାତ ଗଣତି ମାତ୍ର କିଛି ମାସର ବିଧାୟିକା ରହିବା ସମୟରେ ହୋଇଥିବା ସମସ୍ତ ବିକାଶମୂଳକ କାର୍ଯ୍ୟକୁ ଆଗେଇ ନେବା ପାଇଁ ପ୍ରତିଶ୍ରୁତି ଦେବା ସହ ବିଜେଡିକୁ ବିପୁଳ ମାତ୍ରାରେ ଭୋଟ ଦେଇ ବିଜୟୀ କରିବାକୁ ପ୍ରାର୍ଥନା କରିଛନ୍ତି। କାର୍ଯ୍ୟକ୍ରମ ମଧ୍ୟରେ ଗ୍ରାମାଞ୍ଚଳର ହୀର୍ମା ଗ୍ରାମପଞ୍ଚାୟତ, କୁକୁରଜଂଘା, କନ୍ଦା ଗାଡ ଓ ଆଖପାଖ ଗ୍ରାମାଞ୍ଚଳରେ ମାରାଥନ ପ୍ରଚାର କରିଥିବାବେଳେ ମୋଟରସାଇକେଲ ରାଲି ହୋଇଥିଲା। ଆଜିର ପ୍ରଚାର କାର୍ଯ୍ୟକ୍ରମରେ ବିରୋଧି ଦଳକୁ ଟାର୍ଗେଟ କରି ବିଗତ ଦିନରେ କରାଯାଇଥିବା ଟେକା ମାଡକୁ ବିରୋଧ କରି "ତୁମେ ଗୋଟିଏ ଟେକା ଫିଙ୍ଗିବ ତେବେ ଆମର ଶହେ କର୍ମୀ ସାମ୍ନା କରିବେ" ଆଉ ତମ ଦାଦା ଗିରି ଚାଲିବ ନାହିଁ ବୋଲି ସୁଶ୍ରୀ ଦିପାଲି ଦାସ କହିଛନ୍ତି। ଏହି ମାରାଥନ ପ୍ରଚାର ସମୟରେ ଗ୍ରାମାଞ୍ଚଳ ବିଜୁ ଜନତା ଦଳର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।




ବିଜେଡି ପ୍ରାର୍ଥୀ ଦୀପାଳି ଦାସ ପ୍ରଚାର କରୁଛନ୍ତି।

# ବିଦ୍ୟାଳୟ ଆଗରେ ବିକ୍ଷୋଭ

**ତଳଗାଁ,୧୮।୫ (କୁନା ବେହେରା)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଲୁଣିବାହାଲ ଠାରେ ଥିବା କିସ୍ ବିଦ୍ୟାଳୟ ଆଗରେ ଶନିବାର ଅପରାହ୍ନରେ ସ୍ଥାନୀୟ ଲୋକେ ବିକ୍ଷୋଭ କରିବା ସହ ବିଦ୍ୟାଳୟକୁ ଧସେଇ ପଶିଥିବା ଜଣାପଡିଛି । ମିଳିଥିବା ସୂଚନା ମୁତାବକ, ଉକ୍ତ ବିଦ୍ୟାଳୟକୁ ଯିବା ପାଇଁ ରାସ୍ତା ଗୋଚର ଜମି ଉପରେ ବେଆଇନ ଭାବେ ନିର୍ମାଣ କରାଯିବା, ସ୍ଥାନୀୟ ଲୋକଙ୍କୁ ବିଦ୍ୟାଳୟରେ ନିଯୁକ୍ତି ନ ଦେବା ଆଦି ଅଭିଯୋଗ କରି ବିକ୍ଷୋଭ କରାଯାଇଥିଲା। ଖବର ପାଇ ପୁରୁଣାକଟକ ଥାନା ଅଧିକାରୀ ଶାରଦା ପ୍ରସନ୍ନ ଦାସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ସ୍ଥିତି ଅନୁଧ୍ୟାନ କରିଥିବା ଜଣାପଡିଛି।

# ଜଳଯୋଗାଣ ବ୍ୟାହତ, ମରାମତି ଦାବି



**ବାଲିଶଙ୍କରା,୧୮।୫( ହୃଦାନନ୍ଦ ବାରିକ)**

ବାଲିଶଙ୍କରା ବ୍ଲକ କୁସୁମୁରା ଗ୍ରାମରେ ଜଳଯୋଗାଣ ପାଇପ୍ ବିଛାକାର୍ଯ୍ୟ ଜାରି ରହିଛି। ଫଳରେ ଆଗରୁ ବିଛାଯାଇଥିବା ପାଇପ୍ ଭାଙ୍ଗିଯିବାରୁ ଅନେକ ଜାଗାରେ କାଦୁଅ ପାଣି ବାହାରୁଛି। ଏହା ବ୍ୟବହାର ଅନୁପଯୋଗୀ ହୋଇଥିବାରୁ ପାଣି ସମସ୍ୟା ଦେଖାଦେଇଛି। ତୁରନ୍ତ ଏହାକୁ କାର୍ଯ୍ୟକାରୀ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



କୁସୁମ ଟେଟେଙ୍କ ପାଇଁ ସିନେ ଅଭିନେତା ସିଦ୍ଧାନ୍ତ ମହାପାତ୍ର ପ୍ରଚାର କରୁଛନ୍ତି।

# ଭୋଟ ଗ୍ରହଣ ପାଇଁ ପ୍ରସ୍ତୁତି ଶେଷ

## ମତଦାନ କେନ୍ଦ୍ରରେ ପହଞ୍ଚିଲେ ପୋଲିଂ ପାର୍ଟି

**ସୁନ୍ଦରଗଡ,୧୮।୫(ଜୟ ନାରାୟଣ ମେଣ୍ଢୁଲି)**

ସୁନ୍ଦରଗଡ ଜିଲାରେ ଗୋଟିଏ ଲୋକସଭା ଓ ୭ଟି ବିଧାନସଭା ଆସନ ପାଇଁ ସୋମବାର ଭୋଟଗ୍ରହଣ ହେବ। ଏଥିପାଇଁ ଶନିବାର ସମସ୍ତ ଭୋଟ ଗ୍ରହଣ କେନ୍ଦ୍ରରେ ପୋଲିଂ ପାର୍ଟି ପହଞ୍ଚିଛନ୍ତି। ମୋଟ୧୫ଲକ୍ଷ ୬୭ହଜାର ଭୋଟରଙ୍କ ପାଇଁ୧୮୪୭ଟି ମତଦାନ କେନ୍ଦ୍ର ହୋଇଛି। ଏଥିପାଇଁ ମୋଟ ୧୧୦୮୨ଜଣ ପୋଲିଙ୍ଗ କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ଏଥିସହିତ ୧୦ରୁ ଅଧିକ ପୋଲିଙ୍ଗ କର୍ମଚାରୀଙ୍କୁ ରିଜର୍ଭ ରଖାଯାଇଛି। ମୋଟ ମତଦାନ କେନ୍ଦ୍ର ମଧ୍ୟରୁ ୨୧୫ଟି ସମ୍ବେଦନଶୀଳ ବୁଥ ଥିବା ବେଳେ ୯୩ଟି ଅତି ସମ୍ବେଦନଶୀଳ ବୁଥ ରହିଛି। ଅବାଧ ଓ ସ୍ୱଚ୍ଛ ମତଦାନ ପାଇଁ ସମସ୍ତ ବ୍ୟବସ୍ଥା ହୋଇଛି। ଲୋକସଭା ଆସନ ପାଇଁ ମୋଟ ୮ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି। ସେହିପରି ସୁନ୍ଦରଗଡ ବିଧାନସଭା ଆସନରେ ୮, ତଳସରା ଆସନରେ ୮,ବୀରମିତ୍ରପୁରରେ ୯, ରଘୁନାଥପାଲିରେ ୮, ରାଉରକେଲାରେ ୧୨, ରାଜଗାଙ୍ଗପୁରରେ ୬, ବଣାଇରେ ୧୦ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି।



ଭୋଟ ଗ୍ରହଣ କେନ୍ଦ୍ରରେ ପୋଲିଂ ପାର୍ଟି ।

## ସଂକ୍ଷେପରେ

### ସଡକ ଦୁର୍ଘଟଣା, ସ୍କୁଟି ଆରୋହୀ ମୃତ

ରେଢାଖୋଲ,୧୮।୫(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢାଖୋଲ ସହର ଉପକଣ୍ଠସ୍ଥ ଗ୍ରୀଡକୋ ଅଫିସ ନିକଟରେ ଶନିବାର ସନ୍ଧ୍ୟାରେ ଏକ ଟାଟା ଏସିଇ ସହ ଏକ ସ୍କୁଟି ମୁହାଁ ମୁହିଁ ଧକ୍କା ହେବା ଫଳରେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରେଢାଖୋଲ ଥାନା ଅଦଫିନ କୁକୁଡାବାହାଲି ପଞ୍ଚାୟତ କୋହ୍ଲମଲିଆ ଗ୍ରାମର ଭୁବନ ନାୟକ। ପୋଲିସ ମୃତଦେହ ଜବତ କରିଛି। ରବିବାର ରେଢାଖୋଲ ଡାକ୍ତରଖାନାରେ ବ୍ୟବଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।

### କୁଚିଣ୍ଡା ନିର୍ବାଚନ ମଣ୍ଡଳୀରେ ୧୦ଟି ସମ୍ବେଦନଶୀଳ ବୁଥ୍

**୫ଟି ସଖୀ ବୁଥ୍ ପରିଚାଳନା କରିବେ ମହିଳା**

କୁଚିଣ୍ଡା,୧୮।୫(ବିରଞ୍ଚି ଦର୍ଣ୍ଣା)

ସାଧାରଣ ନିର୍ବାଚନ ପରିଚାଳନା ନିମନ୍ତେ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତ ନିର୍ବାଚନରେ ୨୭୨ ଗୋଟି ବୁଥ୍‌ରେ ମୋଟ ୨ ଲକ୍ଷ ୨୨ ହଜାର ୨୨୧ ଜଣ ମତଦାନ କରିବେ। ତନ୍ମଧ୍ୟରୁ ମହିଳା ଭୋଟର ସଂଖ୍ୟା ୧ଲକ୍ଷ ୧୩ ହଜାର ୪୯୨ଜଣ ରହିଥିବା ବେଳେ ପୁରୁଷ ଭୋଟର ଅଛନ୍ତି ୧ଲକ୍ଷ ୮ହଜାର ୭୨୭ଜଣ। ୧୦ଟି ସମ୍ବେଦନଶୀଳ ବୁଥ୍ ରହିଛି। ସେଗୁଡିକ ହେଲା ବାମରା ବ୍ଲକର ବାମରା ଭାଗିରଥି ହାଇସ୍କୁଲ ବୁଥ ନଂ.୨୫, ବନ୍ଧକାନୀ ବୁଥ ନଂ.୮୨, କେନ୍ଦୁପାଣି ହାଇସ୍କୁଲ ବୁଥ ନଂ.୩୪, ରଙ୍ଗିଆଟିକିରା ହାଇସ୍କୁଲ ବୁଥ ନଂ.୫୪ ଓ କବରୀବାହାଲ ପ୍ରାଇମେରୀ ସ୍କୁଲ ବୁଥ ନଂ.୮୦, କୁଚିଣ୍ଡା ବ୍ଲକର ତେଲିତିଲେଇମାଲ ପ୍ରାଇମେରୀ ସ୍କୁଲ ବୁଥ ନଂ.୧୪୩ ଏବଂ ଜମନକିରା ବ୍ଲକର ସୁବର୍ଣ୍ଣପାଲି ହାଇସ୍କୁଲ ବୁଥ ନଂ.୧୮୬, ସର୍ଡା ହାଇସ୍କୁଲ ବୁଥ ନଂ.୨୪୭, ବଡରମା ଆଶ୍ରମ ସ୍କୁଲ ବୁଥ ନଂ.୨୫୧ ଏବଂ ଗରିଆବାହାଲ ପ୍ରାଇମେରୀ ସ୍କୁଲ ବୁଥ ନଂ.୨୭୩ ରହିଛି। ସେହିପରି ମହିଳାମାନେ ୫ଗୋଟି ସଖି ବୁଥ୍ ପରିଚାଳନା କରିବେ। ସେଗୁଡିକ ହେଲା ବାମରା ବ୍ଲକ ବମ୍ଲେଇ ବୁଥ ନଂ.୨ ଓ କୁଚିଣ୍ଡା ଏନଏସି ୩ନମ୍ବର ୱାର୍ଡ କିଷାନ କୁଣ୍ଡାପୋଷି ବୁଥ ନଂ.୧୩୩, ୧୧ନମ୍ବର ୱାର୍ଡ ସଇଡା ବଡକିଷାନପଡା ବୁଥ ନଂ.୧୩୫, ୧ନମ୍ବର ୱାର୍ଡ ମହୁଲଡିହି ବୁଥ ନଂ.୧୪୧ ଏବଂ ୬ନମ୍ବର ୱାର୍ଡ ବୁଥ ନଂ.୧୪୧। କୁଚିଣ୍ଡା ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ୧୩୮୬ ଭୋଟ ସଂଖ୍ୟା ଥିବା କୁଚିଣ୍ଡା ବ୍ଲକ ଖଣ୍ଡୋକଟା ବୁଥ ନଂ.୧୨୫ ଏବଂ ସର୍ବନିମ୍ନ ୩୬୮ ଭୋଟ ଥିବା ଜମନକିରା ବ୍ଲକର ସାନକୁଣ୍ଡେସରା ବୁଥ ନଂ.୨୫୬।

### ଅଭିଯୁକ୍ତ ସ୍ୱାମୀଙ୍କୁ ୨୦ ବର୍ଷ କାରାଦଣ୍ଡାଦେଶ

**ବୌଦ୍ଧ,୧୮।୫( ଅଜିତ କୁମାର ବାରିକ):** ବୌଦ୍ଧ ଅତିରିକ୍ତ ଜିଲା ଦୌରଜଜ୍ ସରୋଜିନୀ ପତି ଶନିବାର ଦିନ ଏକ ସ୍ତ୍ରୀ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତ ସ୍ୱାମୀଙ୍କୁ ୨୦ ବର୍ଷ କାରାଦଣ୍ଡ ସହ ୨୦୦୦ ଟଙ୍କା ଜରିମାନା ଆଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ, ହରଭଙ୍ଗା ଥାନା ହାତୀଗଡ ଗ୍ରାମର ହର ମଲିକଙ୍କ ସାନଝିଅ ଗୀତାଞ୍ଜଳି ହରଭଙ୍ଗା ଥାନା ତଇଳାସାହି (ଗେରେଡିସାହି) ଗ୍ରାମର ରୋହିତ ମଲିକଙ୍କୁ (୨୮)ଘଟଣାର ଦୁଇ ବର୍ଷ ଆଗରୁ ବିବାହ କରିଥିଲେ । ରୋହିତ କାମ ଧନ୍ଦା କରୁ ନ ଥିବାରୁ ସ୍ୱାମୀ ସ୍ତ୍ରୀ ମଧ୍ୟରେ କଳହ ଲାଗି ରହୁଥିଲା । ପାରିବାରିକ କଳହକୁ ନେଇ ଗତ ୩।୫।୨୦୨୨ ରିଖରେ ରୋହିତ ସ୍ତ୍ରୀ ଗୀତାଞ୍ଜଳିଙ୍କୁ ଏକ ବନ୍ଧୁକରୁ ଗୁଳି କରି ଦେଇଥିଲେ । ଗୁଳି ଗୀତାଞ୍ଜଳିଙ୍କ ଛାତିରେ ବାଜିବାରୁ ସେ ଗୁରୁତର ହୋଇ ପଡିଥିଲେ । ସଙ୍ଗେ ସଙ୍ଗେ ତାଙ୍କୁ ହରଭଙ୍ଗା ମେଡିକାଲକୁ ନିଆଯାଇଥିଲା । ସେଠାରେ ଗୀତାଞ୍ଜଳିଙ୍କ ମୃତ୍ୟୁ ଘଟିଥିଲା । ଏନେଇ ରୋହିତଙ୍କ ଶଶୁର ହର ଝିଅକୁ ହତ୍ୟା କରିଥିବା ନେଇ ହରଭଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ହରଭଙ୍ଗା ଥାନା ପକ୍ଷରୁ କେସ ନଂ ୪୧/୨୦୨୨ରେ ଏକ ହତ୍ୟା ମାମଲା ରୁଜୁ କରାଯାଇଥିଲା । ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି ବିଚାର ପାଇଁ କୋର୍ଟ ଚାଲାଣ କରିଥିଲା । ପରବର୍ତ୍ତୀ ସମୟରେ ମାମଲାଟି ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ଏସଟି କେସନଂ ୭୫/୨୨ ହୋଇ ବିଚାର ହୋଇଥିଲା ।

# ଜମିପଟ୍ଟା ନ ଥିଲେ ମିଳୁନି ଜାତି ପ୍ରମାଣପତ୍ର

**ସମ୍ବଲପୁର ତହସିଲ ଅଫିସ**

**■ଅନୁସୂଚିତ ଜାତି, ଜନଜାତି ଛାତ୍ରୀଛାତ୍ର ନିରାଶ**

ସମ୍ବଲପୁର,୧୮।୫(ଭବାନୀ ଶଙ୍କର ଭୋଇ)

ଶିକ୍ଷା କ୍ଷେତ୍ରରେ ମିଳୁଥିବା ବିଭିନ୍ନ ସରକାରୀ ସୁବିଧା ପାଇବା ପାଇଁ ଅନୁସୂଚିତ ଜାତି ଏବଂ ଜନଜାତ ଛାତ୍ରୀଛାତ୍ରଙ୍କ ପାଇଁ ଜାତି ପ୍ରମାଣ ପତ୍ରର ଆବଶ୍ୟକତା ପଡିଥାଏ। ଯାହାକୁ ନିର୍ଦ୍ଧାରିତ ପ୍ରକ୍ରିୟାରେ ଆବେଦନ କରିବା ପରେ ସ୍ଥାନୀୟ ତହସିଲଦାର ପ୍ରଦାନ କରିଥାନ୍ତି। ହେଲେ ସମ୍ବଲପୁର ତହସିଲ ଅଫିସରେ ଅନୁସୂଚିତ ଜାତି ଏବଂ ଜନଜାତି ଛାତ୍ରୀଛାତ୍ରମାନେ ଜାତି ପ୍ରମାଣପତ୍ର ପାଇବାକୁ ନାକେଦମ ହେଉଛନ୍ତି। ଜମିପଟ୍ଟା ନ ଥିବା ପରିବାରର ପିଲାମାନେ ଜାତି ପ୍ରମାଣପତ୍ର ପାଇବାରୁ ବଞ୍ଚିତ ହେଉଛନ୍ତି। ଏଭଳି ଅନେକ ଅଭିଯୋଗ ସମାନାକୁ ଆସୁଛି।

ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ୧୭୦ରୁ ଅଧିକ ବସ୍ତି ରହଛି। ସେଥି ମଧ୍ୟରୁ ଅଧିକାଂଶ ସରକାରୀ ଜମିରେ ରହିଛି। ସେଠାରେ ଲକ୍ଷାଧିକ ଲୋକ ବସବାସ କରୁଥିବା ବେଳେ ଅଧିକାଂଶ ଜନଜାତି ଏବଂ ଅନୁସୂଚିତ ଜାତିର। ତେବେ ସେମାନେ ସମ୍ବଲପୁର ତହସିଲଦାରଙ୍କଠାରେ ନିଜ ଝିଅପୁଅଙ୍କ ଶିକ୍ଷା ପାଇଁ ଜାତି ପ୍ରମାଣପତ୍ର ଆବେଦନ କରିବା ସମୟରେ ସ୍ଥାନୀୟ ବାସିନ୍ଦା ଏବଂ ଆଙ୍ଗନବାଡି କର୍ମୀଙ୍କ ଦସ୍ତଖତ ଏବଂ ସତ୍ୟପାଠ ଦାଖଲ କରି ଆବେଦନ କରୁଥିଲେ। ତେବେ ତାହା ଗ୍ରହଣୀୟ ହେଉ ନ ଥିବା ଅଭିଯୋଗ ହୋଇଛି। ଏପରିକି ଜନସେବା କେନ୍ଦ୍ରଗୁଡିକ ମଧ୍ୟ ଆବେଦନ ସମୟରେ ଜମିପଟ୍ଟା ନଦେଲେ ଜାତି ପ୍ରମାଣପତ୍ର ମିଳିବ ନାହିଁ ବୋଲି କହି ଆବେଦନକାରୀଙ୍କୁ ଫେରାଇ ଦେଉଛନ୍ତି। ନିଜେ ସିଧାସଳଖ ଅନ୍‌ଲାଇନ ଆବେଦନ କରିବାରେ ଅସମର୍ଥ ଗରିବ ପରିବାରଗୁଡିକ ଆଇନଜୀବୀଙ୍କ ସହଯୋଗ ନେଇ ପଞ୍ଚନାମା ସହ କରିଥିବା ଆବେଦନ ଗ୍ରହଣୀୟ ନହେବା ଯୋଗୁଁ ଆହୁରି ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। କିଛିଦିନ ପୂର୍ବରୁ ଚାରଭାଟି ଅଞ୍ଚଳର ରିକିତା ଓରାମ ନାମକ ପିଲାର ସ୍କୁଲରେ ନାମଲେଖା ପାଇଁ ତାଙ୍କ ମା' ଜାତି ପ୍ରମାଣପତ୍ର ଆବେଦନ କରିଥିଲେ। ହେଲେ ସମ୍ବଲପୁରରେ ତାଙ୍କର ନିଜସ୍ୱ ଜମି ନ ଥିବା କାରଣରୁ ଜମିପଟ୍ଟା ଦେଇ ପାରଲେ ନାହିଁ। ଏଥିରେ ତାଙ୍କର ଜାତି ପ୍ରମାଣପତ୍ର ଆବେଦନ ଖାରଜ ହୋଇଯାଇଥିଲା। ଏହା ଏକ ଉଦାହରଣ ମାତ୍ର ନିୟମିତ ଏଭଳି ଆବେଦନ ସମ୍ବଲପୁରରେ ଖରଜ ହେଉଥିବା ଦେଖିବାକୁ ମିଳୁଛି। ଏନେଇ ଆଇନଜୀବୀ ଶେଷଦେବ ମିଶ୍ର କୁହନ୍ତି, ଆଗରୁ ପଞ୍ଚନାମା ଜରିଆରେ ଆବେଦନ କଲେ ସ୍ଥାନୀୟ ରାଜସ୍ୱ ଅଧିକାରୀ ତଦନ୍ତ କରି ରିପୋର୍ଟ ଦେବାପରେ ଜାତି ପ୍ରମାଣପତ୍ର ମିଳିପାରୁଥିଲା। ହେଲେ ବିଗତ କିଛି ମାସ ହେବ ତହସିଲଦାର ଏଭଳି ଆବେଦନଗୁଡିକ ଖାରଜ କରି ଦେବା ଦ୍ୱାରା ବହୁ ଛାତ୍ରୀଛାତ୍ର ଜାତି ପ୍ରମାଣପତ୍ର ପାଇବାରୁ ବଞ୍ଚିତ ହେଉଛନ୍ତି। ଏନେଇ ତହସିଲଦାର ମନୋଜ ପ୍ରଭାକର କୁଜୁରଙ୍କୁ ପଚାରିବାରୁ କହିଛନ୍ତି, ଯେହେତୁ ସମ୍ବଲପୁରକୁ ବିଭିନ୍ନ ଅଞ୍ଚଳରୁ ଲୋକେ ଆସି ରହୁଛନ୍ତି ସେମାନଙ୍କ ପ୍ରକୃତ ଜାତି କ'ଣ ସ୍ଥାନୀୟ ଲୋକେ ଜାଣିନଥାନ୍ତି। ତେଣୁ ସେମାନଙ୍କର ଯଦି ସମ୍ବଲପୁରରେ ସ୍ଥାୟୀ ପଟା ନାହିଁ ତେବେ ଯେଉଁଠାରୁ ଆସିଛନ୍ତି ସେଠାରେ ଜାତି ପ୍ରମାଣପତ୍ର ଆବେଦନ କରନ୍ତୁ ବୋଲି କହିଥିଲେ। ତେବେ ସମ୍ବଲପୁରରେ ରହୁଥିବା ଜନଜାତି ଏବଂ ଅନୁସୁଚିତ ଜାତିର ଛାତ୍ରୀଛାତ୍ର କିଭଳି ଜାତି ପ୍ରମାଣପତ୍ର ସହଜରେ ପାଇପାରିବେ ତାର ବିକଳ୍ପ ବ୍ୟବସ୍ଥା କରାଯିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ଭାଜପା ମହିଳା ମୋର୍ଚ୍ଚାର ବାଇକ ରାଲି


ଶନିବାର ସମ୍ବଲପୁରରେ ବାହାରିଥିବା ମହିଳା ମୋର୍ଚ୍ଚାର ବାଇକ ଶୋଭାଯାତ୍ରା।

ସମ୍ବଲପୁର,୧୮।୫(ଭବାନୀ ଶଙ୍କର ଭୋଇ)

ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଶନିବାର ସନ୍ଧ୍ୟାରେ ସମ୍ବଲପୁରରେ ଏକ ବାଇକ ରାଲି ଆୟୋଜନ କରାଯାଇଥିଲା। ମହିଳା ମୋର୍ଚ୍ଚା କର୍ମକର୍ତ୍ତାମାନେ ଇଷ୍ଟଦେବୀ ମା' ସମଲେଇଙ୍କ ମନ୍ଦିର ନିକଟରୁ ବାଇକ ଶୋଭାଯାତ୍ରା ଆରମ୍ଭ କରିଥିଲେ। କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଲୋକ ସଭା ଭାଜପା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଧର୍ମପତ୍ନୀ ମୃଦୁଳା ଠାକୁର ପ୍ରଧାନ ଏହାର ନେତୃତ୍ୱ ନେଇଥିଲେ। ବାଇକ ଶୋଭାଯାତ୍ରା ସମଲେଶ୍ୱରୀ ମନ୍ଦିରରୁ ବାହାରି କୁଞ୍ଜେଲପଡ଼ା ଛକ, ସାନସଡ଼କ, ପର୍ଶୁରାମ ଛକ, ଶକ୍ତି ଛକ, ଗୋଲ ବଜାର, ଲକ୍ଷ୍ମୀ ଟକିଜ ଛକ, ଜି.ଏମ କଲେଜ ଛକ, ବୁଢାରଜା ରାସ୍ତା ଦେଇ ଅଇଁଠାପାଲି ପିଏଚଡ଼ି ପଡିଆରେ ପହଞ୍ଚିଥିଲା। ସେଠାରେ ମୃଦୁଳା ଠାକୁର ମହିଳାମାନଙ୍କୁ ଉଦ୍‌ବୋଧନ ଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ କହିଥିଲେ।


**ରୌଦ୍ରତାପ ସହ ଭୀଷଣ ଗୁଳଗୁଳି:** ଶନିବାର ସମ୍ବଲପୁର ମହାନଦୀ ରିଂ ରୋଡରେ ମହାନଦୀ ତଟରେ ଜଣେ ବୟସ୍କ ବ୍ୟକ୍ତି ଛାଇ ତଳେ ବସି ଭଜନ ଗାନ କରୁଛନ୍ତି।

### ଭାଜପାର ମିଥ୍ୟା ପ୍ରତିଶ୍ରୁତି, ବିଜେଡି ଜିଲାପାଳଙ୍କ ଦ୍ୱାରସ୍ଥ

ସମ୍ବଲପୁର,୧୮।୫(ପ୍ରମୋଦ ବହିଦାର)

ନିର୍ବାଚନ ପ୍ରଚାର ପାଇଁ ଭାଜପା ସରକାରୀ କାନ୍ଥବାଡ଼କୁ ବ୍ୟବହାର କରି ନିର୍ବାଚନୀ ଇସ୍ତାହାର ବାହାରେ ବିଭିନ୍ନ ପ୍ରତିଶ୍ରୁତି ଦେଇ ଲୋକଙ୍କୁ ଭ୍ରମିତ କରୁଛି। ଯାହା ଆଦର୍ଶ ନିର୍ବାଚନ ଆଚରଣ ବିଧିର ଖୋଲାଖୋଲି ଉଲ୍ଲଂଘନ ବୋଲି ଅଭିଯୋଗ କରିଛି ବିଜେଡି। ସେହିପରି ସମ୍ବଲପୁରବାସୀଙ୍କୁ ମିଛ ପ୍ରତିଶ୍ରୁତି ଦେଇ ଭ୍ରମିତ କରିଥିବାରୁ ଧର୍ମେନ୍ଦ୍ର କ୍ଷମା ମାଗନ୍ତୁ ବୋଲି ଦାବି କରିଛି ବିଜେଡି। ବିଜେଡି ପକ୍ଷରୁ ଏକ ପ୍ରେସ୍ ଇସ୍ତାହାର ଜରିଆରେ କୁହାଯାଇଛି ଯେ, ଗତ ୧୧ ତାରିଖରେ ବିଜେଡିର ଏକ ପ୍ରତିନିଧି ଦଳ ସମ୍ବଲପୁର ଜିଲାପାଳଙ୍କୁ ଭେଟି ଭାଜପା ନିର୍ବାଚନ ଆଦର୍ଶ ଆଚରଣ ବିଧିକୁ ଖୋଲାଖୋଲି ଉଲ୍ଲଂଘନ କରୁଛି। ସରକାରୀ କାନ୍ଥବାଡ଼ରେ ନିର୍ବାଚନୀ ଇସ୍ତାହାରରେ ନ ଥିବା ପ୍ରତିଶ୍ରୁତି ଗୁଡିକୁ ଲେଖି ସମ୍ବଲପୁରବାସୀଙ୍କୁ ଭ୍ରମିତ କରିବାକୁ ଭାଜପା ପ୍ରୟାସ କରିଛି ବୋଲି ଲିଖିତ ଅଭିଯୋଗ କରିଥିଲେ। ତେବେ ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ଭୟରେ ଭାଜପା ସରକାରୀ କାନ୍ଥବାଡ଼ରେ ଲେଖିଥିବା ପ୍ରତିଶ୍ରୁତିଗୁଡ଼ିକୁ ଲିଭାଇ ଦେଇଥିଲା। ତେଣୁ ଏଭଳି ମିଛ ପ୍ରତିଶ୍ରୁତି ଦେଇ ଭ୍ରମିତ କରୁଥିବାରୁ ଧର୍ମେନ୍ଦ୍ର ସମ୍ବଲପୁରବାସୀଙ୍କୁ କ୍ଷମା ମାଗନ୍ତୁ ବୋଲି ବିଜେଡି ମୁଖପାତ୍ର ଡ. ଲେନିନ୍ ମହାନ୍ତି ଦାବି କରିଛନ୍ତି।

### ଆଶା କର୍ମୀ ବିଜେଡି ଲାଗି ପ୍ରଚାର କରୁଥିବା ଅଭିଯୋଗ

କୁଚିଣ୍ଡା,୧୮।୫(ବିରଞ୍ଚି ଦର୍ଣ୍ଣା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ତେଲିତିଲେଇମାଲ ପଞ୍ଚାୟତ ଡନସନାଡିହି ଗ୍ରାମର ଆଶାକର୍ମୀ ଓ ମିଶନଶକ୍ତି ଜିପିଏଲଏଫର ଇସି ମେମ୍ବର ଓ ଅନ୍ୟ କେତେଜଣ ଇସି ମେମ୍ବର ବିଜେଡି ପାଇଁ ପ୍ରଚାର କରୁଥିବା ଭାଜପା ଅଭିଯୋଗ କରିଛି। ଏ ନେଇ ଶନିବାର ମୁଖ୍ୟ ନିର୍ବାଚନ ଅଧିକାରୀ, ଜିଲାପାଳ ଏବଂ କୁଚିଣ୍ଡା ଉପଜିଲାପାଳଙ୍କଠାରେ ଭାଜପା ଅଭିଯୋଗ କରିଛି। ଶନିବାର ଡନସନାଡିହି ଗ୍ରାମରେ ବିଜେଡି ପକ୍ଷରୁ ମହିଳାଙ୍କୁ ନେଇ ଏକ ପଦଯାତ୍ରା କରାଯାଇଥିଲା। ଏଥିରେ ସମ୍ପୃକ୍ତ ଆଶା କର୍ମୀ, ମିଶନଶକ୍ତି ଜିପିଏଲଏଫ ମେମ୍ବରଙ୍କ ସମେତ ଅନ୍ୟ ମେମ୍ବରମାନେ ୟୁନିଫର୍ମ ପରିଧାନ କରି ବିଜେଡି ପତାକା ଓ ଟୋପି ପିନ୍ଧି ପ୍ରଚାର କରୁଥିବା ସୋସିଆଲ ମିଡିଆରେ ଘୁରି ବୁଲୁଛି। ଆଦର୍ଶ ଆଚରଣବିଧି ଲାଗୁ ହୋଇଥିଲେ ମଧ୍ୟ ଏହି ଆଶା କର୍ମୀ ଓ ଜିପିଏଲଏଫ ମେମ୍ବରମାନେ ସରକାରୀ ନିୟମ ଉଲ୍ଲଂଘନ କରି ବିଜେଡି ପ୍ରଚାର କରି ଥିବାରୁ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଭାଜପା ଦାବି କରିଛି। ଏ ସମ୍ପର୍କରେ ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ହେମସାଗର ଭୋଇଙ୍କୁ ପଚାରିବାରୁ ତାଙ୍କ ପାଖକୁ ଅଭିଯୋଗ ଆସିଛି। ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

### ଟ୍ରକ ସହ ୨୪୦୦ବୋତଲ କଫସିରପ୍ ଜବତ


ଜବତ ହୋଇଥିବା କଫସିରପ ବୋତଲ।

ଜମନକିରା,୧୮।୫(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ଥାନା ଟିକିଲିପଡ଼ା ଛକ ନିକଟରେ ଶନିବାର ପୋଲିସ ଏକ ଟ୍ରକ ସହ ୨୪୦୦ ବୋତଲ କଫ ସିରପ ଜବତ କରିଛି। ଚଢାଉବେଳେ ଫେରାର ହୋଇଯାଇଥିବା ଚାଳକ ଏବଂ ଟ୍ରକ ମାଲିକ ନାଁରେ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ପଦ୍ମାଳୟା ସାହୁ କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ସକାଳେ ଟିକିଲିପଡା ଛକରେ ପୋଲିସ ଚେକିଂ କରୁଥିଲା। ଏହି ସମୟରେ କୋଲକାତାରୁ ସମ୍ବଲପୁର ଅଭିମୁଖେ ଆସୁଥିବା ଟ୍ରକ (ଓଆର ୧୫କ୍ୟୁ୧୮୭୨)କୁ ପୋଲିସ ଯାଞ୍ଚ କରିଥିଲା। ଟ୍ରକରେ ୨୦ପେଟିରେ ୨୪୦୦ବୋତଲ କଫସିରପ ମିଳିଥିଲା। ଟ୍ରକ ସମ୍ବଲପୁର ଜିଲାର ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

# ସମସ୍ୟା ସମାଧାନକୁ ଅଗ୍ରାଧିକାର: ଦୁର୍ଗା ପାଢ଼ୀ

ସମ୍ବଲପୁର, ୧୮।୫(ପ୍ରମୋଦ ବହିଦାର)

ଦୀର୍ଘ ବର୍ଷ ଧରି କ୍ଷମତାରେ ରହି ଲୋକଙ୍କୁ ପ୍ରତାରଣା କରି ଆସିଥିବା ବିଜେଡି ଓ ଭାଜପା ବର୍ତ୍ତମାନ ଲୋକଙ୍କ ଆସ୍ଥା ହରାଇ ବସିଛନ୍ତି। ତେଣୁ ନିର୍ବାଚନ ବୈତରଣୀ ପାରି ହେବାକୁ ସେମାନେ ଷ୍ଟାର ପ୍ରଚାରକଙ୍କ ଜରିଆରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରାଉଛନ୍ତି ବୋଲି କହିଛନ୍ତି କଂଗ୍ରେସର ସମ୍ବଲପୁର ବିଧାୟକ ପ୍ରାର୍ଥୀ ଦୁର୍ଗା ପ୍ରସାଦ ପାଢ଼ୀ। ସ୍ଥାନୀୟ ଏକ ହୋଟେଲରେ ଖବରଦାତାଙ୍କ ସହିତ ଅନୌପଚାରିକ ସାକ୍ଷାତ ସମୟରେ ସେ କହିଛନ୍ତି ଯେ, ଦୀର୍ଘ ୨୪ ଧରି କ୍ଷମତାରେ ରହି ବିକାଶର ଡଣ୍ଡିମ ପିଟୁଥିବା ବିଜେଡି ସରକାର ରାଜ୍ୟର ବାସ୍ତବ ସ୍ଥିତିକୁ ଘଣ୍ଟ ଘୋଡ଼ାଉଛନ୍ତି। ଓଡ଼ିଶା ବିଶେଷ କରି ସମ୍ବଲପୁରର ଅନେକ ଗ୍ରାମକୁ ବର୍ତ୍ତମାନ ମଧ୍ୟ ବିଜୁଳି ସଂଯୋଗ ନାହିଁ। ଘରେ ଘରେ ପାନୀୟ ଜଳର ଅଭାବ ରହିଛି। ଶୌଚାଳୟ ନାହିଁ, ରାସ୍ତା ଘାଟରେ କୁଢ଼ କୁଢ଼ ଅଳିଆ ଆବର୍ଜନା ଜମା ହୋଇ ରହିଛି। ରାସ୍ତା ଉପରେ ନର୍ଦ୍ଦମା ଜଳ ପ୍ରବାହିତ ହେଉଥିବାବେଳେ ଲୋକେ ସର୍ବନିମ୍ନ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଅନେକ ଦୁର୍ଦ୍ଦଶା ମଧ୍ୟରେ କାଳାତିପାତ କରୁଛନ୍ତି ବୋଲି ସମ୍ବଲପୁର କଂଗ୍ରେସ ବିଧାୟକ ପ୍ରାର୍ଥୀ ପାଢ଼ୀ କହିଛନ୍ତି। ସେ କହିଲେ, ସମସ୍ୟା ବହୁଳ ସମ୍ବଲପୁର ନିର୍ବାଚନ ମଣ୍ଡଳୀରେ ଉଭୟ ଜନପ୍ରତିନିଧି ଦୀର୍ଘ ସମୟ ଧରି ଅନୁପସ୍ଥିତ ରହିଥିଲେ। ଜନପ୍ରତିନିଧିଙ୍କ ଅନୁପସ୍ଥିତିରେ ବିଭିନ୍ନ ସମସ୍ୟାରେ ହନ୍ତସନ୍ତ ଏହି ନିର୍ବାଚନ ମଣ୍ଡଳୀବାସୀଙ୍କ ପାଇଁ ସ୍ୱର ଉତ୍ତୋଳନ କରିବାକୁ କେହି ନ ଥିଲେ। ଏହାର ଫାଇଦା ନେଇ ସରକାରୀ ଅଧିକାରୀମାନେ ସ୍ୱେଚ୍ଛାଚାରୀ ଭାବେ କାର୍ଯ୍ୟ କରି ଚାଲିଲେ ଓ ଜନତାଙ୍କ ସମସ୍ୟାର ସମାଧାନ ପ୍ରତି ଆଦୌ ଧ୍ୟାନ ଦେଲେ ନାହିଁ। ଫଳରେ ସମ୍ବଲପୁରବାସୀ ସର୍ବନିମ୍ନ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଦୟନୀୟ ସ୍ଥିତିରେ ରହୁଛନ୍ତି ବୋଲି କହିଛନ୍ତି ପାଢ଼ୀ। ସମ୍ବଲପୁରବାସୀଙ୍କୁ ଦୁଃଖ ଦୁର୍ଦ୍ଦଶାରୁ ମୁକ୍ତ କରିବା ପାଇଁ ସେ କଂଗ୍ରେସ ପ୍ରାର୍ଥୀ ହୋଇଛନ୍ତି। ଦୁଇ ଅଭିଜ୍ଞଙ୍କୁ ମୁକାବିଲାର ରଣନୀତି ସମ୍ପର୍କରେ ସେ ସୂଚନା ଦେଇଥିଲେ। ନିର୍ବାଚନରେ ବିଜୟୀ ହେଲେ କଂଗ୍ରେସ ଗ୍ୟାରେଣ୍ଟି ସହିତ ସମ୍ବଲପୁର ଲୋକଙ୍କ ସମସ୍ୟା ସମାଧାନକୁ ଅଗ୍ରାଧିକାର ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଦୁର୍ଗା ପ୍ରସାଦ ପାଢ଼ୀ।

# ରେଢ଼ାଖୋଲବାସୀଙ୍କୁ ମିଳୁନି ବିଶୁଦ୍ଧ ପାନୀୟ ଜଳ

**ଖବରଦାତା ସମ୍ମିଳନୀରେ ରାଜ୍ୟ ସରକାରଙ୍କୁ ଘେରିଲା ଭାଜପା**

ରେଢ଼ାଖୋଲ,୧୮।୫(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢ଼ାଖୋଲ ବିଧାନ ସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟା ରହିଛି। ନିରବଚ୍ଛିନ୍ନ ୨୪ବର୍ଷର ଶାସନ କାଳରେ ରାଜ୍ୟର ବିଜେଡି ସରକାର ଏସବୁ ସମାଧାନ ରି ପାରିଲାନି। ବିଶୁଦ୍ଧ ପାନୀୟ ଜଳ ଆଜି ବି ଲୋକେ ପାଇବରୁ ବଞ୍ଚିତ ରହିଛନ୍ତି। ରେଢାଖୋଲ ଭାଜପା କାର୍ଯ୍ୟାଳୟରେ ଶନିବାର ଏକ ଖବରଦାତା ସମ୍ମିଳନୀରେ ଏହିଭଳି ଢଙ୍ଗରେ ରାଜ୍ୟ ସରକାରଙ୍କୁ ଘେରିଛନ୍ତି ଭାଜପା ନେତା ଡ.ପ୍ରମୋଦ ରଥ। ବିଜେଡି ସରକାରଙ୍କୁ ସମାଲୋଚନା କରି ସେ କହିଛନ୍ତି ଯେ, ବିଦ୍ୟାଳୟରେ ଶିକ୍ଷକ, ମହାବିଦ୍ୟାଳୟରେ ଅଧ୍ୟାପକ ଓ ପ୍ରାଧ୍ୟାପକ ନିଯୁକ୍ତି ଦିଆଯାଇ ପାରିଲା ନାହିଁ। ଡାକ୍ତରଖାନାରେ ଡାକ୍ତର, ପାରାମେଡିକାଲ ଷ୍ଟାଫ, ଟେକ୍ନିସିଆନ ନର୍ସ ନାହାନ୍ତି। ଗାଁକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଯାଇ ପାରୁନାହିଁ, ଖଟରେ ବୁହା ହେଉଛନ୍ତି ରୋଗୀ। ରେଢ଼ାଖୋଲ ଅଞ୍ଚଳରେ ଦୀର୍ଘ ବର୍ଷ ହେଲା ହାତୀ ଉପଦ୍ରବରେ ଲୋକଙ୍କ ଧନ ଜୀବନ ନଷ୍ଟ ହେଉଛି। ସେଥିପାଇଁ ସରକାରଙ୍କ ପାଖରେ କୌଣସି ସ୍ଥାୟୀ ଯୋଜନା ନାହିଁ। କିଆକାଟାରୁ ରେଢ଼ାଖୋଲ ପାନୀୟ ଜଳ ପ୍ରକଳ୍ପରେ ଘରେ ଘରେ ଆଜି ପର୍ଯ୍ୟନ୍ତ ପାଣି ପହଞ୍ଚି ପାରିନାହିଁ। ଭୂମିହୀନଙ୍କୁ ସ୍ଥାୟୀ ପଟ୍ଟା ଦିଆଯାଇ ନାହିଁ। କେରାଣ୍ଡି ଜୋରରେ ଥିବା ଡ୍ୟାମର ପୁନଉଦ୍ଧାର କରାଯାଇନାହିଁ। ଚମ୍ପାଳି ନଦୀରେ ବ୍ୟାରେଜ ତିଆରି କରାଯାଇ ପାରିଲାନାହିଁ। ଘୁଞ୍ଚୁରାମାଲ ପଞ୍ଚାୟତ ଝାଟକିମାଳଠାରେ ଏକ ସେତୁ, ନାକଟିଦେଉଳ ଖମନ ମୁଣ୍ଡାଠାରେ ଏକ ସେତୁ , ସାଲେଭଟା ପଞ୍ଚାୟତର ଖଣ୍ଡହାଲଠାରେ ଏକ ସେତୁ ପାଇଁ ଦୀର୍ଘ ବର୍ଷରୁ ଦାବି ହୋଇ ଆସୁଥିଲେ ମଧ୍ୟ ସରକାର କର୍ଣ୍ଣପାତ କଲେ ନାହିଁ। ଅଞ୍ଚଳର ଦୁଇ ତୃତୀୟାଂଶ ଚାଷ ଜମିକୁ ଜଳ ସେଚନର ବ୍ୟବସ୍ଥା ହୋଇପାରିଲା ନାହିଁ। ଶୀତଳ ଭଣ୍ଡାର ପାଇଁ ସରକାର ପ୍ରତିଶ୍ରୁତି ଦେଇଥିଲେ ହେଲେ ଆଜି ଯାଏଁ ନିର୍ମାଣ ହୋଇ ପାରିଲା ନାହିଁ। ଖବରଦାତା ସମ୍ମିଳନୀରେ ରାଜ୍ୟ ପ୍ରବକ୍ତା ମାନସ ରଞ୍ଜନ ରଞ୍ଜନ ବକ୍ସି , ବିଧାନସଭା ମିଡ଼ିଆ ସଂଯୋଜକ ଅନିଲ ପୃଷ୍ଟି, ଜିଲା ପରିଷଦ ସଭ୍ୟ ଶରତ ପ୍ରଧାନ, ଏନଏସି ଅଧ୍ୟକ୍ଷ ଶିବରାମ ସାହୁ , ନଗର ସଭାପତି ରାମାନୁଜ ମହାପାତ୍ର, ରାଜା ପାଲ, ଅର୍ଜୁନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସଂଗ୍ରହାଳୟ ଆମ ସମାଜର ଦର୍ପଣ ସଦୃଶ

ସମ୍ବଲପୁର,୧୮।୫(ବି.ଶଙ୍କର)


ଆନ୍ତର୍ଜାତିକ ସଂଗ୍ରହାଳୟ ଦିବସରେ ମ୍ୟୁଜିୟମ ବୁଲି ଦେଖୁଛନ୍ତି ଆୟୋଜକ ଓ ଛାତ୍ରୀଛାତ୍ର।

**ଆନ୍ତର୍ଜାତିକ ମ୍ୟୁଜିୟମ ଦିବସ**

ମ୍ୟୁଜିୟମ ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ଅତୀତକୁ ସାଇତି ରଖେ । ଏକ ଶିକ୍ଷଣ କେନ୍ଦ୍ର ଭଳି ଏହା ସୂଚନା ଓ ଜ୍ଞାନ ବିତରଣ କରିଥାଏ । ଏଥିସହ ଗବେଷଣା ସକାଶେ ଉପାଦାନ ଯୋଗାଇଥାଏ ବୋଲି ଆନ୍ତର୍ଜାତିକ ମ୍ୟୁଜିୟମ ଦିବସ ପାଳନ ଅବସରରେ ମତ ପ୍ରକାଶ ପାଇଛି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ଏବଂ ଇନଟାକ ସମ୍ବଲପୁର ଚାପ୍ଟରର ମିଳିତ ଆନୁକୂଲ୍ୟରେ ଶନିବାର ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଟାଉନ ହଲରେ ଆନ୍ତର୍ଜାତିକ ସଂଗ୍ରହାଳୟ ଦିବସ ପାଳନ କରାଯାଇଛି।

ଇନଟାକର ବରିଷ୍ଠ ସଦସ୍ୟ ତଥା ଅବସରପ୍ରାପ୍ତ ପ୍ରଫେସର ବୃନ୍ଦାବନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ କହିଥିଲେ ଯେ, ସମୟ ପରିବର୍ତ୍ତନଶୀଳ। ସମୟ ସହିତ ତାଳ ଦେଇ ସବୁକିଛି ବଦଳିଥାଏ । ଏପରିକି କଳା, ସଂସ୍କୃତି, ଜନଜୀବନରେ ଏହି ପରିବର୍ତ୍ତନର ପ୍ରଭାବ ପଡିଥାଏ । ତେଣୁ ଆମର ଇତିହାସ, ପରମ୍ପରା, ଚାଲି ଚଳଣୀର ଅମୂଲ୍ୟ ସମ୍ପଦ ସମୟର ତାଳରେ ନିଶ୍ଚିହ୍ନ ହେବା ପୂର୍ବରୁ ତାକୁ ସାଇତି ରଖାଯିବା ଆବଶ୍ୟକ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ମୁଖ୍ୟ ଡ. ଅତୁଲ କୁମାର ପ୍ରଧାନ କହିଲେ ଯେ, ସଂଗ୍ରହାଳୟ ଆମ ସମାଜର ଦର୍ପଣ ସଦୃଶ୍ୟ। ସମାଜର ସ୍ୱରୂପକୁ ଦର୍ଶାଇଥାଏ। ସଂଗ୍ରହାଳୟ ଶିକ୍ଷାର କେନ୍ଦ୍ର ଅଟେ। ଏହା ଲୋକଙ୍କୁ ଶିକ୍ଷିତ କରାଏ ଓ ଶିକ୍ଷିତଙ୍କୁ ଗବେଷଣା ପାଇଁ ଉପାଦାନ ଯୋଗାଏ । ସେ ସଂଗ୍ରହାଳୟର ଇତିହାସ ଓ ଏହାର ପ୍ରାସଙ୍ଗିକତା ବାବଦରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ଇନଟାକ ସମ୍ବଲପୁର ଚାପ୍ଟରର ଦୀପକ କୁମାର ପଣ୍ଡା କହିଲେ ଯେ, ପ୍ରତ୍ୟେକ ସ୍ଥାନରେ ସଂଗ୍ରହାଳୟର ଆବଶ୍ୟକତା ରହିଛି। ସମ୍ବଲପୁରରେ ପଶ୍ଚିମ ଓଡ଼ିଶାର ଜନଜୀବନ ଓ ସଂସ୍କୃତି ଆଧାରିତ ସଂଗ୍ରହାଳୟର ଆବଶ୍ୟକତା ରହିଛି। ବୀର ସୁରେନ୍ଦ୍ର ସାଏ ଟାଉନ ହଲର ସୀମିତ ପରିସରରେ ଏକ ଛୋଟ ମ୍ୟୁଜିୟମର ପରିକଳ୍ପନା କରାଯାଇଛି । ଖୁବ୍‌ଶୀଘ୍ର ଜନସାଧାରଣଙ୍କ ପାଇଁ ଏହାକୁ ଖୋଲି ଦିଆଯିବ। ଜନସାଧାରଣଙ୍କ ସହଯୋଗରେ ଏହି ସଂଗ୍ରହାଳୟକୁ ଅଧିକ ଋଦ୍ଧିମନ୍ତ କରିବା ପାଇଁ ପ୍ରୟାସ କରାଯିବ। ଇନଟାକ ଜେ.ଇ. ଅନୀଲ ତରାଇ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରକାଶ ଚନ୍ଦ୍ର ଦାଶ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ଛାତ୍ରୀଛାତ୍ରଙ୍କୁ ସଂଗ୍ରହାଳୟ ବୁଲାଇ ଦେଖାଇଥିଲେ।

## ସଂକ୍ଷେପରେ

### ବିଦ୍ୟୁତ ବିଲ୍ ଅସୁଲିକୁ ଚାଷୀଙ୍କ ବିରୋଧ

**ସ୍ମାର୍ଟ ମିଟର କାଢ଼ି ବିଦ୍ୟୁତ୍ ଅଫିସରେ ଜମା ଦେଲେ**

**ବରଗଡ଼,୧୮।୫(ପ୍ରେମାନନ୍ଦ ଖମାରୀ):** କୃଷିକ୍ଷେତ୍ରରେ ମାତ୍ରାଧିକ ବିଦ୍ୟୁତ ବିଲ୍ ଅସୁଲିକୁ ନେଇ ବରଗଡ଼ ଜିଲାରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି କ୍ରମରେ ଶନିବାର ଜିଲାର ଅମ୍ବାଭୋନା ବ୍ଲକର ବାରପାହାଡ଼ କୃଷକ ସଙ୍ଗଠନ ଏହାର ଅଭିନବ ପ୍ରତିବାଦ କରିଥିଲା। ଉକ୍ତ କୃଷକ ସଙ୍ଗଠନ ନେତୃତ୍ୱରେ ଚାଷୀମାନେ ସେମାନଙ୍କ କ୍ଷେତରେ ଗଭୀର ନଳକୂପ ପାଇଁ ଲାଗିଥିବା ସ୍ମାର୍ଟ ମିଟରକୁ କାଢ଼ି ଦେଇଥିଲେ ଏବଂ ସେଗୁଡ଼ିକୁ ନେଇ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ଜମା ଦେଇଥିଲେ। ଆସନ୍ତା ଜୁଲାଇ ମାସରୁ ଆଉ ବିଦ୍ୟୁତ ବିଲ୍ ଆସିବ ନାହିଁ ବୋଲି ବିଜେଡ଼ି ନିର୍ବାଚନୀ ପ୍ରସଙ୍ଗ ରଖିଥିବାବେଳେ ବର୍ତ୍ତମାନ ଚାଷୀମାନଙ୍କ ଏଭଳି ପ୍ରତିବାଦ ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ଚାଷକାର୍ଯ୍ୟରେ ବ୍ୟବହୃତ ବିଦ୍ୟୁତ ମିଟରରେ ମାତ୍ରାଧିକ ବିଲ୍ ଆସୁଛି। ଚାଷୀମାନେ ବିଲ୍ ମୁତାବକ ଦେୟ ପୈଠ କରି ନ ପାରିଲେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରି ଦିଆଯାଉଛି। ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହେବା ପରେ ଜମିକୁ ପାଣି ମଡ଼ାଇବା ସମ୍ଭବ ହେଉ ନାହିଁ ଏବଂ ଫସଲ ନଷ୍ଟ ହେଉଛି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ କିଛି ସୁଫଳ ମିଳୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ପ୍ରକାଶପୁର ବଜାର ପ୍ରାଙ୍ଗଣରେ ଚାଷୀମାନେ ସମବେତ ହୋଇଥିଲେ। ସେମାନେ କ୍ଷେତର ଗଭୀର ନଳକୂପ ପାଇଁ ଲଗାଯାଇଥିବା ବିଦ୍ୟୁତ ମିଟର ଗୁଡ଼ିକୁ କାଢ଼ି ଆଣିଥିଲେ। ଏହାପରେ ସମବେତ ଚାଷୀଙ୍କୁ ନେଇ ବଜାର ପ୍ରାଙ୍ଗଣରେ ଏକ ସଭା ହୋଇଥିଲା। ସଭାରେ ମାତ୍ରାଧିକ ବିଦ୍ୟୁତ ବିଲ୍ ଅସୁଲିକୁ ବିରୋଧ କରାଯାଇଥିଲା। ଏହାପରେ ଚାଷୀମାନେ ଟ୍ରାକ୍ଟର ଟ୍ରଲିରେ ବିଦ୍ୟୁତ ମିଟର ଗୁଡ଼ିକୁ ବୋଝେଇ କରିବା ସହିତ ଏକ ବିଶାଳ ବାଇକ୍ ରାଲିରେ ବିଦ୍ୟୁତ ବିଭାଗର ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ବିଦ୍ୟୁତ ବିଲ୍ ଅସୁଲି ପ୍ରତିବାଦରେ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ବିଦ୍ୟୁତ ମିଟରଗୁଡ଼ିକୁ ସେହି କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଜମା ଦେଇଥିଲେ ଏବଂ ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଜିଲା ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ରମେଶ ମହାପାତ୍ର, ଥବିର ସାହୁ, ସୁରେନ୍ଦ୍ର ପ୍ରଧାନ, ଜୟପ୍ରକାଶ ବେହେରା, ଅଭିମନ୍ୟୁ ପ୍ରଧାନ, ରୋହିତ ଖମାରୀ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ ।

# ପିସି କାରବାରରୁ ଅଭାବୀ ବିକ୍ରି

**ବରଗଡ଼,୧୮।୫(ପ୍ରେମାନନ୍ଦ ଖମାରୀ)**



ବରଗଡ଼ ଜିଲା ଅତାବିରା ବ୍ଲକର ଏକ ଖଳାରେ ରହିଥିବା ଅମଳ ଧାନ ।

ବରଗଡ଼ ଜିଲାର ଜନସଂଖ୍ୟାରୁ ପ୍ରାୟ ୮୦ପ୍ରତିଶତ କୃଷକ ଏବଂ ଅଧିକାଂଶ ଧାନଚାଷ ଉପରେ ନିର୍ଭର କରନ୍ତି। କିନ୍ତୁ ଜିଲାରେ ଧାନ କିଣାବିକା ସମସ୍ୟା ସାଧାରଣରେ ପରିଣତ ହୋଇଛି। ଉଭୟ ରବି ଏବଂ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ଜିଲାର ଚାଷୀମାନେ ନାନା ସମସ୍ୟାରେ ଛନ୍ଦି ହୋଇଥାନ୍ତି ଏବଂ ନିଜର ହକ୍ ହାସଲ ପାଇଁ ସେମାନଙ୍କୁ ରାଜରାସ୍ତାକୁ ମଧ୍ୟ ଓହ୍ଲାଇବାକୁ ପଡ଼ିଥାଏ। ଅନେକ ଚାଷୀଙ୍କୁ ନିଜ କଷ୍ଟୋପାର୍ଜିତ ଧାନ ବିକ୍ରିକରିବାରେ ହଟହଟା ହେବାକୁ ପଡ଼ିଥାଏ। ଏହାସତ୍ତ୍ୱେ ସେମାନଙ୍କୁ ବିକ୍ରିଧାନର ଉଚିତ୍ ମୂଲ୍ୟ ମିଳି ନ ଥାଏ ଏବଂ ଅଭାବୀ ବିକ୍ରିର ସମ୍ମୁଖୀନ ହେବାକୁ ପଡ଼େ ବୋଲି ଚାଷୀମାନେ ଅଭିଯୋଗ କରନ୍ତି। ତେବେ ପି.ସି କାରବାର(କମିଶନୀ କାରବାର) ହିଁ ଧାନର ଅଭାବୀ ବିକ୍ରିର ମୂଳ କାରଣ ଏବଂ ସେହି କମିଶନୀ ଟଙ୍କା ଧାନବିକ୍ରି ଦାୟିତ୍ୱରେ ରହିଥିବା କେତେଜଣ ଅସାଧୁ କର୍ମଚାରୀଙ୍କଠାରୁ ଆରମ୍ଭ କରି ଅଞ୍ଚଳର ତଥାକଥିତ ନେତା, ଜନ ପ୍ରତିନିଧିଙ୍କ ପକେଟ୍କୁ ଯାଇଥାଏ ବୋଲି ଚାଷୀନେତାମାନେ ଅଭିଯୋଗ କରିଛନ୍ତି। ଗୋଟିଏ ପଟେ ବର୍ତ୍ତମାନ ରବିରତୁ ଧାନ ସଂଗ୍ରହ ପ୍ରକ୍ରିୟା ଚାଲିଥିବାବେଳେ ଅନ୍ୟପଟେ ସାଧାରଣ ନିର୍ବାଚନ। ଏଭଳିସ୍ଥଳେ ଅନ୍ୟବର୍ଷ ତୁଳନାରେ ଏବେ ଧାନବିକ୍ରି ସମସ୍ୟା ଏକ ମୁଖ୍ୟ ପ୍ରସଙ୍ଗ ହୋଇଥିବାବେଳେ ଧାନବିକ୍ରିରେ ପି.ସି କାରବାରକୁ ନେଇ ଅଧିକ ଚର୍ଚ୍ଚା ଚାଲିଛି। ଏହାକୁ ନେଇ ନିର୍ବାଚନୀ ମଇଦାନକୁ ଓହ୍ଲାଇଥିବା କିଛି ପ୍ରାର୍ଥୀଙ୍କୁ ସମାଲୋଚିତ ହେବାକୁ ମଧ୍ୟ ପଡୁଛି ବୋଲି ସାଧାରଣରେ ଆଲୋଚିତ ହେଉଛି। ଧାନ କିଣାବିକାରେ କିଭଳି ପି.ସି କାରବାର ହୁଏ, ସେ ସମ୍ପର୍କରେ ଆମେ କିଛି ଚାଷୀନେତାଙ୍କୁ ପଚାରିଥିଲୁ । ଚାଷୀନେତା ସୁରେଶ ନେକାଣ୍ଡି କହିଥିଲେ, ଫଲ୍ସ ଏଣ୍ଟ୍ରି(ମଣ୍ଡିକୁ ଧାନ ଆସିବା ବଦଳରେ ବିଭାଗୀୟ କର୍ମଚାରୀଙ୍କ ସ୍ଲିପ ଯୋଗୁ ସିଧାସଳଖ ମିଲକୁ ଧାନ ଯିବା)ରେ ଅଧିକ କମିଶନୀ କାରବାର ଚାଲିଥାଏ। ବେପାରୀ ତଥା ମିଲର୍ସଙ୍କ ଏଜେଣ୍ଟମାନେ ଏଥିରେ ମଧ୍ୟସ୍ଥ କରିଥାନ୍ତି ଏବଂ ଧାନ କୁଇଣ୍ଟାଲ ପ୍ରତି ୧୫ଟଙ୍କା ଚାଷୀଙ୍କୁ କ୍ଷତି ସହିବାକୁ ପଡ଼େ। ସେହିପରି ମିଲ୍‌ରେ କଟନିଛଟନି ହେଲେ ଏହା ୪୦ରୁ ୫୦ଟଙ୍କାକୁ ବୃଦ୍ଧି ପାଇଥାଏ ବୋଲି ସେ କହିଥିଲେ।

### ଧାନ କିଣାବିକାରେ ଚାଲିଛି ଫଲ୍ସଏଣ୍ଟ୍ରି

ସେହିପରି ଚାଷୀ ସଙ୍ଗଠନ ଜୟ କିଷାନ ଆନ୍ଦୋଳନର ସମ୍ପାଦକ ହର ବଣିଆଁ କହିଛନ୍ତି, କାଗଜପତ୍ରରେ ଧାନ କିଣାବିକା ସୁରୁଖୁରୁରେ ଚାଲିଛି। ହେଲେ ବାସ୍ତବତା ଓଲଟା। ବର୍ତ୍ତମାନ ଧାନବିକ୍ରି ବ୍ୟବସ୍ଥାକୁ ଏତେ ଜଟିଳ ଏବଂ କେନ୍ଦ୍ରୀକରଣ କରାଯାଇଛି ଯେ, ଚାଷୀ ମଣ୍ଡିକୁ ଯିବା ପାଇଁ ଇଚ୍ଛା କରୁ ନାହିଁ। ସେହିପରି ମଣ୍ଡିକୁ ଚାଷୀମାନେ କିଭଳି ଧାନ ଆଣିବେ ନାହିଁ, ସେଥିପାଇଁ ନାନା ଆଳ, କୌଶଳ କରାଯାଉଛି। ଯେଉଁମାନେ ମଣ୍ଡିକୁ ଧାନ ଆଣୁଛନ୍ତି, ସେମାନଙ୍କୁ ହଇରାଣ ହରକତ କରାଯାଉଛି। କଟନିଛଟନି ନାଁରେ କୁଇଣ୍ଟାଲ ପ୍ରତି ୨ରୁ ୪କି.ଗ୍ରାଠାରୁ ଆରମ୍ଭ କରି କେତେକସ୍ଥଳେ ୧୦ରୁ ୧୫କି.ଗ୍ରା ଧାନ ମଧ୍ୟ କାଟି ଦିଆଯାଉଛି ଏବଂ ବାକିଧାନର ବିକ୍ରିମୂଲ୍ୟ ଚାଷୀଙ୍କୁ ଦିଆଯାଉଛ। ଫଲ୍ସ ଏଣ୍ଟ୍ରିରେ ସ୍ଲିପ ମାଧ୍ୟମରେ ଧାନ ଉଠାଯାଇ ଚାଷୀଙ୍କଠାରୁ କୁଇଣ୍ଟାଲ ପ୍ରତି ୨୦ରୁ ୪୫ଟଙ୍କା ପର୍ଯ୍ୟନ୍ତ ନିଆଯାଉଛି । ବେପାରୀଙ୍କଠାରୁ ଆରମ୍ଭ କରି କିଛି ବିଭାଗୀୟ କର୍ମଚାରୀ, ଅଧିକାରୀ, ନେତା, ମନ୍ତ୍ରୀଙ୍କ ମଧ୍ୟରେ ସେହି କମିଶନୀ ଟଙ୍କା ଭାଗବଣ୍ଟା କରାଯାଉଛି ଏବଂ ମିଲର୍ସ ମଧ୍ୟ ସେଭଳି ଫଲ୍ସ ଏଣ୍ଟ୍ରିର ଫାଇଦା ଉଠାଉଛି ବୋଲି ବଣିଆଁ ଅଭିଯୋଗ କରିଛନ୍ତି । ତେବେ ଏହା ବିରୋଧରେ ଚାଷୀ ସଙ୍ଗଠନଗୁଡ଼ିକ ବାରମ୍ବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ମାତ୍ର କିଛି ସୁଫଳ ମିଳି ନାହିଁ। ଅନ୍ୟପଟେ ସେଥିରେ ସରକାରୀ କଳର ନୀରବତା ଏବଂ ଧାନ ବିକ୍ରିରେ ଦିନକୁ ଦିନ ନୂଆ କଟକଣା ଯୋଗୁ ଚାଷୀ ଆହୁରି ସମସ୍ୟାରେ ଛନ୍ଦି ହୋଇ ପଡୁଛି ବୋଲି ବଣିଆଁ କହିଛନ୍ତି ।

ଜିଲା ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ରମେଶ ମହାପାତ୍ର କହିଛନ୍ତି, ରାଜ୍ୟରେ ଧାନ ସଂଗ୍ରହ ପାଇଁ ସରକାରଙ୍କ ସ୍ୱଚ୍ଛ ପାରଦର୍ଶିତା, ଉତ୍ତରଦାୟୀ ନୀତି ନାହିଁ । ଦଲାଲ, ମିଲର୍ସ, ରାଜନେତା ଏବଂ ଅଫିସରଙ୍କ ପାଇଁ ଧାନ ସଂଗ୍ରହ ରୋଜଗାରର ପନ୍ଥା ପାଲଟିଛି। ଟୋକନ କଟକଣା, ସାଟେଲାଇଟରେ ଜମି କାଟିବା, ଟୋକନରେ ଅନିୟମିତତା, ମଣ୍ଡିରେ ଧାନର ଗୁଣମାନ ପରୀକ୍ଷା ନ କରି ରାଇସ୍ ମିଲରେ କରାଯିବା ପି.ସି କାରବାର ପାଇଁ ହିଁ ଉଦ୍ଦିଷ୍ଟ ବୋଲି ମହାପାତ୍ର କହିଛନ୍ତି।

## ଶେଷଦିନରେ ଦେବେଶଙ୍କ ଶକ୍ତି ପ୍ରଦର୍ଶନ



ବରଗଡ଼ ଲୋକ ସଭା ଏବଂ ବିଧାନସଭା ପ୍ରାର୍ଥୀ ରୋଡ୍ ଶୋ'ରେ ବରଗଡ଼ ସହର ପରିକ୍ରମା କରୁଛନ୍ତି ।

**ବରଗଡ଼,୧୮।୫(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ଆସନ୍ତା ୨୦ତାରିଖ ଭୋଟ୍ ଗ୍ରହଣ ହେବ। ଶନିବାର ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ପ୍ରାର୍ଥୀଙ୍କ ପ୍ରଚାରର ଶେଷ ଦିବସ ଥିଲା। ତେବେ ପ୍ରଚାରର ଶେଷ ଦିବସରେ ବରଗଡ଼ ବିଧାନସଭା ଆସନ ପାଇଁ ନିର୍ବାଚନ ମଇଦାନକୁ କ୍ରମାଗତ ତୃତୀୟଥର ପାଇଁ ଓହ୍ଲାଇଥିବା ବିଜେଡ଼ି ପ୍ରାର୍ଥୀ ତଥା ବିଧାୟକ ଦେବେଶ ଆଚାର୍ଯ୍ୟ ଏବଂ ଦଳର ବରଗଡ଼ ଲୋକସଭା ପ୍ରାର୍ଥିନୀ ପରିଣିତା ମିଶ୍ରଙ୍କ ଶକ୍ତି ପ୍ରଦର୍ଶନ ଚର୍ଚ୍ଚାର ବିଷୟ ହୋଇଛି। ଦଳର ଉଭୟ ବିଧାନସଭା ଏବଂ ଲୋକସଭା ପ୍ରାର୍ଥୀଙ୍କ ରୋଡ୍ ଶୋ କାର୍ଯ୍ୟକ୍ରମ ରହିଥିଲା। ସହରର ଗଣେଶରାମ ଭବନରୁ ରୋଡ୍ ଶୋ ବାହାରି ସହର କରିକ୍ରମା କରିଥିଲା। ରୋଡ୍ ଶୋରେ ସହରବାସୀଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ବରଗଡ଼ ପୌର ପରିଷଦର ପ୍ରତି ୱାର୍ଡ଼ରୁ ଶତାଧିକ ମହିଳା, ପୁରୁଷ ଆସି ରୋଡ୍ ଶୋରେ ସାମିଲ ଥିଲେ। ବରଗଡ଼ର ବିକାଶଧାରାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ବିଜେଡ଼ିକୁ ଭୋଟ୍ ଦେବା ପାଇଁ ବିଧାନସଭା ପ୍ରାର୍ଥୀ ଆଚାର୍ଯ୍ୟ ଏବଂ ଲୋକସଭା ପ୍ରାର୍ଥିନୀ ମିଶ୍ର ସହରବାସୀଙ୍କୁ ରୋଡ୍ ଶୋରେ ହାତଯୋଡ଼ି ନିବେଦନ କରିଥିଲେ।



ବୈଶାଖୀ ମେଳା ଆରମ୍ଭ ଅବସରରେ କଳସ ଯାତ୍ରା।

## କଳସ ଯାତ୍ରା ସହ ବୈଶାଖ ମେଳା ଆରମ୍ଭ

**ପାଇକମାଳ,୧୮।୫ (ବଡ ଶତପଥି)**

ପଶ୍ଚିମଓଡ଼ିଶାରପ୍ରସିଦ୍ଧପୁଣ୍ୟପୀଠଗନ୍ଧମାର୍ଦ୍ଦନ ପର୍ବତର ପାଦଦେଶରେ ଥିବା ବରଗଡ ଜିଲାର ନୃସିଂହନାଥଠାରେ ବୈଶାଖ ମେଳା ଶନିବାର ସନ୍ଧ୍ୟାରେ ଆରମ୍ଭ ହୋଇଯାଇଛି। ଏକ ଭବ୍ୟ କଳସ ଶୋଭାଯାତ୍ରାରେ ବାହାରି ଭକ୍ତମାନେ ଝରଣାର ଗଣେଶ ଘାଟରେ ପବିତ୍ର ପାଣି କଳସରେ ଆଣି ନୃସିଂହନାଥ ମନ୍ଦିର, ଶିବ ମନ୍ଦିର, ସମଲେଶ୍ୱରୀ ମନ୍ଦିର, ଶ୍ରୀରାମ ମନ୍ଦିର, ବିନ୍ଧ୍ୟବାସିନୀ ମନ୍ଦିର ଓ ଅନ୍ୟ ପାର୍ଶ୍ୱଦେବାଦେବୀ ମନ୍ଦିରକୁ କଳସ ଯାତ୍ରାରେ ଯାଇ ପୂଜାର୍ଚ୍ଚନା କରିବା ସହ ବିଶ୍ୱ ଶାନ୍ତି ମହାଯଜ୍ଞ ପୀଠରେ କଳସ ସ୍ଥାପନ କରିଥିଲେ। କର୍ତ୍ତା ଭାବେ ଚୁଡ଼ାମଣି ଭୁଏ ଓ ତାଙ୍କ ସ୍ତ୍ରୀ ସନ୍ତୋଷୀନି ଭୁଏ ଦାୟିତ୍ୱ ତୁଲାଉଛନ୍ତି। ପଣ୍ଡିତ ଡ଼ିଗ୍ରୀଧର ଦେବତାଙ୍କ ସହ ମୁନା ଦେବତା କାର୍ଯ୍ୟ ତୁଲାଇ ଥିଲେ। ବୈଶାଖ ମେଳା କମିଟିରେ ସଭ୍ୟମାନେ ନିଜର ଦାୟିତ୍ୱ ତୁଲାଉଥିବାବେଳେ ପୋଲିସ ବିଭାଗ, ପାନୀୟ ଜଳଯୋଗାଣ ବିଭାଗ, ବିଦ୍ୟୁତ୍ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଦମକଳ ବିଭାଗୀୟ କର୍ମଚାରୀମାନେ ନିଜର ଦାୟିତ୍ୱ ତୁଲାଉଛନ୍ତି।

## ନିର୍ବାଚନ ସଚେତନତା ପାଇଁ ବୁଦ୍ଧିଜୀବୀ ସମ୍ମିଳନୀ

**ବରପାଲି, ୧୮।୫(ଚିତ୍ତରଞ୍ଜନ ସାହୁ)**

ରାଷ୍ଟ୍ରହିତ ପାଇଁ ସବୁଠୁ ଊର୍ଦ୍ଧ୍ୱରେ ରହି ରାଷ୍ଟ୍ର ହିତର ବିଚାରରେ ମତଦାନ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଥିଲା। ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର କୁମାର ପଣ୍ଡାଙ୍କ ସଂଯୋଜନାରେ ସ୍ଥାନୀୟ ଗଙ୍ଗାଧର କଲ୍ୟାଣ ମଣ୍ଡପଠାରେ ସାଧାରଣ ନିର୍ବାଚନ ପାଇଁ ଏକ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଆଲୋଚକ ଭାବରେ ପ୍ରାକ୍ତନ ଭାରତୀୟ ପ୍ରଶାସନିକ ଅଧିକାରୀ ତଥା ବର୍ତ୍ତମାନ ଛତିଶଗଡ ଅର୍ଥମନ୍ତ୍ରୀ ଓମ ପ୍ରକାଶ ଚୌଧୁରୀ, ଅବସରପ୍ରାପ୍ତ ଅଧ୍ୟାପକ ଅମରେନ୍ଦ୍ର ନାରାୟଣ ଯାଦବ ଯୋଗଦେଇ ମଦ ମାଂସ ଓ ଅର୍ଥ ଲାଳସାରୁ ଊର୍ଦ୍ଧ୍ୱରେ ନିଜ ମତଦାନ କରିବାକୁ କହିଥିଲେ। ଏଥିରେ ଆଇନଜୀବୀ ଶରତ ଚନ୍ଦ୍ର ଦାଶ , ଆନନ୍ଦ ଚନ୍ଦ୍ର ସାହୁ, ଶରତ ଚନ୍ଦ୍ର ପାଣିଗ୍ରାହୀ, ଅନିଲ ଅଗ୍ରୱାଲ, ଶାସ୍ତ୍ରୀ ପଣ୍ଡାଙ୍କ ସମେତ ବହୁ ବୁଦ୍ଧିଜୀବୀ ମତ ରଖିଥିଲେ। ଶେଷରେ ଦଧିବାମନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଷାବିତ୍ ପ୍ରଫେସର ହୃଦମଣି ପ୍ରଧାନଙ୍କ ଜୟନ୍ତୀ

**ପଦ୍ମପୁର ୧୮।୫ (ପ୍ରଦୀପ୍ତ ଦାଶ)**

ସମ୍ବଲପୁରୀ ଏକ ସ୍ୱତନ୍ତ୍ର ଭାଷା ଅଟେ। ଅନ୍ୟାନ୍ୟ ଭାଷା ତୁଳନାରେ ଏହି ଭାଷାର ଶବ୍ଦ ଭଣ୍ଡାର ଓ ଉଚ୍ଚାରଣ ଶୈଳୀ ଅଧିକ ଧ୍ୱନି ବିଜ୍ଞାନସମ୍ମତ। ଦେଢ଼ କୋଟି ଲୋକଙ୍କ ଦ୍ୱାରା ମାତୃଭାଷାରୂପେ ବ୍ୟବହୃତ ସମ୍ବଲପୁରୀ ଭାଷା କେବଳ ସରକାରୀ ସ୍ୱୀକୃତି ଅପେକ୍ଷାରେ ରହିଛି। ଏହି ଭାଷାରେ ଉଚ୍ଚାଙ୍ଗ ସାହିତ୍ୟ ସର୍ଜନା କରିବାର ତଥା ପ୍ରକୃଷ୍ଟ ଗବେଷଣା କରିବା ପାଇଁ ପ୍ରଶସ୍ତ କ୍ଷେତ୍ର ରହିଛି ବୋଲି ବାରମ୍ବାର ସ୍ମରଣ କରୁଥିଲେ ଖ୍ୟାତନାମା ଭାଷାବିତ ପ୍ରଫେସର ହୃଦମଣି ପ୍ରଧାନ। ଉକ୍ତ ମନୀଷିଙ୍କ ୮୪ ତମ ଜୟନ୍ତୀ ସମ୍ବଲପୁରୀ ସାହିତ୍ୟ ପରିଷଦ ବରଗଡ଼ ଦ୍ୱାରା ଲୁ ନାଟ୍ୟ ଆଶ୍ରମ, ମହୁଲପାଲି ଠାରେ ପାଳନ ହୋଇଯାଇଛି। ପରିଷଦର ଉପସଭାପତି ନାଟ୍ୟକାର ପ୍ରଫେସର କେଶରଞ୍ଜନ ପ୍ରଧାନଙ୍କ ଅଧକ୍ଷତା, ସାଧାରଣ ସମ୍ପାଦକ ଗବେଷକ ଉପେନ୍ଦ୍ର ଭୋଇଙ୍କ ପରିଚାଳନାରେ ଅନୁଷ୍ଠିତ ଜୟନ୍ତୀ ସଭାରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁରୀ ଭାଷା ସାହିତ୍ୟର ପ୍ରଚାରକ କବି ଶିବଶଙ୍କର ପୂଜାରୀ, ସମ୍ମାନିତ ଅତିଥି ଭାବେ କ୍ରାନ୍ତିକବି ହରିଲାଲ ସାହୁ ଓ ସଙ୍ଗଠକ ଦିଲ୍ଲୀପ କୁମାର ଦେବତା ଯୋଗଦେଇ ଭାଷାବିତ ପ୍ର. ହୃଦମଣି ପ୍ରଧାନଙ୍କ ନିଆରା ଜୀବନଶୈଳୀ ଓ ସମ୍ବଲପୁରୀ ଭାଷା ସାହିତ୍ୟର ସ୍ୱତନ୍ତ୍ର୍ୟ ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ଗବେଷକ ପ୍ରମୋଦ ପାଢ଼ୀ, ପ୍ରଧାନଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଜୟନ୍ତୀ ସଭା ଅବସରରେ କଥାକାର ତେଜରୁ ବାରିକଙ୍କୁ ଚଳିତ ବର୍ଷର ହୃଦମଣି ସମ୍ମାନ ୨୦୨୪ପ୍ରଦାନ କରାଯାଇଥିଲା । ନାଟ୍ୟକାର ଅଶୋକ ବହିଦାର, ଅଧ୍ୟାପକ ବିଦ୍ୟାଧର ଦାଶ, କବି ପରମେଶ୍ୱର ବିଶି ନିଜସ୍ୱ ମତ ଉପସ୍ଥାପନ କରିଥିଲେ । ଶେଷରେ ସାହିତ୍ୟିକ ସୁବ୍ରତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଚାରର ଶେଷ ସ୍ପର୍ଶ ଦେଲେ ତିନି ପ୍ରମୁଖ ଦଳ

**ପଦ୍ମପୁର, ୧୮।୫(ପ୍ରଦୀପ୍ତ ଦାଶ)**

ସାଧାରଣ ନିର୍ବାଚନ ପାଇଁ ଶନିବାର ସନ୍ଧ୍ୟାରେ ପ୍ରଚାର ଶେଷ ହୋଇଯାଇଛି। ଏଥିପାଇଁ ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପଦ୍ମପୁର ନିର୍ବାଚନମଣ୍ଡଳୀର ପଦ୍ମପୁର ଏନ୍ଏସି ସମେତ ପଦ୍ମପୁର, ଝାରବନ୍ଧ ଓ ପାଇକମାଳ ବ୍ଲକରେ ନିଜର ପ୍ରଚାରର ଶେଷ ସ୍ପର୍ଶ ଦେଇଛନ୍ତି। ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହା ଝାରବନ୍ଧ ବ୍ଲକ ଗୋଠୁଗୁଡା ପଞ୍ଚାୟତ ଅନ୍ତର୍ଗତ ଗୋଠୁଗୁଡା, ସନଦାଦର, ସଲଡ଼ିହି, ପଗାରପାଣି ଡୁଙ୍ଗୁରିଚଢା, ପୁଟୁକିଡୁଙ୍ଗୁରି, ପ୍ରପୋଡଗଞ୍ଜଠାରେ ପ୍ରଚାର କରିଥିଲେ। ତାଙ୍କ ସହିତ ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ନିର୍ବାଚନମଣ୍ଡଳୀ କୋ-ଅର୍ଡିନେଟର ସ୍ମିତା ରାଣୀ ସ୍ୱାଇଁ, ବ୍ଲକ ସଭାପତି ଯତୀନ୍ଦ୍ର ହାତୀ, ହୃଷୀକେଶ ବରିହାଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଭାଜପାର ପ୍ରାର୍ଥୀ ଗୋବର୍ଦ୍ଧନ ଭୁଏ, ମେହେରପଡା ଜଗନ୍ନାଥ ମନ୍ଦିରରୁ ବାହାରି ଥିଲେ। ତାଙ୍କ ସାଥିରେ ଚିନ୍ମୟ କୁମାର ପଣ୍ଡା, ସୁନିଲ ଅଗ୍ରୱାଲ, ରମେଶ ଅଗ୍ରୱାଲ, ପ୍ରମିଳା ମେହେର, ପ୍ରମୋଦ କୁମାର ମେହେର, ସରୋଜ କୁମାର ମିଶ୍ର, ସୁବାଷ ପାତ୍ର, ଡ଼ା ନାରାୟଣ ପୁରୋହିତ, ପ୍ରତାପ ନାଥ, ଅଶୋକ ମିଶ୍ର, ହରି ସିଂ, ରଞ୍ଜୁ ସେଠ, ନରୋତ୍ତମ ପଧାନ, କୁନାଲ ପାଣିଗ୍ରାହୀ ପଦ୍ମପୁର ସହରରେ ଘରକୁ ଘର ବୁଲି ଭୋଟ ମାଗିଥିଲେ। ସେହିପରି କଂଗ୍ରେସ ପ୍ରାର୍ଥୀ ଟଙ୍କଧର ସାହୁଙ୍କ ପାଇଁ ତାଙ୍କର ସ୍ତ୍ରୀ ଜ୍ୟୋର୍ତିମୟୀ ସାହୁ, ବରଗଡ଼ ଜିଲା ମହିଳା କଂଗ୍ରେସ ଅଧ୍ୟକ୍ଷା ମୌସୁମୀ ସାହୁ, ଜିତେଶ୍ୱରୀ ଦାଶ ପ୍ରମୁଖ ପଦ୍ମପୁର ସହରରେ ପ୍ରଚାର କରିଛନ୍ତି।



ଶେଷ ଦିବସରେ ପ୍ରାର୍ଥୀଙ୍କ ପ୍ରଚାର।

**ମିଛ ପ୍ରତିଶ୍ରୁତି ନୁହେଁ**

# ବିକାଶ ହିଁ ଆମର ପ୍ରସଙ୍ଗ: ଦେବେଶ ଆଚାର୍ଯ୍ୟ

**ବରଗଡ଼ ଜିଲାରେ ଦେବେଶ ଆଚାର୍ଯ୍ୟ ଏକ ପରିଚିତ ଚେହେରା। ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟଙ୍କ ନାତି ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଆନନ୍ଦ ଆଚାର୍ଯ୍ୟଙ୍କ ସେ ପୁଅ। ଦେବେଶ ମଧ୍ୟ ବିଜେଡିର ରାଜ୍ୟ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟଙ୍କ ପୁତୁରା। ଆଇନ ଡିଗ୍ରୀ ଅର୍ଜନ କରିବା ପରେ ଜଣେ ଯୁବ ସଙ୍ଗଠକଭାବେ ସେ କାର୍ଯ୍ୟକରି ରାଜନୀତିରେ ପାଦ ଥାପିଥିଲେ। ସେ ବିଜେଡିର ରାଜ୍ୟ ଯୁବ ସମ୍ପାଦକ ପଦବୀରେ ରହି ତାଙ୍କ କାର୍ଯ୍ୟଦକ୍ଷତା ପ୍ରମାଣିତ କରିଥିଲେ। ଏହା ପରେ ୨୦୧୪ ନିର୍ବାଚନରେ ସକ୍ରିୟ ରାଜନୀତିରେ ସାମିଲ ହୋଇ ବିଜେଡିରୁ ବରଗଡ଼ ବିଧାନସଭା ଆସନ ପ୍ରାର୍ଥୀ ହୋଇ ଲଗାତର ୨ଥର ବିଧାୟକ ନିର୍ବାଚିତ ହୋଇ ବରଗଡ଼ର ନିରନ୍ତର ବିକାଶକୁ ମୂଳଲକ୍ଷ୍ୟ କରି କାମ କରି ଆସୁଛନ୍ତି। ଏଥର ହ୍ୟାଟ୍ରିକ ବିଜୟ ଲକ୍ଷ୍ୟ ରଖିଥିବା ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ଦେବେଶଙ୍କ ସହିତ ଆମ ବରଗଡ଼ ଜିଲା ପ୍ରତିନିଧି ପ୍ରେମାନନ୍ଦ ଖମାରୀଙ୍କ ଏକ ସ୍ୱତନ୍ତ୍ର ସାକ୍ଷାତକାର...**

**ପ୍ରଶ୍ନ- ଆପଣ ରାଜନୀତିକୁ କେମିତି ଆସିଲେ ?**

ସମାଜସେବା ଓ ରାଜନୀତି ପରିପୂରକ। ସମାଜସେବା କରିବା ପାଇଁ ରାଜନୀତି ଏକ ମାଧ୍ୟମ। ଆମ ପରିବାର ସମାଜସେବା ସହିତ ଜଡ଼ିତ। ପିଲାଟି ଦିନରୁ ଅଜା ସମ୍ବଲପୁରୀ ବସ୍ତ୍ରାଳୟର ପ୍ରତିଷ୍ଠାତା ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ, ବାପା ସ୍ୱର୍ଗତ ଆନନ୍ଦ ଆଚାର୍ଯ୍ୟ, କାକା ପ୍ରସନ୍ନ ଆଚାର୍ଯ୍ୟଙ୍କ ସେବାକାର୍ଯ୍ୟ ଦେଖି ଆସିଛି। କିନ୍ତୁ ଲୋକଙ୍କ ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ତଥା ମୋର ବାପା ସ୍ୱର୍ଗତ ଆଚାର୍ଯ୍ୟଙ୍କ ପ୍ରେରଣା ମୋତେ ରାଜନୀତିକୁ ଟାଣି ଆଣିଲା। କ୍ରମାଗତ ତୃତୀୟଥର ପାଇଁ ବରଗଡ଼ ଜନସାଧାରଣଙ୍କ ସେବା କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋ ଉପରେ ଆସ୍ଥା ପ୍ରକଟ କରିବା ସହିତ ବରଗଡ଼ ବିଧାନସଭା ପ୍ରାର୍ଥୀଭାବେ ମୋତେ ସୁଯୋଗ ଦେବା ମୋ ପାଇଁ ପରମ ସୌଭାଗ୍ୟ ।

**ପ୍ରଶ୍ନ-ଆପଣ କେଉଁ ପ୍ରସଙ୍ଗ ନେଇ ଭୋଟରଙ୍କ ପାଖକୁ ଯାଉଛନ୍ତି ?**

ପ୍ରସଙ୍ଗ ତ ଅନେକ ରହିଛି। ଅନେକ ବିକାଶମୂଳକ କାର୍ଯ୍ୟ ବି ଇତିମଧ୍ୟରେ ହୋଇସାରିଛି। କୃଷିକ୍ଷେତ୍ରରେ ବିଜୁ କୃଷକ ଯୋଜନା, କାଳିଆ ଯୋଜନା ମାଧ୍ୟମରେ ଚାଷୀ ଉପକୃତ ହେଉଛନ୍ତି। ବରଗଡ଼ ବରପାଲି ବ୍ଲକର ଅଣଜଳସେଚିତ ପଞ୍ଚାୟତଗୁଡ଼ିକୁ ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପ ମାଧ୍ୟମରେ ସାମିଲ କରାଯାଇଛି। ସମସ୍ତ ହାଇସ୍କୁଲ, କଲେଜ ୫-ଟି ରୂପାନ୍ତରଣ ହୋଇ ସାରିଛି। ବରଗଡ଼ର ମୁଖ୍ୟ ସମସ୍ୟା ଥିଲା କ୍ୟାନସର ହସ୍ପିଟାଲ, ଯାହାକି ଆମ ସରକାରଙ୍କ ଦ୍ୱାରା ଲୋକାର୍ପିତ ହୋଇ ସାରିଛି। ବରଗାଁ ବୃହତ୍ ପାନୀୟଜଳ ଯୋଗାଣ ପ୍ରକଳ୍ପରୁ ପ୍ରତିଘରକୁ ବିଶୁଦ୍ଧ ପାଣି ପହଞ୍ଚୁଛି। ଗମନାଗମନ କ୍ଷେତ୍ରରେ ୮ଟି ବିଜୁ ସେତୁ ଲୋକାର୍ପିତ ହୋଇସାରି ଥିବାବେଳେ ଆହୁରି ଅନେକ ସେତୁ ନିର୍ମାଣାଧୀନ ଅବସ୍ଥାରେ ରହିଛି। ସାଇ ମନ୍ଦିରରୁ ରୁହୁଣିଆ ପର୍ଯ୍ୟନ୍ତ ରିଂ ରୋଡ୍ କାର୍ଯ୍ୟ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ପ୍ରତି ଗ୍ରାମକୁ ସହର ସହିତ ଯୋଡ଼ା ଯାଇଛି। ବରଗଡ଼ରେ ପ୍ରଥମଥର ପାଇଁ ଇନଡୋର ଷ୍ଟାଡ଼ିୟମ ଲୋକାର୍ପିତ ହୋଇସାରିଥିବାବେଳେ ଆମସଢ଼ାଠାରେ ଏକ ପୂର୍ଣ୍ଣାଙ୍ଗ, ଅତ୍ୟାଧୁନିକ ଷ୍ଟାଡ଼ିୟମ ନିର୍ମାଣର ଶୁଭାରମ୍ଭ ହୋଇଛି। ୫୦୦ ସିଟ୍ ବିଶିଷ୍ଟ ଅତ୍ୟାଧୁନିକ ଅଡ଼ିଟୋରିୟମ ନିର୍ମାଣ କାର୍ଯ୍ୟ ବରଗଡ଼ କୃଷକ ବଜାର ପରିସରରେ ଜାରି ରହିଛି। ବରଗଡ଼ ସହରରେ ଫ୍ଲାଇଓଭର ରାସ୍ତା ନିର୍ମାଣର ପ୍ରାରମ୍ଭିକ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଫଳରେ ବିକାଶ ହିଁ ବିଜେଡିର ମୁଖ୍ୟ ପ୍ରସଙ୍ଗ ରହିଛି ।



ଦେବେଶ ଆଚାର୍ଯ୍ୟ ।

**ପ୍ରଶ୍ନ- ଭୋଟରଙ୍କୁ ନିଜ ସପକ୍ଷରେ କ'ଣ କହିବାକୁ ଆପଣ ଚାହୁଁଛନ୍ତି ?**

ମତଦାତାଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ରାଜନୀତି କରିବାର ସମୟ ସରିଯାଇଛି। ଦୀର୍ଘ ୫ବର୍ଷ ପର୍ଯ୍ୟନ୍ତ ଲୋକଙ୍କ ପାଖରେ ପହଞ୍ଚୁ ନ ଥିବା ଦଳ, ନେତା ନିର୍ବାଚନ ସମୟରେ ହଠାତ୍ ସେମାନଙ୍କ ପାଖକୁ ପହଞ୍ଚି ଅନେକ ଫମ୍ପା ପ୍ରତିଶ୍ରୁତି ଦେବା ସହିତ ସ୍ୱପ୍ନ ଦେଖାଉଛନ୍ତି। ଧାନର ଏମ୍ଏସ୍ପିକୁ କୁଇଣ୍ଟାଲ ପ୍ରତି ୨୯୩୦ ଟଙ୍କା କରିବା ପାଇଁ ରାଜ୍ୟ ସରକାର ବାରମ୍ବାର କେନ୍ଦ୍ରଠାରେ ଦାବି କରିଆସିଛି । ସେହିପରି କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି) ପାଇଁ ସ୍ୱାମୀନାଥନ କମିଶନଙ୍କ ସୁପାରିସକୁ ଲାଗୁ କରିବାକୁ ଦାବି ହୋଇଆସିଛି। କିନ୍ତୁ ବିଗତ ୧୦ବର୍ଷ ମଧ୍ୟରେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ତାହା କରି ପାରି ନ ଥିବାବେଳେ ଏବେ ନିର୍ବାଚନବେଳେ ୨୦୧୪ ନିର୍ବାଚନ ଭଳି ଏଥର ମଧ ଧାନର ଏମ୍ଏସ୍ପି ବୃଦ୍ଧି ନେଇ ମିଛ ପ୍ରତିଶ୍ରୁତି ଦେଉଛି । ମିଛ ପ୍ରତିଶ୍ରୁତିକୁ ବିଶ୍ୱାସକୁ ନ ନେଇ ବିକାଶକୁ ଆଗେଇ ନେବା ଲାଗି ତାଙ୍କୁ ସମର୍ଥନ କରିବାକୁ ଆହ୍ୱାନ କରୁଛି।

**ପ୍ରଶ୍ନ-ଭୋଟର କାହିଁକି ଆପଣଙ୍କୁ ସମର୍ଥନ କରିବେ ବୋଲି ଭାବୁଛନ୍ତି ?**

ଦୀର୍ଘ ୧୦ବର୍ଷ ଧରି ନିରନ୍ତରଭାବେ ଜନସାଧାରଣଙ୍କ ସହିତ ରହିଆସୁଛି। ପ୍ରତିକ୍ଷେତ୍ରରେ ଲୋକଙ୍କ ସୁବିଧା, ଅସୁବିଧା ବୁଝିବା ସହିତ ମୋର ବିଧାନସଭା ନିର୍ବାଚନମଣ୍ଡଳୀର ସାମଗ୍ରିକ ବିକାଶ ପାଇଁ ଯଥାସମ୍ଭବ ଉଦ୍ୟମ କରି ଆସିଛି। ବରଗଡ଼ ବ୍ଲକର ୨୭ପଞ୍ଚାୟତ, ବରପାଲି ବ୍ଲକର ୭ପଞ୍ଚାୟତ ଏବଂ ବରଗଡ଼ ପୌର ପରିଷଦର ୧୯ୱାର୍ଡ଼ରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହୋଇଛି । ଲୋକେ ରାଜ୍ୟ ସରକାରଙ୍କ ପ୍ରତିଟି ଜନହିତକାରୀ ଯୋଜନାରେ ସାମିଲ ହୋଇ ତା'ର ସୁଫଳ ପାଇ ପାରୁଛନ୍ତି। ଫଳରେ ଏଥର ମଧ ମୋତେ ଭୋଟର ନିଶ୍ଚିତଭାବେ ସମର୍ଥନ ଏବଂ ଆଶୀର୍ବାଦ ପ୍ରଦାନ କରିବେ ବୋଲି ଦୃଢ଼ ଆଶା, ବିଶ୍ୱାସ ରହିଛି।

**ପ୍ରଶ୍ନ- ଭୋଟରଙ୍କୁ କ'ଣ ନିବେଦନ ରହିବ ?**

ପୂର୍ବଭଳି ବରଗଡ଼ ନିର୍ବାଚନ ମଣ୍ଡଳୀ ପାଇଁ ସେବା ଜାରି ରଖିବି। ବରଗଡ଼ର ସାମଗ୍ରିକ ବିକାଶକୁ ପ୍ରାଥମିକତା ଦେବି। ବରଗଡ଼ରେ ଏକ ମେଡ଼ିକାଲ କଲେଜ, ୩ଟି କୃଷିଭିତ୍ତିକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ମୂଳଲକ୍ଷ୍ୟ ରହିଛି। ସମସ୍ତ ଶିକ୍ଷାନୁଷ୍ଠାନରେ ଗୁଣାତ୍ମକ ଶିକ୍ଷା ଏବଂ ହସ୍ପିଟାଲରେ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା, ପ୍ରତିଟି ଘରକୁ ସ୍ୱଚ୍ଛ ଏବଂ ଶୁଦ୍ଧ ପାନୀୟଜଳ ଯୋଗାଣ, ଗାଁ ଓ ସହର ପରିମଳ ବ୍ୟବସ୍ଥାର ସୁଦୃଢ଼ୀକରଣ କରିବାକୁ ପ୍ରାଥମିକତା ଦେବି। ତେଣୁ ମିଥ୍ୟା ଓ ଫମ୍ପା ପ୍ରତିଶ୍ରୁତି ପଛରେ ନ ପଡ଼ି ସମସ୍ତ ମତଦାତା ଭୋଟ୍ ଗ୍ରହଣ କେନ୍ଦ୍ରକୁ ଯାଇ ବିକାଶକୁ ଗତିଶୀଳ ଲକ୍ଷ୍ୟ ରଖିଥିବା ବିଜେଡି ସପକ୍ଷରେ ମତଦାନ କରିବା ହିଁ ଭୋଟରଙ୍କୁ ମୋର ନିବେଦନ ।

## ସଂକ୍ଷେପରେ

### ଷୋହଳପ୍ରହର ନାମଯଜ୍ଞ

**ନୂଆପଡ଼ା,୧୮।୫ (ମକାରୁ ବେମାଲ):** ନୂଆପଡା ଜିଲା କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ବେଲରଦନା ଗାଁ ଉମରାପଡାରେ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଗାଁର ଶତାଧିକ ମହିଳାପୁରୁଷ କଳସ ସ୍ଥାପନ କଲା ପରେ ଯଜ୍ଞପୂଜା ଓ ନାମଧାରଣ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ନାମଯଜ୍ଞରେ ବେଲରଦାନା, ଉମରାପଡା, ଗହଁଟିଆପଡା, ଭୂଲିଆସିକୁଆଁ, ଧରଣୀଧୋଡା, ପେଣ୍ଡରାବନ, ବେଲଗାଁ, ହାତିସରା ଆଦି ଗାଁର ସଂକୀର୍ତ୍ତନ ଦଳ ଅଂଶ ଗ୍ରହଣ କରିଥିଲେ । ଏହି ଅବସରରେ ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଘାସିରାମ ମାଝି, ସୋମନାଥ ଖମାରୀ, ହୋମ ସିଂ ମାଝି, ଦିବ୍ୟସିଂ ମାଝି, ଜ୍ଞାନେଶ୍ୱର ମାଝି, ରବି ମଙ୍ଗରାଜ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ । ଲକ୍ଷୀଧର ଧରୁଆ ଓ ତାଙ୍କ ସ୍ତ୍ରୀ ଶାନ୍ତିଲତା ଧରୁଆ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ।

### ଦୋକାନ ଭିତରେ ପଶିଗଲା ସ୍କର୍ପିଓ



**ଭବାନୀପାଟଣା,୧୮।୫ (ଉତ୍ତମ କୁମାର ଦାଶ):** ଶର୍ଟର ଭାଙ୍ଗି ଦୋକାନ ଭିତରକୁ ପଶିଗଲା ସ୍କର୍ପିଓ। ଶୁକ୍ରବାର ବିଳମ୍ବିତ ରାତିରେ କଳାହାଣ୍ଡି ଜିଲା ଧର୍ମଗଡଠାରେ ଦ୍ରୁତ ଗତିରେ ବରଯାତ୍ରୀ ନେଇ ଆସୁଥିବା ସ୍କର୍ପିଓ ଏକ ଗାଈକୁ ଧକ୍କା ଦେଇଥିଲା। ଫଳରେ ଉକ୍ତ ସ୍ଥାନରେ ଗାଈର ମୃତ୍ୟୁ ହୋଇଯାଇଥିଲା। ପରେ ଗାଡ଼ିଟି ଭାରସାମ୍ୟ ହରାଇ ଏକ କପଡା ଦୋକାନର ଶର୍ଟର ଭାଙ୍ଗି ଦୋକାନ ଭିତରେ ପଶିଯାଇଥିଲା। ଏଥିରେ ଉଭୟ ଦୋକାନ ଓ ଗାଡିର ବିଭିନ୍ନ ଅଂଶ ନଷ୍ଟ ହୋଇଯାଇଛି। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ମହିଳାଙ୍କ ମୃତ୍ୟୁ: ହତ୍ୟା ଅଭିଯୋଗ କଲେ ଭାଇ

**ଥୁଆମୂଳ ରାମପୁର,୧୮।୫(ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଅଞ୍ଚଳର ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଭଉଣୀଙ୍କୁ ଯୌତୁକ ପାଇଁ ଶାଶୁଘର ଲୋକେ ହତ୍ୟା କରିଥିବା ନେଇ ମହିଳାଙ୍କ ଭାଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଆଇପିସି ଦଫା ୪୯୮-ଏ, ୩୦୪-ବି, ୩୦୨, ୨୯୪, ୩୪ରେ ମାମଲା (ନଂ.୯୨/୨୪) ରୁଜୁକରି ମୃତା ମହିଳାଙ୍କ ସ୍ୱାମୀଙ୍କୁ ଥାନାରେ ଅଟକ ରଖିଥିବା ଥାନା ଅଧିକାରୀ କୈବଲ୍ୟ ସେଠ ସୂଚନା ଦେଇଛନ୍ତି। ଅଭିଯୋଗ ଅନୁସାରେ ଥୁଆମୂଳ ରାମପୁର ସଦରସ୍ଥିତ ବଣ୍ଡେଲ ଗ୍ରାମର ସୀତାରାମ ମାଝି ତେରଙ୍ଗାସିଲ ଗ୍ରାମର ଲେଲି ମାଝିଙ୍କ ଝିଅ ଫଗୁନ ମାଝିଙ୍କୁ କିଛିବର୍ଷ ତଳେ ବିବାହ କରିଥିଲେ। କିନ୍ତୁ ବିବାହର କିଛିଦିନ ପରେ ସୀତାରାମ ଓ ତାଙ୍କ ପରିବାର ଯୌତୁକ ପାଇଁ ଫଗୁନଙ୍କ ସହ ପାଟିତୁଣ୍ଡ କରୁଥିଲେ। ଏପରିସ୍ଥଳେ ଶୁକ୍ରବାର ଫୁଗୁନଙ୍କ ସହ ସ୍ୱାମୀ ସୀତାରାମ ଜାଲେଣି କାଠ ପାଇଁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। କିନ୍ତୁ ସେଠାରେ ଫଗୁନଙ୍କ କୌଣସି କାରଣରୁ ମୃତ୍ୟୁ ହୋଇଥିଲା। ଏ ସମ୍ପର୍କରେ ଫଗୁନଙ୍କ ଭାଇ ଚିତଲ ସିଂ ମାଝି ଖବର ପାଇ ପରିବାର ସହ ବଣ୍ଡେଲ ଗ୍ରାମ ନିକଟ ଜଙ୍ଗଲରେ ପହଞ୍ଚିଥିଲେ। ହେଲେ ସେଠାରେ ମୃତଦେହ ପାଇ ନ ଥିଲେ। ସ୍ୱାମୀଙ୍କ ଘରେ ମୃତଦେହ ଦେଖି ଚିତଲ ସନ୍ଦେହ କରିଥିଲେ। ପରେ ଚିତଲ ତାଙ୍କ ଭଉଣୀଙ୍କୁ ହତ୍ୟା କରାଯାଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଶନିବାର ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### କାଳବୈଶାଖୀ ବର୍ଷା: ଘରେ ପାଣି ପଶିଲା

**ରିଷିଡା,୧୮।୫(ସୁଶାନ୍ତ ମଲ୍ଲିକ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ରିଷିଡାରେ ଶନିବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ବର୍ଷା ଓ ପବନ ହୋଇଥିଲା। ବର୍ଷା ଯୋଗୁ ତଳିଆ ଅଞ୍ଚଳରେ ରହୁଥିବା ଲକ୍ଷ୍ମୀ ପ୍ରସାଦ ସେଠଙ୍କ ଘରେ ପାଣି ପଶିଯାଇ ବ୍ୟାପକ କ୍ଷୟକ୍ଷତି ହୋଇଛି। ତାଙ୍କ ଘର ସାମ୍ନାରେ ଥିବା ଡ୍ରେନ୍ ସଫେଇ କରାଯାଉ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ବର୍ଷାଦିନ ପୂର୍ବରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ତଳିଆ ଅଞ୍ଚଳର ଲୋକେ ଦାବି କରିଛନ୍ତି।



ଭବାନୀପାଟଣା ସହର ରାସ୍ତା କଡରେ ନିର୍ମାଣ ହୋଇଥିବା ଏକ ମୁକ୍ତାକାଶ ବ୍ୟାୟାମଶାଳା।

# ଭବାନୀପାଟଣାରେ ଫେଲ୍ ମାରିଛି ମୁକ୍ତା ଯୋଜନା

**ଭବାନୀପାଟଣା,୧୮।୫(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ସହରରେ ନିର୍ମାଣ ହୋଇଥିବା ରାସ୍ତାକଡ଼ ବ୍ୟାୟାମଶାଳା ପିଲାଙ୍କ ପାର୍କ ନା ସୌନ୍ଦର୍ଯ୍ୟକରଣ ଉପକରଣ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପିଲାଙ୍କ ପାର୍କ ହୋଇଥିଲେ ପିଲାମାନେ ଖେଳି ମଜା ନିଅନ୍ତେ। ବଡ଼ମାନେ ଘେରାଏ ବୁଲି ଆସିବାକୁ ମନ କରନ୍ତେ। ମୁକ୍ତାକାଶ ବ୍ୟାୟାମଶାଳା ହୋଇଥିଲେ ସମସ୍ତଙ୍କ ଉପଯୋଗୀ ହୋଇଥାନ୍ତା। ହେଲେ ବିଡ଼ମ୍ବନାର ବିଷୟ ଭବାନୀପାଟଣା ଭଳି ବିକଶିତ ସହରରେ ପୌରପାଳିକା ବିଭିନ୍ନ ରାସ୍ତା କଡ଼ରେ ନିର୍ମାଣ କରିଥିବା ଏହି ବ୍ୟାୟାମଶାଳା ଉପକରଣ କେବଳ ଧୂଳିମଳିରେ ନଷ୍ଟ ହେବାକୁ ବସିଛି।

ସହରାଞ୍ଚଳ ଗରିବଙ୍କ ଜୀବନଧାରଣ ମାନରେ ଉନ୍ନତି ହେବ। ତା' ସହିତ ସହରରେ ଭିତ୍ତିଭୂମି ପ୍ରତିଷ୍ଠା ହେବ।

**ନଷ୍ଟ ହେବାକୁ ବସିଛି ମୁକ୍ତାକାଶ ବ୍ୟାୟାମଶାଳା ଉପକରଣ**

ଦୀର୍ଘଦିନର ମାନସ ମନ୍ଥନ ପରେ ରାଜ୍ୟ ସରକାର ଆରମ୍ଭ କରିଥିଲେ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ (ମୁକ୍ତା)। ପ୍ରଥମେ ଏହି ଅଭିଯାନ ଅଧୀନରେ କେବଳ ବର୍ଷାଜଳ ଅମଳ ପ୍ରକଳ୍ପ ତିଆରି କରିବା ପାଇଁ ଯୋଜନା ହୋଇଥିବା ବେଳେ ଏବେ ବିଭିନ୍ନ ପ୍ରକଳ୍ପ ଯୋଗ କରାଯାଇଛି। ଭବାନୀପାଟଣା ସହରରେ ୨୦୨୧-୨୨ରେ ମୁକ୍ତା ଯୋଜନାରେ ଏଯାବତ୍ ପାଖାପାଖି ୧୩.୩କୋଟି ଖର୍ଚ୍ଚ ସରିଲାଣି। ଆହୁରି ଖର୍ଚ୍ଚ ହେବାକୁ ଯୋଜନା ପ୍ରସ୍ତୁତ ହୋଇଗଲାଣି। ଗତ ଫେବୃଆରୀରେ ୯.୩୩କୋଟି ଖର୍ଚ୍ଚରେ ୧୧୫ଟି କାର୍ଯ୍ୟାଦେଶ ହୋଇଛି। ହେଲେ ଯେଉଁ ପ୍ରକଳ୍ପ ପୂର୍ବରୁ ନିର୍ମାଣ ହୋଇଥିଲା ସେଥିରୁ ଅଧିକାଂଶ ନଷ୍ଟ ହୋଇଗଲାଣି। ଅଧିକାଂଶ ବର୍ଷା ଜଳ ଅମଳ ପ୍ରକଳ୍ପ ମାଟିରେ ମିଶି ଯାଇଥିବା ବେଳେ ଫୁଟ୍‌ପାଥ୍‌ରେ ପଡ଼ିଥିବା ପେଭର୍ ବ୍ଲକ୍ ଉଠିଗଲାଣି। ଆଉ କେଉଁଠି ମୁକ୍ତାକାଶ ବ୍ୟାୟାମଶାଳାକୁ ଉପାଡ଼ି ନେଲେଣି। ଅନେକ ସ୍ଥାନରେ ପଡ଼ି ପଡ଼ି ଉପକରଣ ସବୁ ନଷ୍ଟ ହେଉଛି। ଏହି ଅଭିଯାନରେ ନିର୍ଦ୍ଧାରିତ ପ୍ରକଳ୍ପ ପ୍ରସ୍ତୁତ କରି ଧାର୍ଯ୍ୟ ପରିମାଣର ଅର୍ଥ ଖର୍ଚ୍ଚ କରିବାକୁ ସରକାର ପୌରସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ। ଏଣୁ ଧାର୍ଯ୍ୟ ସମୟ ଭିତରେ ଏହି ଅର୍ଥ ଖର୍ଚ୍ଚ କରିବାକୁ ଯାଇ ପୌରପାଳିକା ମନଇଚ୍ଛା ପ୍ରକଳ୍ପ ନିର୍ମାଣ କରିଛି। ଯେଉଁଥିପାଇଁ ଏହି ପ୍ରକଳ୍ପଗୁଡ଼ିକ ନଷ୍ଟ ହୋଇଯାଇଛି। କେବଳ ବର୍ଷା ଜଳ ଅମଳ ପ୍ରକଳ୍ପ ନୁହେଁ, ବରଂ ଏହା ପରେ ଏହି ଅଭିଯାନରେ ସାମିଲ ହୋଇଥିବା ମୁକ୍ତାକାଶ ବ୍ୟାୟାମଶାଳା, ପୋଖରୀ ପୁନରୁଦ୍ଧାର, ପାର୍କ ନିର୍ମାଣରେ ମଧ୍ୟ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ପାନୀୟଜଳ, ରାସ୍ତାଘାଟ, ପରିମଳ, ଆଲୋକ ଭଳି ମୌଳିକ ସୁବିଧା ପାଇଁ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ସେ ସବୁର ତଦାରଖ କରାଯାଉ ନ ଥିବାରୁ ସହରବାସୀ ହଟହଟା ହେଉଥିବା ଅଭିଯୋଗ କରୁଛନ୍ତି। ସହର ମୁଖ୍ୟ ରାସ୍ତାକଡ଼ରେ ଲାଇଟ୍, ସିସିଟିଭି କ୍ୟାମେରା ଲଗାଯାଇଥିଲେ ମଧ୍ୟ ସେଥିରୁ ଅନେକ ଅଚଳ। ଅସାମାଜିକ ବ୍ୟକ୍ତିଙ୍କୁ ଏହା ବେଶ ସୁହାଉଛି ବୋଲି କୁହାଯାଉଛି। ତେବେ ସମସ୍ୟା ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଲୋକଙ୍କ ପୁଞ୍ଜିଭୂତ ଅସନ୍ତୋଷର ପ୍ରତିଫଳନ ଜନ ପ୍ରତିନିଧିଙ୍କୁ ଭୋଗିବାକୁ ପଡ଼ିବ ବୋଲି ସାଧାରଣରେ ଆଲୋଚନା ହେଉଛି। ଏ ସମ୍ପର୍କରେ ପୌରାଧକ୍ଷା ସଂଯୁକ୍ତ ବେହେରାଙ୍କୁ ପଚାରିବାରୁ ଯାହାକିଛି ସମସ୍ୟା ରହିଛି ତାହା ନିର୍ବାଚନ ଆଚରଣ ବିଧି ହଟିଲା ପରେ ସମାଧାନ କରାଯିବ ବୋଲି କହିଥିଲେ।

# ଏନ୍ଏସିର ୩ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ

**ନୂଆପଡ଼ା,୧୮।୫ (ମକାରୁ ବେମାଲ)**

ନୂଆପଡା ଜିଲା ଖରିଆର ରୋଡ ଏନ୍ଏସିରେ ପ୍ରଧାନମନ୍ତ୍ରୀ ଆବାସ ଦୁର୍ନୀତି ଅଭିଯୋଗରେ ୩ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏନଏସି ଅଫିସ ଆସିଷ୍ଟାଣ୍ଟ ଯୋଗେଶ ଚୌହାନଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଥିବା ବେଳେ ଅମିନ ହେମଲାଲ ସାହୁଙ୍କୁ ନିଲମ୍ବନ କରାଯାଇଛି। ସେହିପରି ଏନ୍ଏସି ସିଟି ଲେବଲ ଟେକ୍ନିକାଲ ସେଲ (ସିଏଲ୍‌ଟିସି) ଅମିତ ରାୱାଲଙ୍କୁ କ୍ଷମତାରୁ ଅପସାରଣ କରାଯାଇଛି। ସୂଚନା ମୁତାବକ ଖରିଆର ରୋଡ ଏନ୍ଏସିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ଅଭିଯୋଗ ହୋଇଥିଲା। ଅମିନ ହେମଲାଲ ହିତାଧିକାରୀଙ୍କ ଜମି ଚିହ୍ନଟ କରୁଥିଲେ। ଅଫିସ ଆସିଷ୍ଟାଣ୍ଟ ଯୋଗେଶ ହିତାଧିକାରୀଙ୍କ ଆବାସ ଗୃହର ଫଟୋ ଉଠାଇବା ସହ ଅନଲାଇନ ଅପ୍‌ଲୋଡ କରୁଥିଲେ। ସିଏଲଟିସ ଅମିତ ଜମିର ପ୍ରମାଣପତ୍ର ସଂଗ୍ରହ କରିବା ସହ ଟେକ୍ନିକାଲ ସପୋର୍ଟ ଦେଉଥିଲେ। ଏ ନେଇ ହିତାଧିକାରୀମାନେ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କମଳାସନ ରଥଙ୍କ ନିକଟରେ ଅଭିଯୋଗ କରିବା ପରେ ସେ ଘଟଣାର ତଦନ୍ତ କରିଥିଲେ। ଶୁକ୍ରବାର ସେ ଅଭିଯୋଗକାରୀଙ୍କୁ ଏନ୍ଏସି ଅଫିସକୁ ଡାକିପଚରା ଉଚରା କରିଥିଲେ । ତଦନ୍ତ ପରେ ଉକ୍ତ ୩ ଜଣ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ନେଇ ଗୃହ ନିର୍ମାଣ ଓ ସହରାଞ୍ଚଳ ଉନ୍ନୟନ ବିଭାଗ ନିର୍ଦ୍ଦେଶକଙ୍କୁ ଚିଠି କରି ଜଣାଇ ଦିଆଯାଇଛି । ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ଏନଏସି ଇଓ ରଥ ପ୍ରକାଶ କରିଛନ୍ତି ।

# ପଞ୍ଚାୟତ ଅଫିସ ସମ୍ମୁଖରେ ଆବର୍ଜନା ପକାଇ ପ୍ରତିବାଦ



ପଞ୍ଚାୟତ ଅଫିସ ପରିସରରେ ଆବର୍ଜନା ଗଦା।

**ଲାଞ୍ଜିଗଡ଼,୧୮।୫(ରମେଶ ଚନ୍ଦ୍ର ନାୟକ)**

କଳହାଣ୍ଡି ଜିଲା ଲାଞ୍ଜିଗଡ଼ ସହର ମୁଖ୍ୟ ରାସ୍ତାର ଚାରିଛକରେ ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ସହରରେ ଥିବା ବିଭିନ୍ନ ପଡାରୁ ଆସୁଥିବା ଦୁର୍ଗନ୍ଧ ପାଣି ରାସ୍ତାରେ ଜମା ହେବା ସହିତ କୁଢ଼କୁଢ଼ ଆବର୍ଜନା ପଡିରହି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଏହାକୁ ନେଇ ପଞ୍ଚାୟତ ଓ ବ୍ଲକ ଅଫିସରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପଦକ୍ଷେପ ନିଆ ନ ଯିବାରୁ ଶନିବାର ସ୍ଥାନୀୟ ଯୁବପିଢ଼ି ମୁଖ୍ୟ ରାସ୍ତାରୁ ଆବର୍ଜନା ଉଠାଇ ପଞ୍ଚାୟତ ଅଫିସ ବାରଣ୍ଡାରେ ପକାଇ ପ୍ରତିବାଦ କରିଥିଲେ। ଏ ନେଇ ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡାଙ୍କୁ ପଚାରିବାରୁ ସେ କହିଥିଲେ, ଚାରିଛକରେ ଆବର୍ଜନା ଓ ପାଣି ଜମା ହେଉଛି। ୧ ବର୍ଷ ହେଲା ଟାଙ୍ଗଣକଣା ଛକଠାରୁ ଲାଞ୍ଜିଗଡ଼ ରାଜାପଡା ପର୍ଯ୍ୟନ୍ତ ୨ କିମି ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ହୋଇ ଦେଢ଼ କିମି ରାସ୍ତା କାମ ସରିଛି। ୬ ମାସ ହେଲା ସହରରେ ରାସ୍ତା ସମ୍ପ୍ରସାରଣ ପାଇଁ ଜାଗା ଚିହ୍ନଟ ହୋଇସାରିଛି। ହେଲେ ଠିକାଦାର କାମ କରୁନାହାନ୍ତି। ପୁଣି ଜଳ ଯୋଗାଣ ପାଇଁ ବିଭିନ୍ନ ପଡ଼ାରେ ପାଇପ୍ ପୋତା କାମ ଚାଲିଛି। ଯଦି ଠିକାଦାର ରାସ୍ତା କାମ ନ କରନ୍ତି ପାଇପ କାମ ମଧ୍ୟ ହୋଇପାରିବ ନାହିଁ। ରାସ୍ତା କାମ ହେବାକୁ ଥିବାରୁ ପଞ୍ଚାୟତ ପକ୍ଷରୁ ସେହି କାମ କରିବା ପାଇଁ ବ୍ଲକ ପକ୍ଷରୁ ଅନୁମତି ମିଳୁନାହିଁ ବୋଲି ସେ କହିଥିଲେ।

# ମୌଳିକ ସୁବିଧାରୁ ବଞ୍ଚିତ ଭଟାଝରି ଗ୍ରାମବାସୀ

**ଲାଞ୍ଜିଗଡ଼,୧୮।୫(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ତଥା ପଞ୍ଚାୟତର ଭଟାଝରି ଗ୍ରାମବାସୀ ସ୍ୱାସ୍ଥ୍ୟସେବା, ରାସ୍ତା, ବିଦ୍ୟୁତ୍ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଦୁର୍ଦ୍ଦଶାରେ କାଳାତିପାତ କରୁଛନ୍ତି। ବ୍ଲକ କାର୍ଯ୍ୟାଳୟଠାରୁ ୨୧କି.ମି. ଓ ପଞ୍ଚାୟତ ମୁଖ୍ୟାଳୟଠାରୁ ୬କି.ମି. ଦୂରରେ ରହିଛି ଏହି ଗ୍ରାମ। ଗାଁରେ ୩୫ରୁ ଊର୍ଦ୍ଧ୍ୱ ପରିବାରରେ ୨୬୦ରୁ ଅଧିକ ଲୋକ ବସବାସ କରୁଛନ୍ତି। ଗାଁକୁ ରାସ୍ତା ନ ଥିବାରୁ ଲୋକେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଥିଲେ ମଧ୍ୟ ନିର୍ମାଣ କରିବା ସମ୍ଭବ ହେଉନାହିଁ। ଗାଁରୁ ୨ କି.ମି. ପାଦଚଲା ରାସ୍ତାରେ ଯିବା ପରେ ଲାଞ୍ଜିଗଡ଼ଠାରୁ ବେନଗାଁକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ପଡ଼େ। ପାଦଚଲା ରାସ୍ତା ଯୋଗୁ ହିତାଧିକାରୀ ପଞ୍ଚାୟତ ପିଡ଼ିଏସ୍ ଚାଉଳ ଓ ଭତ୍ତା ଆଣିବା ପାଇଁ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ସ୍ୱାସ୍ଥ୍ୟକର୍ମୀ ମଧ୍ୟ ନିୟମିତ ଆସିପାରୁ ନାହାନ୍ତି। ଫଳରେ ଅନେକ ରୋଗୀ ପ୍ରାଥମିକ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ରହୁଛନ୍ତି। ଗାଁକୁ ଆମ୍ବୁଲାନ୍ସ ଯାଇ ନ ପାରିବାରୁ ଗର୍ଭବତୀ ଓ ଗୁରୁତର ରୋଗୀଙ୍କୁ ଖଟିଆରେ ବୋହି



ଭଟାଝରି ଗାଁର ଦୃଶ୍ୟ।

**ସ୍ୱାସ୍ଥ୍ୟସେବା, ରାସ୍ତା ଓ ବିଜୁଳି ସାତସପନ**

୨ କି.ମି. ଦୂର ମୁଖ୍ୟ ରାସ୍ତାକୁ ଆଣିବାକୁ ପଡିଥାଏ। ବାରମ୍ବାର ଅଭିଯୋଗ ପରେ ମଧ୍ୟ ଗାଁକୁ ବିଜୁଳି ସଂଯୋଗ ହୋଇପାରିଲା ନାହିଁ। କିନ୍ତୁ କିଛି ଏନ୍‌ଜିଓ ମାଧ୍ୟମରେ ସୌରଶକ୍ତି ଚାଳିତ ଆଲୋକ ଯୋଗାଇ ଦିଆଯାଇଯାଥିଲା। କିନ୍ତୁ ଯାନ୍ତ୍ରିକ ତ୍ରୁଟି ଯୋଗୁ ଅଧିକାଂଶ ଅଚଳ ହୋଇପଡ଼ିରହିଥିଲା। ସେହିପରି ସୋଲାର ଲାଇଟ ମାଧ୍ୟମରେ ପାନୀୟ ଜଳ ଯୋଗାଣ ମଧ୍ୟ ହୋଇଛି। କିନ୍ତୁ ସମସ୍ତ ପରିବାର ନିକଟରେ ପାଣି ପହଞ୍ଚୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଗାୟତ୍ରୀ ପରିବାର ପକ୍ଷରୁ ପ୍ରସ୍ତୁତି ବୈଠକ

**ଖଡ଼ିଆଳ,୧୮।୫ (ସୁଜିତ କୁମାର ପ୍ରଧାନ)**

ଖଡିଆଳ ବ୍ଲକ ଚଲାନପଡା ଗାୟତ୍ରୀ ଶକ୍ତିପୀଠ ସଭାଗୃହଠାରେ ନୂଆପଡ଼ା ଜିଲାସ୍ତରୀୟ ଗାୟତ୍ରୀ ପରିବାରର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୩ରେ ହେବାକୁ ଥିବା ଗୃହେ ଗୃହେ ଗାୟତ୍ରୀ ମହାଯଜ୍ଞ କିପରି ସଫଳ ହେବ ତା ଉପରେ ସବିଶେଷ ଆଲୋଚନା ହୋଇଥିଲା। ଏହାସହିତ ୨୦୨୬ରେ ପରମ ବନ୍ଦନୀୟ ମାତାଜୀ ଭଗବତୀ ଦେବୀଙ୍କ ୧୦୦ତମ ଜୟନ୍ତୀ ଅବସରରେ ଶାନ୍ତିକୁଞ୍ଜ ହରିଦ୍ୱାରଠାରୁ ଏକ ଜ୍ୟୋତି କଳସ ରଥ ବାହାରି ସାରା ଭାରତ ବର୍ଷରେ ପରିଭ୍ରମଣ କରିବା କାର୍ଯ୍ୟକ୍ରମ ରହିଛି। ଏହାକୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ସହିତ ଜିଲାର ପ୍ରତ୍ୟେକ ଅଞ୍ଚଳରେ ପରିଭ୍ରମଣ କରାଯାଇ ପାରିବ ତା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ବୈଠକରେ ଜିଲା ଯୁବ ସଂଯୋଜକ ବ୍ୟାସ ନାରାୟଣ ଅହିର, ଯୁବ ସହ ସଂଯୋଜକ ଅର୍ଜୁନ ବାଗ, ଜିଲା ନାରୀ ଜାଗରଣ ସଂଯୋଜିକା ମମତା ମଞ୍ଜରୀ ଥପା, ଜୟନ୍ତୀ ଆଚାର୍ଯ୍ୟ, ଦିପାଞ୍ଜଳି ଶବର, ଶୈଳେସ ଅଗ୍ରୱାଲ, ପ୍ରାଣବନ୍ଧୁ ସାହୁ ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କ ସମେତ ଗାୟତ୍ରୀ ପରିବାରର ସଦସ୍ୟସଦସ୍ୟ ଉପସ୍ଥିତ ରହିଥିଲେ।

### ପାଇପ୍ ଫାଟିବାରୁ ଲୋକେ ପାଣି ପାଇଁ ହନ୍ତସନ୍ତ



**ନୂଆପଡ଼ା,୧୮।୫ (ମକାରୁ ବେମାଲ)**

ନୂଆପଡ଼ା ସଦର ମହକୁମାଠାରୁ ଧରମବନ୍ଧା ପର୍ଯ୍ୟନ୍ତ ରାସ୍ତା ଉନ୍ନତୀକରଣ ପାଇଁ ଉଭୟ ପାର୍ଶ୍ୱରେ ରାସ୍ତା ଖୋଳାଯାଇଥିବାରୁ ପାଣି ପାଇପ୍ ଫାଟି ଲୋକେ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଜିଲା ସଦର ମହକୁମାଠାରୁ ପତୋରା ଦେଇ ଧରମବନ୍ଧା ପର୍ଯ୍ୟନ୍ତ ୨୨ କିଲୋମିଟର ସିଙ୍ଗଲ ରାସ୍ତା ରହିଥିଲା। ଡବଲଲେନ ରାସ୍ତା ନିର୍ମାଣ ହେଉଥିବାରୁ ଉଭୟ ପାର୍ଶ୍ୱରେ ଜେସିବି ସାହାଯ୍ୟରେ ମାଟି ଖୋଳା ଚାଲିଛି। ଏହି ସମୟରେ ପାଇପ୍ ଫାଟିଯିବା ଦ୍ୱାରା ଲୋକେ ପାଣି ପାଇପାରୁ ନାହାନ୍ତି। ପ୍ରାୟ ଏକମାସ ହେବ ସାରାବଙ୍ଗ, ଲାଞ୍ଜିମାର, ଖୁଟବନ ଭେରା, ପତୋରା ଓ ଧରମବନ୍ଧା ଗାଁ ପାଣି ପାଉନାହାନ୍ତି। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ପାଣି ପାଇଁ ଗ୍ରାମବାସୀ ହନ୍ତସନ୍ତ ହେଉଥିବା ବେଳେ ଅନ୍ୟପଟେ ରାସ୍ତା କାମ ଯୋଗୁ ପାଇପ୍ ଫାଟିବା ସମସ୍ୟାକୁ ଦ୍ୱିଗୁଣିତ କରିଛି। ଏସବୁକୁ ଦୃଷ୍ଟିରେ ରଖି ଶଘ୍ର ରାସ୍ତା ନିର୍ମାଣ କରିବା ସହ ଫାଟିଯାଇଥିବା ପାଇପ୍ ମରାମତି କରିବା ପାଇଁ ଲୋକେ ଦାବି କରିଛନ୍ତି।

### କୃଷକସାଥୀ ଉତ୍ପାଦକ କମ୍ପାନୀ ବୋର୍ଡ ସଦସ୍ୟଙ୍କ ବୈଠକ

**କର୍ଲାମୁଣ୍ଡା,୧୮।୫(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସ. ମାଲପଡାସ୍ଥିତ କର୍ଲାମୁଣ୍ଡା କୃଷକ ସାଥୀ ଉତ୍ପାଦକ କମ୍ପାନୀ ଲିମିଟେଡ଼ର ବୋର୍ଡ଼ ସଦସ୍ୟଙ୍କ ବୈଠକ କର୍ଲାମୁଣ୍ଡାଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ତିରଞ୍ଜି ମେର୍ଲି ଅଧ୍ୟକ୍ଷତା କରିଥିଲେ। ବାଲ୍ମୀକି ଛତ୍ରିଆ, ଯତୀନ୍ଦ୍ର ନାଥ ସାହୁ, ନିଳେନ୍ଦ୍ରୀ ସାହୁ, ଗୌରୀ ଦୀପ, ଭୁପିନ୍ଦ୍ର ଚୌଧୁରୀ, ନିଳେନ୍ଦୀ ସାହୁ, ପ୍ରଦୀପ କିଶୋର ଛତ୍ରିଆ ପ୍ରମୁଖ ବୋର୍ଡ ସଦସ୍ୟ ଯୋଗଦେଇ ବ୍ଲକରେ ଚାଷୀମାନଙ୍କ ଉତ୍ପାଦିତ ସାମଗ୍ରୀର କିଣାବିକା କରିବା ସହିତ ଚାଷୀଙ୍କ ଆୟବୃଦ୍ଧି ଓ ବଜାରିକରଣ ପର୍ଯ୍ୟନ୍ତ କମ୍ପାନୀ କାମ କରିବ ବୋଲି ନିଷ୍ପତ୍ତି ନେଇଥିଲେ। ଏହାବ୍ୟତୀତ ଆସନ୍ତା ଖରିଫ ଚାଷ ପାଇଁ ଚାଷୀମାନଙ୍କ ଆବଶ୍ୟକତା ଅନୁସାରେ ଧାନ ବିହନ ମହଜୁଦ ରଖିବାକୁ ନିଷ୍ପତ୍ତି ନେଇଥିଲେ। ଏଥିରେ ବିଶେଷଜ୍ଞ ନିର୍ଦ୍ଦେଶକ ପ୍ରଦୀପ କୁମାର ସାହୁ, ଜଗଦୀଶ ପ୍ରସାଦ ରଣା ଯୋଗଦେଇ କମ୍ପାନୀ ସୁପରିଚାଳନା ନିମନ୍ତେ ବିଭିନ୍ନ ପରାମର୍ଶ ଦେଇଥିଲେ।



ବୈଠକରେ ଉପସ୍ଥିତ କମ୍ପାନୀ କର୍ମକର୍ତ୍ତା।

# ସଫଳ ଆମ୍ବ ଚାଷୀ ବୃନ୍ଦାବନ ବାରିକ

**ଖଡ଼ିଆଳ,୧୮।୫ (ସୁଜିତ କୁମାର ପ୍ରଧାନ)**

ଫଳ ଭିତରେ ରାଜା ହେଉଛି ଆମ୍ବ। ଓଡ଼ିଶାରେ ପ୍ରଚୁର ପରିମାଣରେ ଆମ୍ବ ଉତ୍ପାଦନ ହୋଇଥାଏ। ଆମ୍ବପତ୍ର ପବିତ୍ରତାର ପ୍ରତୀକ। ଏଣୁ ଭାରତୀୟ ସଂସ୍କୃତିରେ ଏହି ଗଛର ମହତ୍ତ୍ୱ ଅଧିକ। ଏବେ ଅନେକ ଚାଷୀ ଆମ୍ବ ଚାଷ କରିବାକୁ ଆଗ୍ରହ ପ୍ରକାଶ କରୁଥିବା ବେଳେ ଏଥିରେ ସଫଳ ହୋଇଛନ୍ତି ନୂଆପଡା ଜିଲା ଖଡ଼ିଆଳର ଅବସରପ୍ରାପ୍ତ ମୁଖ୍ୟ କିରାଣି ବୃନ୍ଦାବନ ବାରିକ। ଖଡ଼ିଆଳ ବ୍ଲକ ବରଗାଁ ଗ୍ରାମପଞ୍ଚାୟତ କାଶୀପଲା ଗ୍ରାମର ବାସିନ୍ଦା ହେଉଛନ୍ତି ବୃନ୍ଦାବନ। ଉଦ୍ୟାନ ବିଭାଗ ସହାୟତାରେ ସେ ୨୦୦୮ରେ ନିଜର ୨ ଏକର ଜମିରେ ଆମ୍ବ ଚାଷ ଆରମ୍ଭ କଲେ। ପ୍ରତି ଏକରରେ ୮୦ ଗଛ ହିସାବରେ ୨ଏକର ଜମିରେ ୧୬୦ ଗଛ ରୋପଣ କରାଯାଇଥିଲା। ଉଦ୍ୟାନ ବିଭାଗ ପକ୍ଷରୁ ତାଙ୍କୁ ଆମ୍ରପଲ୍ଲୀ, ଦଶରୀ, ବାଇଗଣ ଫୁଲି, ଲାଙ୍ଗରା ଆଦି ପ୍ରଜାତିର ସୁସ୍ୱାଦୁ ଆମ୍ବଚାରା ଯୋଗାଇ ଦିଆଯାଇଥିଲା। ଏହାସହ ତିନିବର୍ଷ ଯାଏ ସାର ଓ ଔଷଧ ମଧ୍ୟ ଯୋଗାଇ ଦିଆଯାଇଥିଲା। ବୃନ୍ଦାବନ ଅନ୍ୟ ଯୋଜନାରେ ଗଭୀର ନଳକୂପ ଖନନ କରି ଗଛରେ ପାଣି ଦେବା ବ୍ୟବସ୍ଥା କରିଥିଲେ। ଚାକିରି ସମୟ ବାଦ୍ ସେ ଆମ୍ବବଗିଚାରେ ସମୟ ଦେଇଥାନ୍ତି। ପରିବାର ଲୋକେ ଏଥିରେ ତାଙ୍କୁ ସହଯୋଗ କରନ୍ତି। ପ୍ରଥମ ତିନିବର୍ଷ ଫଳ ଆସି ନ ଥିବାବେଳେ ଚତୁର୍ଥ ବର୍ଷ ଅଳ୍ପ ପରିମାଣରେ ଆମ୍ବ ଫଳିଥିଲା।



ଆମ୍ବ ବଗିଚାରେ ବୃନ୍ଦାବନ।

ଏବର୍ଷ ନୂଆପଡା ଜିଲାର କୌଣସି ଅଞ୍ଚଳରେ ଆମ୍ବ ଫଳି ନ ଥିବାବେଳେ ଦେଶୀ ଆମ୍ବ ଦେଖିବାକୁ ଏକପ୍ରକାର ସ୍ୱପ୍ନ ହୋଇଯାଇଛି। ପଡୋଶୀ ଛତିଶଗଡ଼ର ବେପାରୀମାନେ ଜିଲାର ବିଭିନ୍ନ ସ୍ଥାନରେ ପସରା ମେଲାଇଛନ୍ତି। ଏପରି ସମୟରେ ବୃନ୍ଦାବନଙ୍କ ବଗିଚାରେ ପ୍ରଚୁର ପରିମାଣରେ ଆମ୍ବ ଫଳିଛି। ଶୀତଳିକରଣ ବ୍ୟବସ୍ଥା ନ ଥିବାରୁ ସେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ବେପାରୀମାନଙ୍କୁ କିଲୋ ପ୍ରତି ୨୦ରୁ ୨୫ ଟଙ୍କାରେ ବିକ୍ରି କରିଦେଉଛନ୍ତି। ସରକାରୀ ସ୍ତରରେ ସିଧାସଳଖ କିଣିବା ବ୍ୟବସ୍ଥା କରାଗଲେ ଭଲ ଦୁଇ ପଇସା ମିଳିପାରନ୍ତା ବୋଲି ବୃନ୍ଦାବନ କହନ୍ତି। ବର୍ତ୍ତମାନ ସେ ବର୍ଷକୁ ଦେଢ଼ରୁ ୨ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ସୂଚନାଯୋଗ୍ୟ ୪ବର୍ଷ ତଳେ ଅବସର ଗ୍ରହଣ କରିବା ପରେ ବୃନ୍ଦାବନ ଆମ୍ବ ବଗିଚାରେ ସମସ୍ତ ସମୟ ବ୍ୟୟ କରୁଛନ୍ତି।

## ସଂକ୍ଷେପରେ

### ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

**ରାଉରକେଲା,୧୮।୫,(ଦିନେଶ ମିଶ୍ର):** ରାଉରକେଲା, ରଘୁନାଥପାଲି ଓ ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀ ସମେତ ସୁନ୍ଦରଗଡ ଲୋକସଭା ଓ ସମସ୍ତ ବିଧାନ ସଭା ଆସନ ପାଇଁ ପ୍ରଚାର କାର୍ଯ୍ୟ ଶେଷ ହୋଇଛି। ଏଥିପାଇଁ ବିଭିନ୍ନ ବୁଥରେ ପୁଲିଙ୍ଗ ପାର୍ଟିମାନେ ପହଞ୍ଚିବା ଆରମ୍ଭ କଲେଣି। ଏହି ସମୟରେ ପ୍ରଶାସନ ପକ୍ଷରୁ ରାଉରକେଲା ଓ ରଘୁନାଥପାଲି ବିଧାନସଭା କ୍ଷେତ୍ରରେ ଭୋଟ ହାର ବଢ଼ାଇବା ପାଇଁ ଜୋରଦାର ପ୍ରୟାସ ଚାଲିଛି। ଏଠାରେ ଭୋଟ ପ୍ରତିଶତ ୬୨ ରୁ ୬୩ ପ୍ରତିଶତ ରହିଥିବାବେଳେ ଏହାକୁ ୭୫ ପ୍ରତିଶତ ଯାଏଁ ବଢ଼ାଇବାକୁ ପ୍ରଶାସନ ପକ୍ଷରୁ ଉଦ୍ୟମ ହେଉଛି। ସହରରେ ବିଭିନ୍ନ ବ୍ଲକ ସହ କଲେଜ ଗୁଡିକରେ ଏଥିପାଇଁ ସଚେତନ କାର୍ଯ୍ୟକ୍ରମ ହୋଇଥିଲା। ୧୬ ତାରିଖରେ ଏନେଇ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏକ ରଙ୍ଗୋଲି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ବିଭିନ୍ନ ସ୍ଥାନରେ ଭୋଟର ସଚେତନତାକୁ ନେଇ ଅଭିନବ ପ୍ରୟାସ ଜାରି ରହିଛି। ଭୋଟ ହାର ବୃଦ୍ଧିପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ସହରବାସୀ ବେଶ ପ୍ରଶଂସା କରଥିବା ଜଣାପଡିଛି।

### ସଶକ୍ତ ଓ ବିକଶିତ ଭାରତ ପୁସ୍ତକ ଉନ୍ମୋଚିତ

**ରାଉରକେଲା,୧୮।୫(ଦିନେଶ ମିଶ୍ର):** ଛେଣ୍ଡ ସ୍ଥିତ ଗୋପବନ୍ଧୁ ପାଠାଗାର ପରିସରରେ ସ୍ୱସ୍ତି ସାହିତ୍ୟ ସଂସଦ ଆନୁକୂଲ୍ୟରେ ସୁଲେଖିକା ଡ. ସୁନୀତି ମୁଣ୍ଡାଙ୍କ ଏକ ଅନନ୍ୟ ଆଲୋଚନା ପୁସ୍ତକ ସଶକ୍ତ ଓ ବିକଶିତ ଭାରତ ପୁସ୍ତକର ଉନ୍ମୋଚିତ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ମହେନ୍ଦ୍ର କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବ ଆୟୋଜିତ ହୋଇଥିଲା। ସାଧାରଣ ସମ୍ପାଦକ ରାଜୀବ ପାଣିଙ୍କ ସଂଯୋଜନାରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ମ୍ୟୁନସିପାଲ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସନାତନ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ବିକାଶ କହିଲେ ଆର୍ଥିକ ଭିତ୍ତିଭୂମି ବିକାଶକୁ ବୁଝାଯାଏ ନାହିଁ। ଭିତ୍ତିଭୂମି ସହିତ ସୁସ୍ଥ ପରିବେଶ, ସୁନ୍ଦର ପରିବାର, ସାମାଜିକ ସଦଭାବ, ପୂର୍ଣ୍ଣ ସମାଜ ସ୍ୱଦେଶୀ ମନଭାବ ଜାଗରଣ ଓ ନାଗରିକ ଶିଷ୍ଟାଚାର ପାଳନ ଦ୍ୱାରା ସମନ୍ୱିତ ବିକଶିତ ଗଠନ ହୋଇପାରିବ ବୋଲି ଅତିଥି ପ୍ରଧାନ ତାଙ୍କ ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥିଭାବେ ଶର୍ମିଷ୍ଠା କବିଶତପଥୀ ଉପସ୍ଥିତ ଥିଲେ। ଶ୍ରୀଗୋସ୍ୱାମୀ ପୁସ୍ତକର ଉନ୍ମୋଚିତ ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ସାହିତ୍ୟିକ ଓ କବିଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ବିଜୟ କୁମାର ବରାଳ ଧନବାଦ ଅର୍ପଣ କରଥିଲେ।

### ମହିଳାଙ୍କ ଆତ୍ମହତ୍ୟା

**ରାଉରକେଲା/ ବନ୍ଧମୁଣ୍ଡା,୧୮।୫ (ସଙ୍ଗୀତା ଜେନା/ ସୁବ୍ରତ ଦେ)**

ଘରୋଇ କଳହର କୁପରିଣାମ ଦେଖିବାକୁ ମିଳିଛି ବନ୍ଧମୁଣ୍ଡା ଅଞ୍ଚଳରେ। ସେକ୍ଟର–ବି କ୍ୱାଟର ନମ୍ବର ୧୬୮ରେ ରହୁଥିବା ରୁମକୀ ମାଝି(୩୯) ଶନିବାର ଫ୍ୟାନରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ଏନେଇ ବନ୍ଧମୁଣ୍ଡା ପୋଲିସ ଅପମୃତ୍ୟୁ ମାମଲା ନଂ ୧୪/୨୪ ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଅଧିକାଂଶ ଭୋଟରଙ୍କୁ ମିଳିନି ଚିରକୁଟି

## ଦିନକ ପରେ ମତଦାନ

**ରାଉରକେଲା, ୧୮।୫(ସଙ୍ଗୀତା ଜେନା)**

ଆଉ ମାତ୍ର ଦିନକ ପରେ ସୁନ୍ଦରଗଡ଼ ଲୋକ ସଭା ଓ ବିଧାନସଭା ଆସନ ଲାଗି ମତଦାନ ହେବାକୁ ଯାଉଛି। ମତଦାନ ସଂଖ୍ୟା ବୃଦ୍ଧି ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏପରିକି ମତଦାନ ପ୍ରତି ଲୋକଙ୍କୁ ସଚେତନ କରିବା ପାଇଁ ଭୋଟର ସହାୟିକା, ପୁଶିଂ ମେସେଜ୍ ଆଦି କରାଯାଉଛି। ବୁଥ୍ ଲେଭଲ ଅଫିସର(ବିଏଲ୍ଓ)ଙ୍କ ଦ୍ୱାରା ଭୋଟର ଚିରକୁଟ ଓ ଭୋଟର ସହାୟକ ପୁସ୍ତିକା ବଣ୍ଟନ କରାଯାଉଛି। ହେଲେ ଏପରି କାର୍ଯ୍ୟରେ ଅବହେଳା ହେଉଥିବା ଅଭିଯୋଗ ହୋଇଛି। ଜଗଦା, ସିଭିଲ ଟାଉନଶିପ୍, ଛେଣ୍ଡ ପରି ରାଉରକେଲା ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳରେ ଭୋଟର ଚିରକୁଟ ବଣ୍ଟନରେ ଅବହେଳା କରାଯାଇଥିବା ଅଭିଯୋଗ ହୋଇଛି। ଅଧିକାଂଶ ଭୋଟର ଉକ୍ତ ଚିରକୁଟ ପାଇ



ମହିଳାମାନଙ୍କୁ ଚିରକୁଟ ପ୍ରଦାନ କରାଯାଉଛି।

ନ ଥିବା ଯୋଗୁ ମତଦାନ ଦିନ ସମସ୍ୟାର ସମ୍ମୁଖୀନ ହେବେ ବୋଲି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅପରପକ୍ଷରେ, ପ୍ରଶାସନିକ ଅଧିକାରୀମାନେ ଏହାର ସମାଧାନ କରୁଛନ୍ତି ବୋଲି ମତ ଦେଇଛନ୍ତି। ଜଗଦାର ଜଣେ ଭୋଟର ଇନ୍ଦୁ ଭୂଷଣ ନାୟକ ଅଭିଯୋଗ କରିଛନ୍ତି, ଦୀର୍ଘବର୍ଷରୁ ଆମେ ଏହି ସ୍ଥାନରେ ମତଦାନ ଦେଇଆସୁଛୁ। ପ୍ରତ୍ୟେକ ନିର୍ବାଚନରେ ଭୋଟର ଚିରକୁଟ ଘରମାନଙ୍କରେ ବଣ୍ଟନ କରାଯାଇଥାଏ। ହେଲେ ଚଳିତଥର କୌଣସି ଚିରକୁଟ ଦିଆଯାଇ ନାହିଁ। ଆଉ ମାତ୍ର ଦିନକ ପରେ ମତଦାନ। ଏପରି କ୍ଷେତ୍ରରେ ଭୋଟରମାନେ ମୌଳିକ ଅଧିକାରୁ ବଞ୍ଚିତ ହେବେ। ଚିରକୁଟ ବଣ୍ଟନ ପରିବର୍ତ୍ତେ ଫୋନ୍ କରି ଲୋକଙ୍କୁ କେନ୍ଦ୍ରକୁ ଡକାଯାଇ ଚିରକୁଟ ଦିଆଯାଉଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେବା ଆବଶ୍ୟକ ରହିଛି ବୋଲି ନାୟକ କହିଥିଲେ। ସେହିପରି ଭାଜପା ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା କେର୍କେଟା କହିଛନ୍ତି, ପ୍ରଶାସନ ପକ୍ଷରୁ ସୁଚାରୁରୂପେ କାର୍ଯ୍ୟ ହୋଇନାହିଁ। ଏପରି ଚିରକୁଟ ବଣ୍ଟନ ହୋଇ ନ ଥିବା ଜଗଦା ଅଞ୍ଚଳରେ ଅନେକେ ଅଭିଯୋଗ ହେଉଛି। ଏହାର ତୁରନ୍ତ ସମାଧାନ କରିବା ଉଚିତ ବୋଲି କେର୍କେଟା କହିଥିଲେ। ଏହି ପରିପ୍ରେକ୍ଷୀରେ ବିଶ୍ରା ସିଡିପିଓ ଏମ୍ରାନ୍ସିଆ କୁଲୁଙ୍କୁ ପଚାରିବାରୁ, ବିଶ୍ରା ବ୍ଲକରେ ଜଗଦା ଅଞ୍ଚଳ ରହିଛି। ଏଠାରେ ୫ ଜଣ ବିଏଲ୍ଓ ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ଏହି ଚିରକୁଟ ବଣ୍ଟନ କରୁଛନ୍ତି। ଏଥିରେ ଭୋଟରମାନେ ସହଯୋଗ କରୁନାହାନ୍ତି। ତେବେ ଚିରକୁଟ ବଣ୍ଟନ ଜାରି ରହିଛି ବୋଲି କୁଲୁ କହିଥିଲେ। ସେହିପରି ରାଉରକେଲା ନିର୍ବାଚନମଣ୍ଡଳୀରେ ନିର୍ବାଚନ ପରିଚାଳନା କରୁଥିବା ଆସିଷ୍ଟାଣ୍ଟ ରିଟର୍ନିଂ ଅଫିସର ମନୀଷା ମଧୁଲିକା ହେମ୍ବ୍ରମ କହିଛନ୍ତି ଜଗଦା, ସିଭିଲ ଟାଉନଶିପ୍, ଛେଣ୍ଡ ଓ ଅନ୍ୟ ଅଞ୍ଚଳଗୁଡ଼ିକରେ ଚିରକୁଟ ତ୍ୱରିତ ବଣ୍ଟନ ପାଇଁ ନିର୍ଦ୍ଦେଶ ଦିଆଯାଉଛି। ଏହି ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ବୁଥ୍‌ରେ ଜଣେ ଲେଖାଏଁ ବିଏଲ୍ଓ ରହିଛନ୍ତି। ତୁରନ୍ତ ସମସ୍ୟା ସମାଧାନ ପାଇଁ କୁହାଯାଇଛି, ଯାହାଦ୍ୱାରା ଭୋଟିଂ ବୃଦ୍ଧି ପାଇବ ବୋଲି ହେମ୍ବ୍ରମ୍ କହିଥିଲେ।



ସମର୍ଥକଙ୍କ ସହ ଦିଲୀପ ରାୟ ରାଲି କରୁଛନ୍ତି।

# ଶେଷଦିନରେ ପ୍ରଚାର କରି ଭୋଟ ମାଗିଲେ ଦିଲୀପ

**ରାଉରକେଲା,୧୮।୫(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ଦିଲୀପ ରାୟ ଶନିବାର ଶେଷଦିନରେ ନିର୍ବାଚନୀ ପ୍ରଚାରକୁ ଜୋର୍‌ଦାର କରିଥିଲେ। ସହରର ବିଭିନ୍ନ ଅଞ୍ଚଳ ବୁଲି ଭୋଟ ଭିକ୍ଷା କରିଥିଲେ। ଦିଲୀପ ସିଭିଲ ଟାଉନଶିପ ଅଞ୍ଚଳରୁ ନିର୍ବାଚନୀ ପ୍ରଚାର ଆରମ୍ଭ କରି ହକି ଭିଲେଜ୍‌ଠାରେ ବିହାରୀ ସମ୍ପ୍ରଦାୟ ସହ ନିର୍ବାଚନ ସଂକ୍ରାନ୍ତୀୟ ସୌଜନ୍ୟମୂଳକ ସାକ୍ଷାତ୍ କରିଥିଲେ। ସେଠାରୁ ପୁଣି ରେଲୱେ କଲୋନୀ ଓ ବଜାର ଅଞ୍ଚଳ ବୁଲି ଘରକୁ ଘର ଯାଇ ଭୋଟ ଭିକ୍ଷା କରିଥିଲେ। ପରେ ନାଳା ରୋଡ୍‌ଠାରେ ୨ଟି ଭାଜପା ନିର୍ବାଚନୀ କାର୍ଯ୍ୟାଳୟ ଉଦ୍‌ଘାଟନ କରିବା ପରେ ଏକ ମିଶ୍ରଣ ପର୍ବରେ ସାମିଲ ହୋଇଥିଲେ। ଏହି ଅବସରରେ ଇମିତିଆଜ ଖାନ୍ ଓ ତାଙ୍କର ୪୦ଜଣ ସହକର୍ମୀ ଭାଜପାରେ ସାମିଲ ହୋଇଥିଲେ। ପରେ ବାସନ୍ତୀ କଲୋନୀରେ ନିର୍ବାଚନୀ ସମାବେଶରେ ସାମିଲ ହୋଇ ଭୋଟ ଭିକ୍ଷା କରିଥିଲେ। ଏହାପରେ ବନ୍ଧମୁଣ୍ଡାରୁ ଏକ ବାଇକ୍ ଶୋଭାଯାତ୍ରାରେ ବାହାରିଥିଲେ। ଶୋଭାଯାତ୍ରାରେ ଶତାଧିକ ଭାଜପା କର୍ମୀ, ସମର୍ଥକ ଏବଂ ସାଧାରଣ ଜନତା ସାମିଲ ହୋଇ ଥିଲେ। ଗାମ ବସ୍ତି, ଗୁଜରାତି ଗଲି, ଧୋବୀ ଘାଟ ଏବଂ ମହତାବ ରୋଡ୍ ପ୍ରମୁଖ ଅଞ୍ଚଳରେ ପଦଯାତ୍ରା କରିଥିଲେ।

### ଦୁର୍ବୃତ୍ତଙ୍କ ପଥରମାଡ଼ରେ ୪ ବସ୍ କ୍ଷତିଗ୍ରସ୍ତ

**ରାଉରକେଲା,୧୮।୫(ସଙ୍ଗୀତା ଜେନା):** ଲାଠିକଟା ଥାନା ଅନ୍ତର୍ଗତ ସୁଇଡ଼ିହି ପେଟ୍ରୋଲ ପମ୍ପ ନିକଟରେ ଶୁକ୍ରବାର ରାତିରେ ଅଜଣା ଦୁର୍ବୃତ୍ତଙ୍କ ପଥରମାଡ଼ରେ ୪ଟି ବସ୍ କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି। ଏ ନେଇ ବସ୍ କର୍ତ୍ତୃପକ୍ଷ ସମ୍ପୃକ୍ତ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତଦନ୍ତ କରୁଛି। ବର୍ତ୍ତମାନ କେହି ଦୁର୍ବୃତ୍ତ ଧରାପଡ଼ି ନାହାଁନ୍ତି ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ପଥରମାଡ଼ ଯୋଗୁ ଯାତ୍ରୀମାନେ ଭୟଭୀତ ହୋଇ ବସ୍‌ରୁ ଓହ୍ଲାଇପଡ଼ିଥିଲେ।

# ହଟୁନି ଚିରାଫଟା ବ୍ୟାନର, ସ୍ମାର୍ଟସିଟି ସୌନ୍ଦର୍ଯ୍ୟତାରେ ସାଜୁଛି ପ୍ରତିବନ୍ଧକ



ରାଉରକେଲା ସହରରେ ଚିରାଫଟା ବ୍ୟାନର ଝୁଲୁଛି।

**ରାଉରକେଲା,୧୮।୫(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲାରେ ହୋର୍ଡିଂ ସେବାର ଠିକ୍ ପରିଚାଳନା ହେଉନାହିଁ। ଫଳରେ ଏହା ସହରର ସୌନ୍ଦର୍ଯ୍ୟ ବୃଦ୍ଧିରେ ପ୍ରତିବନ୍ଧକ ସାଜୁଛି। ଆରଏମ୍‌ସି ଅନୁମୋଦନରେ ବିଭିନ୍ନ ସଂସ୍ଥା ପକ୍ଷରୁ ବ୍ୟାନରଗୁଡ଼ିକ ଉଦିତ୍‌ନଗର, ପାନପୋଷ, ଡେଲିମାର୍କେଟ୍ ଭଳି ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନରେ ଲଗାଯାଉଛି। ମାତ୍ର ପରିତାପର ବିଷୟ, ମାସ ମାସ ଧରି ବ୍ୟାନରଗୁଡ଼ିକ ଫାଟି ଝୁଲିରହୁଛି। ହେଲେ ଏହାକୁ ହଟାଯାଉ ନ ଥିବାରୁ ସହରର ସୌନ୍ଦର୍ଯ୍ୟତାରେ ପ୍ରତିବନ୍ଧକ ସାଜୁଛି। ସେହିପରି ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳ ସେମାନଙ୍କ ପ୍ରାର୍ଥୀଙ୍କ ପୋଷ୍ଟର ସହରର ପ୍ରତ୍ୟେକ ଗଳିକନ୍ଦିରେ ଲଗାଇଛନ୍ତି। ଅନେକ ସ୍ଥାନରେ ବ୍ୟାନରଗୁଡ଼ିକ ଫାଡ଼ି ହୋଇଗଲାଣି। ଗୋଟିଏପଟେ ସହରକୁ ପ୍ଲାଷ୍ଟିକ୍‌ମୁକ୍ତ ଭାବେ ଗଢ଼ିତୋଳିବା ପାଇଁ ପ୍ରଶାସନ ପକ୍ଷରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଉଛି। ଅନ୍ୟପଟେ ସହରସାରା ଚିରାଫଟା ପ୍ଲାଷ୍ଟିକ୍ ବ୍ୟାନର ପ୍ରଦୂଷଣ ବୃଦ୍ଧିର କାରଣ ସାଜୁଛି। ତେବେ ତୁରନ୍ତ ଏହି ବ୍ୟାନରଗୁଡ଼ିକ ହଟାଇବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଏନେଇ ରାଉରକେଲା ମହାନଗର ନିଗମ ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ, ଆଜି ରାତିଠାରୁ ସହରର ବିଭିନ୍ନ ସ୍ଥାନରେ ଲଗାଯାଇଥିବା ରାଜନୈତିକ ବ୍ୟାନରଗୁଡ଼ିକ ହଟାଇବା କାମ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁସାରେ କରାଯିବ। ଏଥିସହ କମ୍ପାନୀଗୁଡ଼ିକର ଚିରାଫଟା ବ୍ୟାନର ସମ୍ପୃକ୍ତ ଠିକା ସଂସ୍ଥାଙ୍କୁ ଅବଗତ କରାଇ ହଟାଯିବ ବୋଲି କୁଲକର୍ଣ୍ଣୀ ଦର୍ଶାଇଥିଲେ।

# ବିଦ୍ୟୁତ ବିଲ୍ ଅସୁଲିକୁ ଚାଷୀଙ୍କ ବିରୋଧ

### ସ୍ମାର୍ଟ ମିଟର କାଢ଼ି ବିଦ୍ୟୁତ୍ ଅଫିସରେ ଜମା ଦେଲେ

**ବରଗଡ଼,୧୮।୫(ପ୍ରେମାନନ୍ଦ ଖମାରୀ):** କୃଷିକ୍ଷେତ୍ରରେ ମାତ୍ରାଧିକ ବିଦ୍ୟୁତ ବିଲ୍ ଅସୁଲିକୁ ନେଇ ବରଗଡ଼ ଜିଲାରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି କ୍ରମରେ ଶନିବାର ଜିଲାର ଅମ୍ବାଭୋନା ବ୍ଲକର ବାରପାହାଡ଼ କୃଷକ ସଙ୍ଗଠନ ଏହାର ଅଭିନବ ପ୍ରତିବାଦ କରିଥିଲା। ଉକ୍ତ କୃଷକ ସଙ୍ଗଠନ ନେତୃତ୍ୱରେ ଚାଷୀମାନେ ସେମାନଙ୍କ କ୍ଷେତରେ ଗଭୀର ନଳକୂପ ପାଇଁ ଲାଗିଥିବା ସ୍ମାର୍ଟ ମିଟରକୁ କାଢ଼ି ଦେଇଥିଲେ ଏବଂ ସେଗୁଡ଼ିକୁ ନେଇ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ଜମା ଦେଇଥିଲେ। ଆସନ୍ତା ଜୁଲାଇରୁ ଆଉ ବିଦ୍ୟୁତ ବିଲ୍ ଆସିବ ନାହିଁ ବୋଲି ବିଜେଡ଼ି ନିର୍ବାଚନୀ ପ୍ରସଙ୍ଗ ରଖିଥିବାବେଳେ ବର୍ତ୍ତମାନ ଚାଷୀମାନଙ୍କ ଏଭଳି ପ୍ରତିବାଦ ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ଚାଷକାର୍ଯ୍ୟରେ ବ୍ୟବହୃତ ବିଦ୍ୟୁତ ମିଟରରେ ମାତ୍ରାଧିକ ବିଲ୍ ଆସୁଛି । ଚାଷୀମାନେ ବିଲ୍ ମୁତାବକ ଦେୟ ପୈଠ କରି ନ ପାରିଲେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରି ଦିଆଯାଉଛି। ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହେବା ପରେ ଜମିକୁ ପାଣି ମଡ଼ାଇବା ସମ୍ଭବ ହେଉ ନାହିଁ ଏବଂ ଫସଲ ନଷ୍ଟ ହେଉଛି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ କିଛି ସୁଫଳ ମିଳୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ପ୍ରକାଶପୁର ବଜାର ପ୍ରାଙ୍ଗଣରେ ଚାଷୀମାନେ ସମବେତ ହୋଇଥିଲେ। ସେମାନେ କ୍ଷେତର ଗଭୀର ନଳକୂପ ପାଇଁ ଲଗାଯାଇଥିବା ବିଦ୍ୟୁତ ମିଟର ଗୁଡ଼ିକୁ କାଢ଼ି ଆଣିଥିଲେ। ଏହାପରେ ସମବେତ ଚାଷୀଙ୍କୁ ନେଇ ବଜାର ପ୍ରାଙ୍ଗଣରେ ଏକ ସଭା ହୋଇଥିଲା। ସଭାରେ ମାତ୍ରାଧିକ ବିଦ୍ୟୁତ ବିଲ୍ ଅସୁଲିକୁ ବିରୋଧ କରାଯାଇଥିଲା। ଏହାପରେ ଚାଷୀମାନେ ଟ୍ରାକ୍ଟର ଟ୍ରଲିରେ ବିଦ୍ୟୁତ ମିଟର ଗୁଡ଼ିକୁ ବୋଝେଇ କରିବା ସହିତ ଏକ ବିଶାଳ ବାଇକ୍ ରାଲିରେ ବିଦ୍ୟୁତ ବିଭାଗର ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯାଇଥିଲେ।

# ଲୁହାପଥର ପେଲେଟ ଯୋଗାଣ, ବେନେଫିସିଏସନ ପାଇଁ ଚୁକ୍ତିନାମା ସ୍ୱାକ୍ଷରିତ



ଚୁକ୍ତିନାମା ସ୍ୱାକ୍ଷର କାର୍ଯ୍ୟକ୍ରମରେ ଆରଏସପି ଏବଂ ବିକ୍ରେତା ମେଷର୍ସ ଅଧିକାରୀ।

**ରାଉରକେଲା,୧୮।୫(ବିପ୍ଳବ ରଞ୍ଜନ ଦାଶ)**

ଆରଏସପି ପକ୍ଷରୁ ୨ବିକ୍ରେତା ମେଷର୍ସ ମହାବୀର ଫେରୋ ଆଲୋଏଜ ପ୍ରାଇଭେଟ ଲିମିଟେଡ, କଳୁଙ୍ଗା ଏବଂ ଏମଏସପି ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ,ରାୟଗଡ ସହିତ ଲୁହାପଥର ପେଲେଟ ଯୋଗାଇବା ସନ୍ଦର୍ଭରେ ଚୁକ୍ତିନାମା ହୋଇଯାଇଛି। ଚୁକ୍ତିନାମା ଅନୁଯାୟୀ, ବଲାଣି ଖଣି ଏବଂ ବରସୁଆ ଖଣିରୁ ବାର୍ଷିକ ୧୦ଲକ୍ଷ ଟନ୍ ନିମ୍ନ ଗ୍ରେଡ ଲୁହାପଥର ଫାଇନ୍ସ ବେନେଫିସିଏସନ ପରେ ଲୁହାପଥର ପେଲେଟ ରୂପାନ୍ତର ସକାଶେ ଭେଣ୍ଡରଙ୍କୁ ପ୍ରେରିତ ହେବ। ଚୁକ୍ତିନାମା ଅନୁଯାୟୀ, ଆରଏସପି ପ୍ରତିବର୍ଷ ବ୍ଲାଷ୍ଟ ଫର୍ଣ୍ଣେସ ବ୍ୟବହାର ପାଇଁ ଉଭୟ ବିକ୍ରେତାଙ୍କଠୁ ୬.୫୦ ଲକ୍ଷ ଟନ୍ ଲୁହାପଥର ପେଲେଟ ପାଇବ। ବିକ୍ରେତାମାନେ ଲୁହାପଥର ପେଲେଟରେ ପରିଣତ ହେବା ପୂର୍ବରୁ ବଲାଣି ମାଇନ୍ସ ଡମ୍ପ ଫାଇନ୍ସ ଏବଂ ବରସୁଆଁ ମାଇନ୍ସର ଟେଲିଙ୍ଗ ଫାଇନ୍ସକୁ ବେନେଫିସିଏସନ କରିବେ। ଏହି ଚୁକ୍ତିନାମା ୩ବର୍ଷ ପାଇଁ ବୈଧ ରହିବ। ଆବଶ୍ୟକ ସ୍ଥଳେ ୨ବର୍ଷ ବୃଦ୍ଧି କରିବା ବ୍ୟବସ୍ଥା ମଧ୍ୟ ରହିଛି। ତେବେ ହୋଇଥିବା ଏହି ଚୁକ୍ତିନାମାରେ ଆରଏସପି ତରଫରୁ ସାମଗ୍ରୀ ପରିଚାଳନା ବିଭାଗର ସିଜିଏମ ତଥା ଆକ୍ଟିଙ୍ଗ ଇଡି ଏମଏମ ଅନୀଲ କୁମାର, ବିତ ଓ ଲେଖା ବିଭାଗ ସିଜିଏମ ଏସ.କେ ନାୟକ ଏବଂ ଟି ଆଣ୍ଡ ଆରଏମ ବିଭାଗର ଜିଏମ ଇନଚାର୍ଜ କେସି ବେହେରା ପ୍ରମୁଖ ସ୍ୱାକ୍ଷରିତ କରିଥିବା ବେଳେ ମେଷର୍ସ ମହାବୀର ଫେରୋ ଆଲୋଏଜ ପ୍ରାଇଭେଟ ଲିମିଟେଡ ପକ୍ଷରୁ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ଝା ଏବଂ ଏସଏସପି ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ ତରଫରୁ ମ୍ୟାନେଜର ଏସଏସ ଦାସ ସ୍ୱାକ୍ଷର କରିଥିଲେ। ଚୁକ୍ତିନାମା ସ୍ୱାକ୍ଷର କାର୍ଯ୍ୟକ୍ରମକୁ ଏମଏମ ବିଭାଗର ଜିଏମ ଏ.କେ ବେହେରା, ଡିଜିଏମ କେସି ବେହେରା ଏବଂ ସମଗ୍ରୀ ପରିଚାଳନା ବିଭାଗର ଡେପୁଟି ମ୍ୟାନେଜର ଡି.କେ ଦାସ ପରିଚାଳନା କରିଥିଲେ।

# ଶେଷଦିନରେ ଅର୍ଚ୍ଚନାଙ୍କ ପାଇଁ ପ୍ରଚାର କଲେ ଓଲିଉଡ ଷ୍ଟାର

**ରାଉରକେଲା,୧୮।୫(ଦିନେଶ ମିଶ୍ର)**

ରଘୁନାଥପାଲି ନିର୍ବାଚନ ମଣ୍ଡଳୀର ବିଧାୟିକା ପ୍ରାର୍ଥୀନୀ ଅର୍ଚ୍ଚନା ରେଖା ବେହେରାଙ୍କ ପକ୍ଷରୁ ଶନିବାର ଏକ ରୋଡ ଶୋ ପ୍ରଚାର ଅନୁଷ୍ଠିତ ହୋଇଯାଇଛି। ଏହି ରୋଡ ଶୋ ପ୍ରଚାରରେ ଓଲିଉଡ୍ ତଥା ଆଲବମ୍ ଜଗତର ସୁନାମ ଅଭିନେତା ବବି ମିଶ୍ର, ଦେବାଶିଷ ପାତ୍ର, ଅଭିନେତ୍ରୀ ଭୂମିକା ଦାସ ଓ ପୁନମ ମିଶ୍ର ପ୍ରମୁଖ ଯୋଗଦେଇ ଥିଲେ। ରୋଡ ଶୋ ରଘୁନାଥପାଲି ନିର୍ବାଚନ ମଣ୍ଡଳୀ ସ୍ଥିତ ସେକ୍ଟର–୨ ବିଜୁ ପଟ୍ଟନାୟକ ଛକରୁ ଆରମ୍ଭ ହୋଇ ବିଭିନ୍ନ ସେକ୍ଟର ଗଳିକନ୍ଦି ବୁଲିଥିଲା। ଏଥିରେ ବିଜେଡି କର୍ମୀ ଉପସ୍ଥିତ ରହି ଅର୍ଚ୍ଚନାଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ଓଲିଉଡ ଷ୍ଟାରମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବହୁ ଲୋକଭିମୁଖୀ ଯୋଜନା ସହ ଆଗକୁ ରଘୁନାଥପାଲିର ବିକାଶର ଗାଥାକୁ ଭୋଟରମାନଙ୍କ ପାଖରେ ପହଞ୍ଚାଇଥିଲେ। ଏହି ରାଲିରେ ରଘୁନାଥପାଲି ବିଜେଡିର ନଗର ସଭାପତି ଆର୍ତ୍ତତ୍ରାଣ ମହାରଣା, ସୁଧୀର ସୁନ୍ଦର



ଓଲିଉଡ ଷ୍ଟାରଙ୍କ ସହ ଅର୍ଚ୍ଚନା ରେଖା ବେହେରା ରାଲି କରୁଛନ୍ତି।

ରାୟ, ଜୟନ୍ତୀ ଦାସ, ସୁଭଦ୍ରା ପ୍ରଧାନ, ଇନ୍ଦିରା ନାୟକ, ବିଷ୍ଣୁପ୍ରିୟା ନାୟକ, ପ୍ରତିମା ରାଉତ, ମିନତି ବିଶ୍ୱାଳ, ଗୀତା ମଲ୍ଲିକ, ସତ୍ୟ ପ୍ରଧାନ, ଗଣେଶ୍ୱର ସ୍ୱାଇଁ, ସଞ୍ଜୀବ ସ୍ୱାଇଁ, ବିକାଶ ଚୌଧୁରୀ, ରାମଚନ୍ଦ୍ର ଗୌଡ, ସତ୍ୟ ବେହେରା, ଅନୀଲ ସିଂ, କମଳାକାନ୍ତ ନାୟକ, ରାକେଶ ସ୍ୱାଇଁଙ୍କ ସହ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

# ପୋଲିସ ସହାୟତା କେନ୍ଦ୍ରରେ ତାଲା: ଜନ ଅସନ୍ତୋଷ

**ରାଉରକେଲା,୧୮।୫(ଦିନେଶ ମିଶ୍ର)**

ସହରରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ପୋଲିସ ସହାୟତା କେନ୍ଦ୍ର ସ୍ଥାପନ କରାଗଲା। ଏହି ସହାୟତା କେନ୍ଦ୍ର ଗୁଡିକରେ ପ୍ରତିଦିନ ୨ ଜଣ ପୋଲିସ କର୍ମଚାରୀ ମୃତୟନ ରହିଲେ। ପ୍ରତ୍ୟେକ ଦିନ ଏହା ଖୋଲା ରହୁଥିଲା। ହେଲେ ବର୍ତ୍ତମାନ ଏହା ବନ୍ଦ ପଡିଛି। ଏହିଭଳି ଦୃଶ୍ୟ ଗୋପବନ୍ଧୁପାଲି ଫାଣ୍ଡି ଅନ୍ତର୍ଗତ ବିଏସ୍‌ନାଲ ଛକରେ ଥିବା ପୋଲିସ ସହାୟତା କେନ୍ଦ୍ର, ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଦବ୍ୟାସ ପୋଲିସ ସହାୟତା କେନ୍ଦ୍ର, ବିଶ୍ରାଛକ ପୋଲିସ ସହାୟତା କେନ୍ଦ୍ର, ବାଲୁଘାଟ ସ୍ଥିତ ସହାୟତା କେନ୍ଦ୍ର ଭଳି ପ୍ରାୟ ୭ରୁ ଊର୍ଦ୍ଧ୍ୱ ସହାୟତା କେନ୍ଦ୍ର ଗୁଡିକରେ ତାଲା ପଡିଥିବା ଦେଖିବାକୁ ମିଳିଛି। ରାଉରକେଲା ସହରରେ ଶାନ୍ତିଶୃଙ୍ଖଳା ଓ ଅପରାଧ ମୂଳକ କାର୍ଯ୍ୟ ରୋକିବା ପାଇଁ ୨୦୧୯ରେ ରାଉରକେଲା ତତ୍କାଳୀନ ଏସ୍‌ପି ମୁକେଶ କୁମାର ଭାମୁଙ୍କ ନିର୍ଦ୍ଦେଶକ୍ରମେ ଆମ





ପୋଲିସ ସହାୟତା କେନ୍ଦ୍ରରେ ତାଲା ପଡିଛି।

ପୋଲିସ ସହାୟତା ଗାଡି ଓ ପୋଲିସ ସହାୟତା କେନ୍ଦ୍ର ଖୋଲା ଯାଇଥିଲା। ସହରରେ ଆମ ପୋଲିସ ସହାୟତା ଗାଡି ବିଳମ୍ବିତ ରାତିରେ ନାଇଟ୍ ପାଟ୍ରୋଲିଂ କରୁଥିବାବେଳେ ପୋଲିସ ସହାୟତା କେନ୍ଦ୍ର ଗୁଡିକ ଦାୟିତ୍ୱରେ ବିଭିନ୍ନ ଅଞ୍ଚଳରେ ଥିବା ଥାନା ଅଧିକାରୀ ରହୁଥିଲେ। ସହରର ଯେକୌଣସି ସ୍ଥାନରେ ଛିନତାଇ, ନିଶାକାରବାର ଓ ଠକାମିର ଶିକାର ସାଙ୍ଗକୁ ବିଭିନ୍ନ ଅପରାଧ ମୂଳକ କାର୍ଯ୍ୟ ଘଟିଲେ ପ୍ରଥମେ ଏହି ପୋଲିସ ସହାୟତା କେନ୍ଦ୍ରରେ ପହଞ୍ଚି ଅବଗତ କରାଯାଉଥିଲା। ବିଶେଷ କରି ସହରରେ ବାସ କରୁଥିବା ବିଭିନ୍ନ ମହିଳା, ବରିଷ୍ଠ ନାଗରିକମାନେ ବେଶ ଉପକୃତ ହେଉଥିଲେ। ମାତ୍ର କାଳକ୍ରମେ ଏସ୍‌ପିଙ୍କ ବଦଳି ପରେ ଧୀରେ ଧୀରେ ପୋଲିସ ସହାୟତା କେନ୍ଦ୍ର ଗୁଡିକର ରକ୍ଷଣବେକ୍ଷଣ ଅଭାବ ଯୋଗୁ ନଷ୍ଟ ହେବାକୁ ଲାଗିଲା। ଏହି ପୋଲିସ ସହାୟତା କେନ୍ଦ୍ରରେ ନିୟୋଜିତ ହୋଇଥିବା ପୋଲିସ କର୍ମଚାରୀଙ୍କୁ ଆନୁସାଙ୍ଗିକ ବ୍ୟବସ୍ଥା ମିଳିଲା ନାହିଁ। ଫଳରେ ପୋଲିସ ସହାୟତ କେନ୍ଦ୍ର ଗୁଡିକରେ ତାଲା ପଡିଲା। ସ୍ଥାନୀୟ ଲୋକମାନେ ପୋଲିସ ସହାୟତା କେନ୍ଦ୍ରରୁ ପାଉଥିବା ବିଭିନ୍ନ ସୁବିଧାରୁ ବଞ୍ଚିତ ହେଲେ। ବର୍ତ୍ତମାନ ସହରରେ ଜନସାଧାରଣଙ୍କ ପାଇଁ ଖୋଲା ଯାଇଥିବା ଏକାଧିକ ପୋଲିସ ସହାୟତା କେନ୍ଦ୍ର ଗୁଡିକ ବନ୍ଦ ପଡିଥିବା ବେଳେ କିଛି ସ୍ଥାନରେ କାଁ ଭାଁ କାର୍ଯ୍ୟ କରୁଛି। ଫଳରେ ସହରରେ ଛିନ୍‌ତାଇ, ଚୋରି ଓ ବେଆରୁଆ ଗାଡି ଚାଳନା ବଢିବାରେ ଲାଗିଛି। ତେଣୁ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ସର୍ବସାଧାରଣଙ୍କ ପାଇଁ ଖୋଲା ଯାଇଥିବା ପୋଲିସ ସହାୟତା କେନ୍ଦ୍ର ପୁନଃର୍ବାର ଚାଲୁ କରିବା ପାଇଁ ସାଧାରଣରେ ଦାବି ହୋଇଛି। ଏନେଇ ରାଉରକେଲା ଅତିରିକ୍ତ ଏସ୍‌ପି ପ୍ରଭା ନାଏକଙ୍କୁ ପଚାରିବାରୁ, ସହରରେ ଆମ ପୋଲିସ ସହାୟତା କେନ୍ଦ୍ରରେ ତାଲା ପଡି ରହିବା ନିଶ୍ଚିତ ଦୁଃଖଦ ଘଟଣା। ବର୍ତ୍ତମାନ ନିର୍ବାଚନ ସମୟ ଥିବାରୁ ବିଭିନ୍ନ ପୋଲିସ କର୍ମଚାରୀ କାର୍ଯ୍ୟବସ୍ତ ରହିଛନ୍ତି। ନିର୍ବାଚନ ଶେଷ ହେବା ପରେ ଆମେ ଉକ୍ତ ବନ୍ଦ ପଡିଥିବା ପୋଲିସ ସହାୟତା କେନ୍ଦ୍ର ଗୁଡିକ କିଭଳି ସର୍ବସାଧାରଣଙ୍କ ପାଇଁ ଚାଲୁ କରିବୁ ସେନେଇ ଜିଆଇଜିଙ୍କ ଦୃଷ୍ଟିଆକର୍ଷଣ କରିବୁ ବୋଲି ନାଏକ ମତ ପ୍ରକାଶ କରିଥିଲେ।

## ସଂକ୍ଷେପରେ

## ଆଜି ରାଜନାଥ, ୨୧ରେ ସମ୍ବଲପୁର ଆସୁଛନ୍ତି ଶାହା

ସମ୍ବଲପୁର,୧୮।୫ (ଭବାନୀ ଶଙ୍କର ଭୋଇ)

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ଦିନିକିଆ ସମ୍ବଲପୁର ଗସ୍ତରେ ଆସି ରେଢାଖୋଲ ବିଧାନସଭା କ୍ଷେତ୍ର ଅନ୍ତର୍ଗତ ନାକଟିଦେଉଳ ଠାରେ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ। ସେହିପରି ଭାଜପା ଯୁବ ମୋର୍ଚ୍ଚାର ରାଷ୍ଟ୍ରୀୟ ସଭାପତି ତେଜସ୍ୱୀ ସୂର୍ଯ୍ୟା ଏବଂ ଛତିଶଗଡ଼ କ୍ୟାବିନେଟ ମନ୍ତ୍ରୀ ବ୍ରିଜ ମୋହନ ଅଗ୍ରୱାଲ ଏକ ବାଇକ୍ ଶୋଭାଯାତ୍ରା ସହ ବିଭିନ୍ନ ରାଜନୈତିକ ସଭାରେ ଯୋଗ ଦେବେ। ଏହା ସହ ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ଗୁରୁ ପ୍ରକାଶ ପାଶୱାନ ଖବରଦାତାଙ୍କ ସହ ଆଲୋଚନା କାର୍ଯ୍ୟକ୍ରମରେ ଯୋଗଦେବେ। ଆସନ୍ତା ୨୧ରେ ସମ୍ବଲପୁର ଗସ୍ତରେ ଆସୁଛନ୍ତି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ। ପିଏଚଡି ପଡିଆରେ ହେବାକୁ ଥିବା ଜନ ସମାବେଶରେ ଶାହା ଯୋଗଦେବା ନେଇ ଭାଜପା କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ସୂଚନା ଦେଇଛନ୍ତି ।

## ପୋଲିଂ, ପ୍ରିଜାଇଡିଂ ଅଧିକାରୀଙ୍କ ପୋଷ୍ଟାଲ ବାଲଟ ମତଦାନ

ଦେବଗଡ଼,୧୮।୫(ଶଶାଙ୍କ ଶେଖର ଝାଙ୍କର)

ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ଦେବଗଡ଼ ଜିଲାରେ ଭୋଟ ଗ୍ରହଣ ନିମନ୍ତେ ନିଯୁକ୍ତ ପ୍ରିଜାଇଡିଂ ଅଧିକାରୀ ଓ ପୋଲିଂ ଅଧିକାରୀଙ୍କ ସକାଶେ ପୋଷ୍ଟାଲ ବାଲଟରେ ମତଦାନ କରାଯାଉଛି। ଭୋଟ ଦାନରୁ ଯେମିତି କେହି ବାଦ ପଡିବେ ନାହିଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ୧୭ରୁ ୨୦ତାରିଖ ପର୍ଯ୍ୟନ୍ତ ଦେବଗଡ଼ ମହାବିଦ୍ୟାଳରେ ମତ ସାବ୍ୟସ୍ତ କରିବେ। ପୂର୍ବରୁ ଫର୍ମ ୧୨ରେ ଆବେଦନ କରିଥିବା ପୋଲିଂ କାର୍ଯ୍ୟରେ ନିୟୋଜିତ ଅଧିକାରୀଙ୍କ ମଧ୍ୟରୁ ଦ୍ୱିତୀୟ ଦିନରେ ୨୫୯ ଜଣ ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀ ମତଦାନ କରିଛନ୍ତି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସୋମେଶ କୁମାର ଉପାଧ୍ୟାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଉପଜିଲାପାଳ ପରକ୍ଷିତ ସାହୁ, ତହସିଲଦାର କର୍ଣ୍ଣ ମଲ୍ଲିକ, ସହକାରୀ ଜିଲାପାଳ ତାପସ କୁମାର ମହାନ୍ତ ଉପସ୍ଥିତ ଥିଲେ।

## କଂଗ୍ରେସର ଘରକୁ ଘର ଭୋଟ ପ୍ରଚାର କାର୍ଯ୍ୟକ୍ରମ

ସମ୍ବଲପୁର,୧୮।୫(ବି.ଶଙ୍କର)

କଂଗ୍ରେସ ପକ୍ଷରୁ ଘରକୁ ଘର ଭୋଟ ପ୍ରଚାର କାର୍ଯ୍ୟକ୍ରମ, ପଦଯାତ୍ରା ଏବଂ ସଂକଳ୍ପ ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ବୁଢ଼ାରଜା କସଲେଇ ମନ୍ଦିରରୁ ପଦଯାତ୍ରା ଆରମ୍ଭ ବାହାରି ପ୍ରଫେସର କଲୋନୀ, ଡେଲି ମାର୍କେଟ, ଶାନ୍ତିନଗର, କଟରଧୁଆ ଦେଇ ଗୋପାଲମାଲରେ ପହଞ୍ଚିଥିଲା। ବିଧାନ ସଭା ପ୍ରାର୍ଥୀ ଦୁର୍ଗା ପ୍ରସାଦ ପାଢ଼ୀ ପଦଯାତ୍ରା ସମୟରେ ଭୋଟରଙ୍କୁ ଭେଟିଥିଲେ। ଗୋପାଲମାଲରେ ଅନୁଷ୍ଠିତ ସଙ୍କଳ୍ପ ସଭାରେ ବରିଷ୍ଠ ନେତା ବିଜିତେନ୍ଦ୍ରୀୟ ପ୍ରଧାନ, ଚନ୍ଦ୍ରକାନ୍ତ ମହାନ୍ତି, ସୁତପା ମିତ୍ର, ମୁନା ସିଂହ, ଅରୁଣ କୁମାର, ପ୍ରକାଶ ଶତପଥୀ ଦଳ ପାଇଁ ଭୋଟ ଭିକ୍ଷା କରିଥିଲେ। ଶିବ ପାଢ଼ୀ, ମୋହନ ସାହା ପ୍ରମୁଖ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ନିର୍ବାଚନ ପ୍ରଚାରରେ ଏସ୍ଏଚ୍‌ଜି ସଦସ୍ୟାଙ୍କୁ ବ୍ୟବହାର କରୁଛି ବିଜେଡି

ସମ୍ବଲପୁର,୧୮।୫(ପ୍ରମୋଦ ବହିଦାର)

ନିର୍ବାଚନ ପ୍ରଚାରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏଚ୍‌ଜି)ର ସଦସ୍ୟାଙ୍କୁ ବ୍ୟବହାର କରି ବିଜେଡି ନିର୍ବାଚନ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରୁଛି। ଏହିଭଳି ଅଭିଯୋଗ ଆଣିଛି ଭାଜପା। ଶନିବାର ବରିଷ୍ଠ ନେତା ତଥା ଭାଜପା ଅଭିଯୋଗ ପ୍ରକୋଷ୍ଠର ସଂଯୋଜକ ଦାମୋଦର କରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସମ୍ବଲପୁର ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଭାଜପା ପ୍ରତିନିଧି ଦଳ ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କୁ ଅଭିଯୋଗର ପ୍ରମାଣ ସ୍ୱରୂପ କେତେକ ଫଟୋ ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ, ସମ୍ବଲପୁର ସଂସଦୀୟ କ୍ଷେତ୍ର ଅଧିନ କୁଚିଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଡ଼ମାଲ ପଞ୍ଚାୟତ ପାଲଖମାର ଗ୍ରାମରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ପରିଚାଳନା କମିଟି ସଦସ୍ୟାମାନେ ଲୋକଙ୍କ ଘରକୁ ଯାଇ ବିଜେଡି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବା ସହିତ



ଜିଲାପାଳଙ୍କୁ ଭାଜପା ପ୍ରତିନିଧି ଦଳ ପକ୍ଷରୁ ଅଭିଯୋଗ ପତ୍ର ପ୍ରଦାନ କରାଯାଉଛି।

**ଜିଲାପାଳଙ୍କୁ ଫେରାଦ ହେଲା ଭାଜପା**

କାନ୍ଥ ଗୁଡ଼ିକରେ ଇସ୍ତାହାର ସମ୍ପର୍କିତ ପୋଷ୍ଟର ଲଗାଉଥିବା ଦେଖିବାକୁ ମିଳିଛି। ସେହିପରି ଦେବଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ସ୍ଥାନକୁ ଏକ ଗାଡ଼ିରେ ଗସ୍ତ କରି ଅଙ୍ଗନୱାଡି କର୍ମୀମନେ ସଭା ସମିତି ଅୟୋଜନ କରି ବିଜେଡିର ନିର୍ବାଚନୀ ପ୍ରଚାର କରିଛନ୍ତି। ଉକ୍ତ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରେଙ୍ଗାଲବେଡ଼ାରେ ଅନୁରୂପ ଭାବେ ଆୟୋଜିତ ଏକ ସଭାରେ ଅଙ୍ଗନୱାଡି କର୍ମୀମାନେ ବିଜେଡି ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ। ବିଜେଡି କ୍ଷମତାକୁ ଆସିଲେ ଅଞ୍ଚଳର ପ୍ରତେକ ସ୍ୱୟଂ ସହାୟକ ଗୋଷ୍ଠୀର ୨ ସଦସ୍ୟାଙ୍କୁ ଚାକିରି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଉଥିବା ଖବର ମିଳିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଆଠମଲ୍ଲିକରେ ମଧ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ସଦସ୍ୟାମାନେ ବିଜେଡି ପାଇଁ ପ୍ରଚାର କରୁଥିବା ଭଜପା ପ୍ରତିନିଧି ଦଳ ପକ୍ଷରୁ ଅଭିଯୋଗ ହୋଇଛି। ଭାଜପା ପ୍ରତିନିଧି ଦଳରେ ପ୍ରତୀକ ମହାପାତ୍ର, ସୌମିକ ବାବୁ, ସୁନିଲ ନନ୍ଦ, ମିଲନ ମହାରଣା, ସୁଜୀତ ମିଶ୍ର, ଅରବିନ୍ଦ ନାଏକ, ମହେଶ ପଣ୍ଡା ସାମିଲ ଥିଲେ।

# ଫ୍ଲାଇଂ ସ୍କ୍ୱାଡ୍‌ର ଯାଞ୍ଚବେଳେ ୩ ଲକ୍ଷ ୯୦ ହଜାର ଟଙ୍କା ଜବତ

ଦେବଗଡ଼,୧୮।୫(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ କଲେଜ ରାସ୍ତାରେ ଶନିବାର ଅପରାହ୍ନ ପ୍ରାୟ ୩ ଟାରେ ଫ୍ଲାଇଂ ସ୍କ୍ୱାଡ୍‌ର ଯାଞ୍ଚବେଳେ ଜଣେ ଯୁବକଙ୍କ ଠାରୁ ୩ ଲକ୍ଷ ୯୦ ହଜାର ଟଙ୍କା ଜବତ କରାଯାଇଛି। ସାଧାରଣ ନିର୍ବାଚନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଗଠନ କରାଯାଇଥିବା ଫ୍ଲାଇଂ ସ୍କ୍ୱାଡ୍ ତରଫରୁ ଉକ୍ତ ରାସ୍ତାରେ ଯାଞ୍ଚ ଜାରି ରହିଥିବା ବେଳେ ବାଇକ୍‌ରେ ଆସୁଥିବା ଜଣେ ଯୁବକଙ୍କଠାରୁ ଏହି ଟଙ୍କା ଜବତ ହୋଇଛି। ଯୁବକଙ୍କ ପରିଚୟ ମିଳି ପାରିନି। ଦେବଗଡ଼ ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସାହୁଙ୍କ ନେତୃତ୍ୱରେ ଫ୍ଲାଇଂ ସ୍କ୍ୱାଡ୍ ଯାଞ୍ଚ କରୁଥିଲେ। ଉକ୍ତ ଟଙ୍କା ଜବତ ପରେ ଜିଲା କୋଷାଗାରରେ ରଖାଯାଇଥିବାବେଳେ ଅଧିକ ତଦନ୍ତ ଜାରି ରହିଛି। ସାଧାରଣ ନିର୍ବାଚନକୁ ଅବାଧ ଏବଂ ନିରପେକ୍ଷ ଭାବେ ପରିଚାଳନା ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯିବା ସହ ବିଭିନ୍ନ ଛକରେ କଡାକଡି ଯାଞ୍ଚ କରାଯାଉଛି। ତେବେ ଜବତ ହୋଇଥିବା ଉକ୍ତ ଟଙ୍କା କେଉଁ ଉଦ୍ଦେଶ୍ୟରେ ନିଆ ଯାଉଥିଲା ସେନେଇ ପ୍ରଶାସନ ଅଧିକ ଖୋଲତାଡ କରୁଥିବା ଜଣାପଡିଛି।



# ଅନୁପସ୍ଥିତ ରହୁଛନ୍ତି ରୋଷ୍ଟର ଡ୍ୟୁଟି ଷ୍ଟାଫ୍

ଜମନକିରା,୧୮।୫(ରବୀନ୍ଦ୍ର ପ୍ରସାଦ ଦାନି)

**ବନ୍ଦ ରହୁଛି ଷଣ୍ଢପଥର ଉଚ୍ଚ ମାଧମିକ ବିଦ୍ୟାଳୟ**

ଜମନକିରା ବ୍ଲକ ବଡରମା ପଞ୍ଚାୟତ ଷଣ୍ଢପଥର ଉଚ୍ଚ ମାଧମିକ ବିଦ୍ୟାଳୟରେ ଏବେ ଗ୍ରୀଷ୍ମ ଛୁଟି ଜାରିରହିଛି। ଛାତ୍ରୀଛାତ୍ର ଘରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ମାତ୍ର ନୂତନ ଶିକ୍ଷାବର୍ଷ ଆରମ୍ଭ ହେବାକୁ ଥିବାବେଳେ ଅଭିଭାବକମାନେ ନାମ ଲେଖାଇବା, ଟିସି ନେବା, ଫର୍ମ ନେବା ଆଦି କାର୍ଯ୍ୟ ନେଇ ବିଦ୍ୟାଳୟକୁ ଆସିଥାନ୍ତି। ଏଥିସହ ବିଦ୍ୟାଳୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅଫିସିଆଲ କାର୍ଯ୍ୟକ୍ରମ ମଧ ଥାଏ। ତଦନୁଯାୟୀ ସରକାରୀ ଭାବେ ଯେ କେହି ବି ଅଧିକାରୀ ଅଫିସ ଖୋଲି ଉକ୍ତ କାର୍ଯ୍ୟ ନିର୍ବାହ କରିଥାନ୍ତି। ମାତ୍ର ଏହି ବିଦ୍ୟାଳୟରେ ତା'ର ବ୍ୟତିକ୍ରମ ଦେଖାଦେଇଛି। ଏଠାରେ ସନ୍ତୋଷ କୁମାର ପ୍ରଧାନ ଅଧକ୍ଷ ଦାୟିତ୍ୱରେ ଥିବାବେଳେ ୫ ଜଣ ସହକାରୀ ଶିକ୍ଷୟିତ୍ରୀ ରହିଛନ୍ତି। ଗତ ମେ ୫ରୁ ଗ୍ରୀଷ୍ମଛୁଟି ହୋଇଥିବା ବେଳେ ୫ ଜଣ ସହକାରୀ ଶିକ୍ଷୟିତ୍ରୀଙ୍କୁ ପ୍ରତ୍ୟେକେ ୯ ଦିନ କାର୍ଯ୍ୟାଳୟ ଖୋଲି ସକାଳ ସାଢ଼େ ୬ଟାରୁ ପୂର୍ବାହ୍ନ ସାଢ଼େ ୧୦ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବା କଥା। ମାତ୍ର ଏଠି ଏହାର ଖିଲାପ ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ପ୍ରଥମ ରୋଷ୍ଟର୍‌ରେ ଥିବା ଜଣେ ଶିକ୍ଷୟିତ୍ରୀ ତାଙ୍କ କାର୍ଯ୍ୟ ଗତ ମେ ୧୪ ତାରିଖ ପର୍ଯ୍ୟନ୍ତ ଠିକରେ ସମ୍ପାଦନା କରିଥିବା ବେଳେ ଗତ ୧୫ ତାରିଖରୁ ଦାୟିତ୍ୱ ନେଇଥିବା ଅନ୍ୟ ଜଣେ ଶିକ୍ଷୟିତ୍ରୀ ଆଦୌ ଆସି ନ ଥିବା ନେଇ ଖୋଦ ବିଦ୍ୟାଳୟର ପିଅନ ଲଳିତ ମହାକୁଲ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ଅଧକ୍ଷ ଦାୟିତ୍ୱରେ ଥିବା ପ୍ରଧାନଙ୍କୁ ପଚାରିବାରୁ ମେ ୧୫ରୁ ଆସନ୍ତା ୨୩ତାରିଖ ପର୍ଯ୍ୟନ୍ତ ଅର୍ପିତା ରାୟ ଗଣିତ ଶିକ୍ଷୟିତ୍ରୀ ଦାୟିତ୍ୱରେ ରହିବା କଥା। କିନ୍ତୁ କ'ଣ ପାଇଁ ସେ କାର୍ଯ୍ୟକୁ ଆସୁନାହାନ୍ତି ବୋଲି ପଚାରିବାରୁ ସେ ଠିକ ଉତ୍ତର ଦେଇପାରି ନ ଥିଲେ। ଅନ୍ୟପକ୍ଷେ ଜିଲା ମଙ୍ଗଳ ଅଧିକାରୀ ଭାଗିରଥୀ ପଟେଲଙ୍କୁ ପଚାରିବାରୁ ସେ ତଦନ୍ତ କଲାପରେ ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

## ନିର୍ବାଚନ ଅଧିକାରୀଙ୍କ ସହ କ୍ଷେତ୍ର ସେକ୍ଟର ଅଧିକାରୀଙ୍କ ବୈଠକ

ସମ୍ବଲପୁର,୧୮।୫(ଭବାନୀ ଶଙ୍କର ଭୋଇ)

ରେଙ୍ଗାଲି ବିଧାନସଭା କ୍ଷେତ୍ରର ନିର୍ବାଚନ ଅଧିକାରୀଙ୍କ ସହ ସେକ୍ଟର ଅଧିକାରୀଙ୍କ ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ରେଙ୍ଗାଲି ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତିଙ୍କ ଅଧକ୍ଷତାରେ ଶନିବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ମତଦାନ କେନ୍ଦ୍ରରେ ବିଭିନ୍ନ ସୁବିଧା ବିଷୟରେ ଆଲୋଚନା କରାଯାଇଥିଲା। ବୈଠକରେ ରେଙ୍ଗାଲି ବିଡିଓ କୃଷ୍ଣଚନ୍ଦ୍ର ଦଳପତି, ତହସିଲଦାର ରେଙ୍ଗାଲି ସୌଦାକର କୁମ୍ଭାର, ଡେପୁଟି କଲେକଟର ଐଶ୍ୱର୍ଯ୍ୟା ପୃଷ୍ଟେଠ ଉପସ୍ଥିତ ଥିଲେ।

# ଦେବଗଡ଼ରେ ନେତାକର୍ମୀଙ୍କ ଅଜବ ନୀତି

ଦେବଗଡ,୧୮।୪(ଶଶାଙ୍କ ଶେଖର ଝାଙ୍କର)

- ଗୋଟିଏ ଦଳର ନେତା କର୍ମୀ ହୋଇ ଅଲଗା ଅଲଗା କଥା
- କିଛି କହୁଛନ୍ତି ବିଧାୟକ ପ୍ରାର୍ଥୀଙ୍କୁ ଭୋଟ ଦିଅ, କିଛି କହୁଛନ୍ତି ଲୋକ ସଭା ପ୍ରାର୍ଥୀଙ୍କୁ ଦିଅ
- କିଏ କହୁଛନ୍ତି, ଲୋକ ସଭା ପ୍ରାର୍ଥୀଙ୍କ ଲୋକ, କିଏ କହୁଛନ୍ତି ବିଧାୟକ ପ୍ରାର୍ଥୀଙ୍କ ଲୋକ

ଦେବଗଡ଼ ଜିଲା ଏକମାତ୍ର ବିଧାନସଭା ନିର୍ବାଚନମଣ୍ଡଳୀ। ନିର୍ବାଚନ ଯେତିକି ପାଖେଇ ଆସୁଛି ଦେବଗଡ଼ରେ ନେତାକର୍ମୀଙ୍କ ଅଜବ ନୀତି ଦେଖିବାକୁ ମିଳୁଛି। ନିର୍ବାଚନ ତାରିଖ ଆଉ ମାତ୍ର ରହିଲା ସାତ ଦିନ। ସେତିକି ଉଷ୍ମତା ବୃଦ୍ଧି ହେବା କଥା ସେତିକି ହୋଇନି। କାରଣ ଦୁଇ ପ୍ରମୁଖ ଦଳର ନେତା କର୍ମୀମାନେ ଦୁଇ ଭାଗ ହୋଇ ପ୍ରଚାର କରୁଥିବା ନଜରକୁ ଆସିଛି। କହିବା କଥା ହେଲା କେତେଜଣ ନେତା କର୍ମୀ ଗୋଟିଏ ଦଳର ନେତା କର୍ମୀ ହୋଇ ବି ଅଲଗା ଅଲଗା କଥା କହୁଛନ୍ତି। କିଛି କହୁଛନ୍ତି ବିଧାୟକ ପ୍ରାର୍ଥୀଙ୍କୁ ଭୋଟ ଦିଅ, କିଛି କହୁଛନ୍ତି ଲୋକସଭା ପ୍ରାର୍ଥୀଙ୍କୁ ଦିଅ। କିଏ କହୁଛନ୍ତି, ଲୋକସଭା ପ୍ରାର୍ଥୀଙ୍କ ଲୋକ, କିଏ କହୁଛନ୍ତି ବିଧାୟକ ପ୍ରାର୍ଥୀଙ୍କ ଲୋକ। ଅଶାନ୍ତି ହୋଇ କେତେଜଣ କହୁଛନ୍ତି ଯେ, ବିଧାୟକ ଯାହାକୁ ଦେଉଛ ଦିଅ ଲୋକସଭା କିନ୍ତୁ ଏହି ପ୍ରାର୍ଥୀଙ୍କୁ ଦିଅ। ଏପଟେ ଅନ୍ୟମାନେ କହୁଛନ୍ତି ଯେ, ଲୋକସଭା ପ୍ରାର୍ଥୀ ଯାହାକୁ ଦେଉଛ ଦିଅ କିନ୍ତୁ ବିଧାୟକ ଏହି ପ୍ରାର୍ଥୀଙ୍କୁ ଦିଅ। ଅଜବ ନୀତି ଦେଖିବାକୁ ମିଳୁଛି। ନିଜ ନିଜ ଦଳର ହୋଇ ମଧ୍ୟ ଗୋଟେ ଏହାଙ୍କୁ ଦିଅ, ଆଉ ଗୋଟେ ଏହାଙ୍କୁ ଦିଅ ଏ କିଥା ବୋଲି ସବୁଆଡ଼େ ଚର୍ଚ୍ଚା ଜୋର ଧରିଛି। ତିନି ପ୍ରମୁଖ ଦଳ ବିଜେଡ଼ି, ଭାଜପା, କଂଗ୍ରେସର ବିଧାୟକ ପ୍ରାର୍ଥୀ ଓ ନେତା କର୍ମୀମାନେ ଦିନ ରାତି ଏକ କରି ଗାଁ ଗାଁ ଘୁରି ବୁଲୁଛନ୍ତି। କେଉଁଠି ମିଶ୍ରଣ ପର୍ବ ତ କେଉଁଠି ସଭା, ସମାବେଶ, ବୈଠକ କରୁଛନ୍ତି। କେଉଁଠି ରୋଡ ଶୋ ଏପରି ଅନେକ ପନ୍ଥା ଅବଲମ୍ବନ କରୁଥିବା ଦେଖିବାକୁମିଳୁଛି। ଏପରିକିସହରରୁପୁରପଲ୍ଲି ଯାଏ ଜମୁଛି ଭୋଜି ଭାତର ଆସର। କିନ୍ତୁ ମଜାର କଥା ହେଲା ଲୋକେ ଆଉ ଭୋଜି ଖାଇବାକୁ ମଙ୍ଗୁ ନାହାନ୍ତି। କହୁଛନ୍ତି ମୋତନ ଖାସି ମାଂସ ଖାଇବାକୁ ଦିଅ। ଏଭଳି ସ୍ଥିତିରେ ଦେଖାଯାଉ କିଏ ହେଉଛନ୍ତି ବିଜୟୀ।

# ଶତାଧିକ କଂଗ୍ରେସ କର୍ମୀ ବିଜେଡିରେ ସାମିଲ



ପର୍ଯ୍ୟବେକ୍ଷକଙ୍କ ସହିତ ବିଜେଡିରେ ଯୋଗ ଦେଇଥିବା କଂଗ୍ରେସ କର୍ମକର୍ତ୍ତା।

ସମ୍ବଲପୁର,୧୮।୫(ପ୍ରମୋଦ ବହିଦାର)

କଂଗ୍ରେସର ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଭାଲୁପାଲିସ୍ଥିତ ବିଜେଡି କାର୍ଯ୍ୟାଳୟରେ ଶନିବାର ଆୟୋଜିତ ଏକ ମିଶ୍ରଣ ପର୍ବରେ ପୂର୍ବତନ ବୁର୍ଲା ନଗର କଂଗ୍ରେସ ସଭାପତି ଶିବ ଶଙ୍କର ଦଳାଇ ତାଙ୍କର ଶତାଧିକ ସମର୍ଥକଙ୍କ ସହିତ ବିଜେଡିରେ ଯୋଗ ଦେଇଛନ୍ତି। ସମ୍ବଲପୁର ବିଜେଡି ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାୟକ ନବାଗତମାନଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ବିଜେଡିରେ ଯୋଗ ଦେଇଥିବା କଂଗ୍ରେସ କର୍ମକର୍ତ୍ତମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ଧାରାରେ ନିଜକୁ ସାମିଲ କରିବାକୁ ବିଜେଡରେ ଯୋଗ ଦେଇଛନ୍ତି ବୋଲି କହିଥିଲେ।

## ଘରୁ ଦିବ୍ୟାଙ୍ଗ, ବୟସ୍କଙ୍କ ମତଦାନ

ଦେବଗଡ଼,୧୮।୫(ଶଶାଙ୍କ ଶେଖର ଝାଙ୍କର)

ଆସନ୍ତା ୨୫ ତାରିଖରେ ଦେବଗଡ଼ ଜିଲାରେ ହେବାକୁ ଥିବା ଲୋକସଭା ଓ ବିଧାନସଭା ନିର୍ବାଚନରେ ଭାରତୀୟ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ ମତଦାନରୁ ଯେମିତି କେହି ବାଦ ପଡିବେ ନାହିଁ ସେଥିଲାଗି ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସୋମେଶ କୁମାର ଉପାଧ୍ୟାୟଙ୍କ ତତ୍ତ୍ୱାବଧାନରେ ଜିଲା ପ୍ରଶାସନ ପକ୍ଷରୁ ୮୫ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧା ଓ ବୃଦ୍ଧ ଏବଂ ଦିବ୍ୟାଙ୍ଗ ପାଇଁ ପୋଷ୍ଟାଲ ବାଲାଟ ବ୍ୟବସ୍ଥା କରାଯାଇଛି। ୮୫ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧା ଓ ବୃଦ୍ଧ ୨୪୨ ଜଣ ଓ ଦିବ୍ୟାଙ୍ଗ ୨୦୬ ଜଣ ପୋଷ୍ଟାଲ ବାଲାଟରେ ମତଦାନ କରିଛନ୍ତି। ନିର୍ବାଚନ ଦାୟିତ୍ୱରେ ନିୟୋଜିତ ଥିବା ଅଧିକାରୀ ଓ ପୋଲିସ କର୍ମଚାରୀ ଉପସ୍ଥିତିରେ ଘରକୁ ଯାଇ ମତ ଗ୍ରହଣ କରାଯାଇଛି। ମତଦାନ ପ୍ରକ୍ରିୟାରେ ସ୍ୱଚ୍ଛତା ପାଇଁ ଭିଡ଼ିଓଗ୍ରାଫି କରାଯାଇଛି। ମତଦାନକୁ ଗୁପ୍ତରେ ରଖାଯାଇଛି। ଜିଲା ପ୍ରଶାସନ ତରଫରୁ ଏକ ମାନପତ୍ର ପ୍ରଦାନ କରାଯାଇଛି।

## ନାରୀ, ସ୍ୱାସ୍ଥ୍ୟ ସଶକ୍ତୀକରଣ ଉପରେ ସଚେତନତା

ସମ୍ବଲପୁର,୧୮।୫(ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ବୁର୍ଲା ସହର ମହତାବ ନଗରରେ ସଏଲ ସାମାଜିକ ଅନୁଷ୍ଠାନ ପକ୍ଷରୁ ନାରୀ ସଶକ୍ତିକରଣ ଉପରେ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଏଲ ସଦସ୍ୟ ଅନବିତ ସାହୁ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ। ନାରୀର ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ଉପରେ ସଚେତନା କରାଯିବା ସହ ୨୦୦ଜଣ କିଶୋରୀ ଏବଂ ନାରୀଙ୍କୁ ନାପକିନ ବଣ୍ଟନ କରାଯାଇଥିଲା। ସଏଲ ଉପଦେଷ୍ଟା ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗର ମୁଖ୍ୟ ଅଧାପିକା ପ୍ରଫେସର ତତ୍ତ୍ୱମାସି ପାଲଟାସିଂ କହିଥିଲେ, ଋତୁସ୍ରାବକୁ ନେଇ ଅନ୍ଧ ବିଶ୍ୱାସ ରହିଛି। ତେଣୁ ଅନ୍ଧ ବିଶ୍ୱାସଠାରୁ କିପରି ଦୂରେଇ ରହିବେ ସେନେଇ ଆଲୋଚନା କରିଥିଲେ। ବୀର ସୁରେନ୍ଦ୍ର ସାଏ ୟୁନିଭର୍ସିଟି ଅଫ ଟେକ୍ନୋଲୋଜିର ଅଧ୍ୟାପକ ଚୁଡାମଣି, ଝାରସୁଗୁଡା ଏଲଏନ କଲେଜର ଡ. ଶୁଭଲକ୍ଷ୍ମୀ, ନିରୁପମା ନାୟକ, ଶୁଭ୍ରାଂଶୁ ପାଢ଼ୀ ଅତିଥିଭାବେ ଯୋଗଦେଇ ବର୍ତ୍ତମାନ ଯୁଗରେ ନାରୀ କିପରି ସମସ୍ତ କ୍ଷେତ୍ରରେ ଆଗରେ ଅଛି ସେନେଇ ମତ ରଖିଥିଲେ। ସଙ୍ଗଠନର ସଦସ୍ୟ ପ୍ରତୀକ ଦାଶ, ବିସ୍ମୟ କୁମାର ଜେନା, ଶୁଭଙ୍କର ସାହୁ, ପରମେଶ୍ୱର ମଲ୍ଲିକ, ପ୍ରଭୁଦତ୍ତ ପାଣିଗ୍ରାହୀ ଯୋଗଦେଇଥିଲେ । ସଭା ଶେଷରେ ସଂଗଠନର ସମ୍ପାଦକ ଅଂଶୁମାନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଚନ୍ଦନ ମେଳା ଅବସରରେ ଦିବ୍ୟାଙ୍ଗଙ୍କୁ ଆର୍ଥିକ ସହାୟତା

ଦେବଗଡ଼,୧୮।୫(ଶଶାଙ୍କଶେଖର ଝାଙ୍କର)

ବାରକୋଟ ବ୍ଲକ ଅନ୍ତର୍ଗତ କଲା ଗ୍ରାମ ପଞ୍ଚାୟତ ସଦର ମହକୁମାରେ ଚାଲିଥିବା ପବିତ୍ର ଚନ୍ଦନ ମେଳା ଅବସରରେ 'ପାୱାର ଅଫ ଷ୍ଟକ୍ସ' ପକ୍ଷରୁ ୬ ଜଣ ଶିଶୁଙ୍କ ସମେତ ସମ୍ପୃକ୍ତ ଅଞ୍ଚଳର ୧୯ ଦିବ୍ୟାଙ୍ଗଙ୍କୁ ୧୧ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଶୁକ୍ରବାର ରାତିରେ କଲା ଚନ୍ଦନ ମେଳା ସାଂସ୍କୃତିକ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ବାଙ୍ଗାଲୁରୁ ସ୍ଥିତ 'ପାୱାର ଅଫ ଷ୍ଟକ୍ସ'ର ସିଇଓ ଶୁଭାଶୀଷ ପାଣି ଅନୁଷ୍ଠାନ ପକ୍ଷରୁ କଲା, ମନୋହରପୁର ଓ ଗୟଳମରା ଗ୍ରାମର ୧୯ ଦିବ୍ୟାଙ୍ଗଙ୍କୁ ନଗଦ ୧୧ ହଜାର ଟଙ୍କା ଲେଖାଏଁ ଅର୍ଥରାଶି ପ୍ରଦାନ କରିଥିଲେ। ପାଣି ଏହି ଅବସରରେ ସମ୍ପୃକ୍ତ ଅଞ୍ଚଳର ଦିବ୍ୟାଙ୍ଗ ସାଗର ସାହୁ(୨୫), ଝିଲି ମହାକୁଳ(୨୮),ଗଙ୍ଗାଧର ବେହେରା(୫୬), ସାଗର ଶବର(୨୪), ଶଙ୍ଖଲତା ସାହୁ(୫୬), ପୌଲସ୍ତି ପ୍ରଧାନ(୪୪), ନିରୁ ବେହେରା(୬୫), ଭରତ କିସାନ(୩୦), ବୀଣା ବେହେରା(୪୫), ନବୀନ କିସାନ(୩୦), ଇନ୍ଦ୍ର ନାୟକ(୪୨),ନାରାୟଣ ଚନ୍ଦ୍ର ବେହେରା(୫୬),କଳ୍ପନା ସାହୁ(୪୮), ରିଙ୍କନ ନାୟକ(୫), ଚନ୍ଦନ କିଷାନ(୧୨), ସୁଜଲ ମହାକୁଳ(୧୦), ସତ୍ୟଜିତ ଦଳବେହେରା(୭), ଅଙ୍କିତ ପାଣି(୭), ରାମସନ ମହାକୁଳ(୨)ଙ୍କୁ ନଗଦ ୧୧ ହଜାର ଟଙ୍କା ଲେଖାଏଁ ପ୍ରଦାନ କରିଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ, 'ପାୱାର ଅଫ ଷ୍ଟକ୍ସ'ର ସିଇଓ ଶୁଭାଶୀଷ ପାଣିଙ୍କ ଘର କଲା ଗ୍ରାମରେ ଓ ସେ ସତ୍ୟନାରାୟଣ ପାଣିଙ୍କ ସୁପୁତ୍ର ଅଟନ୍ତି। ଚନ୍ଦନ ମେଳା ଅବସରରେ ସମସ୍ତେ ଉତ୍ସବ ମନାଉଥିବା ବେଳେ ଦିବ୍ୟାଙ୍ଗମାନେ ଏଥିରୁ ବଞ୍ଚିତ ହେଉଥିବାରୁ ସେମାନେ ମଧ କିଭଳି ଏହି ମେଳାକୁ ଉତ୍ସାହର ସହିତ ପାଳନ କରି ପାରିବେ ଓ ସେମାନଙ୍କ ଓଠରେ ହସ ଫୁଟି ପାରିବ ସେହି ଲକ୍ଷ୍ୟ ନେଇ ଏହା ଏକ ଛୋଟ ପ୍ରୟାସ ବୋଲି ପାଣି ଗଣମାଧ୍ୟମକୁ କହିଛନ୍ତି। ସୂଚନା ଯୋଗ୍ୟ ଯେ,କରୋନା ମହାମାରୀ ସମୟରେ ପାଣି ପ୍ରଧାନମନ୍ତ୍ରୀ ରିଲିଫ ଫଣ୍ଡକୁ ତାଙ୍କ ଅଧିନସ୍ଥ ସଂସ୍ଥା 'ପାୱାର ଅଫ ଷ୍ଟକ୍ସ'ପକ୍ଷରୁ ୧୦ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ।



ଦିବ୍ୟାଙ୍ଗଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି।

# ଛାତ୍ର ଜୀବନରେ ସମୟାନୁବର୍ତ୍ତିତା ଆବଶ୍ୟକ

**ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷାରେ କୃତୀ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ**

ସମ୍ବଲପୁର,୧୮।୫(ବି.ଶଙ୍କର)

ସମ୍ବଲପୁର ସ୍ଥିତ ମଦନାବତୀ ପବ୍ଲିକ ସ୍କୁଲ ପକ୍ଷରୁ ସିବିଏସସି ଦଶମ ଓ ଦ୍ୱାଦଶ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଶନିବାର ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି । ସ୍କୁଲ ଅଧକ୍ଷା ଭାୱନ ଲାଠଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । ବିରାଟ ଶିକ୍ଷାନୁଷ୍ଠାନ ଅଧକ୍ଷ ରାହୁଲ ରାଜ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସଂପ୍ରତି ଛାତ୍ର ଜୀବନରେ ଶୃଙ୍ଖଳିତ, ସମୟାନୁବର୍ତ୍ତିତା ହେବା ନିହାତି ଆବଶ୍ୟକତା ରହିଛି । ଏଥିସହ ମାତାପିତା, ଶିକ୍ଷୟିତ୍ର, ଶିକ୍ଷକମାନଙ୍କ ଆଜ୍ଞାଧିନ ହେଲେ ଛାତ୍ରୀଛାତ୍ରମାନେ ସଫଳତା ଓ କୃତିତ୍ୱ ହାସଲ କରିଥାନ୍ତି। ସେହି ଛାତ୍ରୀଛାତ୍ରଙ୍କୁ କୌଣସି ଘାତ ପ୍ରତିଘାତ ଛୁଇଁ ପାରେ ନାହିଁ । ଯଦ୍ୱାରା ସେମାନେ ଉତ୍ତମ ନାଗରିକ ହେବା ସହ ରାଷ୍ଟ୍ର ନିର୍ମାଣରେ ବ୍ରତୀ ହୋଇଥାନ୍ତି ବୋଲି ରାହୁଲ ନିଜ ବକ୍ତବ୍ୟରେ କହିଥିଲେ। ସ୍କୁଲର ଟ୍ରଷ୍ଟି ଆଶିଷ ଲାଠ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ହେବା ସହ ଭବିଷ୍ୟତରେ ସଫଳତାର ଶୀର୍ଷକୁ ଛୁଇଁବାକୁ ଅଭିନନ୍ଦନ ଜଣାଇଥିଲେ । ଉତ୍ସବରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ କୃତକାର୍ଯ୍ୟ ହାସଲ କରିଥିବା ୨୩ ଛାତ୍ରୀଛାତ୍ରଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା । ଶେଷରେ ସ୍କୁଲ ପ୍ରିନ୍ସିପାଲ ବି.ଏନ.ନାଇଡୁ ଧନ୍ୟବାଦ ଅର୍ପଣ କରିଥିଲେ।



ସିବିଏସଇ ଦଶମ ଓ ଦ୍ୱାଦଶ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ।

